# "ପଠନ ପୁସ୍ତିକା"

## "ଗାଁ କଲ୍ୟାଣ ସମିତି ଓ ବିଶ୍ୱାସ ଅଭିଯାନ" ସମ୍ପର୍କରେ ଗାଁ କଲ୍ୟାଣ ସମିତି ସଭାପତି, ଆବାହିକା ଓ ସରପଞ୍ଚଙ୍କ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ


ଗୋଷ୍ଠୀ ପ୍ରକ୍ରିୟା ସାଧନ କେନ୍ଦ୍ର

**ଜାତୀୟ ସ୍ୱାସ୍ଥ୍ୟ ମିଶନ୍**

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ

ଓଡ଼ିଶା ସରକାର

# ଜାତୀୟ ସ୍ୱାସ୍ଥ୍ୟ ମିଶନ୍‌ରେ ଗାଁ କଲ୍ୟାଣ ସମିତିର ଭୂମିକା

ଗ୍ରାମାଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କ ପାଖରେ ଉନ୍ନତ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ଓ ସ୍ୱାସ୍ଥ୍ୟସେବାକୁ ବ୍ୟାପକ ରୂପେ ସଫଳତାର ସହିତ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ଭାରତ ସରକାରଙ୍କ ଦ୍ୱାରା ୧୧ ଏପ୍ରିଲ ୨୦୦୫ ମସିହାରେ ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ୍ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି । କେବଳ ଗ୍ରାମାଞ୍ଚଳରେ ସୀମିତ ନରହି ସହରାଞ୍ଚଳ ବସ୍ତିରେ ସ୍ୱାସ୍ଥ୍ୟ ସେବା ଉପଲବ୍ଧ କରିବାର ଲକ୍ଷ୍ୟନେଇ ୨୦୧୪ ମସିହାରେ ଏହାକୁ ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ନାମରେ ନାମିତ କରାଯାଇଛି ।

ଜନସାଧାରଣଙ୍କ ସହଯୋଗରେ ସ୍ଥାନୀୟ ଅଞ୍ଚଳର ସ୍ୱାସ୍ଥ୍ୟ, ପୁଷ୍ଟି ଓ ପରିମଳ ବ୍ୟବସ୍ଥାର ଉନ୍ନତି ଆଣିବା ପାଇଁ ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନର ଏକ ଅଂଶ ଭାବେ ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ଗାଁ କଲ୍ୟାଣ ସମିତିମାନ ଗଠନ କରାଯାଇଛି । ଗ୍ରାମାଞ୍ଚଳର ସ୍ୱାସ୍ଥ୍ୟ ସମସ୍ୟାକୁ ଚିହ୍ନଟ କରିବା ଓ ସମସ୍ୟାର ସମାଧାନ ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରି ଏକ ସୁସ୍ଥ ଗାଁ' ଗଠନ କରିବାରେ ଗାଁ କଲ୍ୟାଣ ସମିତିର ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ । ଗ୍ରାମାଞ୍ଚଳରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମକୁ ରୂପାୟନ କରିବା ଦିଗରେ ଗାଁ କଲ୍ୟାଣ ସମିତିର ଅଗ୍ରଣୀ ଭୂମିକା ରହିଛି ।

**ଗାଁ କଲ୍ୟାଣ ସମିତିର ସଭ୍ୟ / ସଭ୍ୟା :**

**ସଭାପତି (President)**

ସଂପୃକ୍ତ ରାଜସ୍ୱ ଗ୍ରାମ ଅନ୍ତର୍ଗତ ମହିଳା ୱାର୍ଡମେମ୍ବର (ଏକାଧିକ ମହିଳା ୱାର୍ଡମେମ୍ବର ଥିବାସ୍ଥଳେ ବୃହତ୍ତମ ୱାର୍ଡକୁ ପ୍ରତିନିଧିତ୍ୱ କରୁଥିବା ମହିଳା ୱାର୍ଡମେମ୍ବର)

ମହିଳା ୱାର୍ଡମେମ୍ବର ନଥିବା ସ୍ଥଳେ ଅଗ୍ରାଧିକାର ଭିତ୍ତିରେ ତଫସିଲଭୁକ୍ତ ଜାତି, ଉପଜାତି ବା ସାଧାରଣ ବର୍ଗର ୱାର୍ଡମେମ୍ବର ଓ କୌଣସି ବର୍ଗର ଏକାଧିକ ୱାର୍ଡମେମ୍ବର ଥିଲେ ସେମାନଙ୍କ ମଧ୍ୟରୁ ବୃହତ୍ତମ ୱାର୍ଡକୁ ପ୍ରତିନିଧିତ୍ୱ କରୁଥିବା ୱାର୍ଡମେମ୍ବର ।

**ଆବାହିକା (Convener)**

ରାଜସ୍ୱ ଗ୍ରାମ ଅନ୍ତର୍ଗତ ଅଙ୍ଗନୱାଡି କର୍ମୀ (ଏକାଧିକ ସ୍ଥଳେ ବରିଷ୍ଠ ଅଙ୍ଗନୱାଡି କର୍ମୀ)

ରାଜସ୍ୱ ଗ୍ରାମରେ ଅଙ୍ଗନୱାଡି କର୍ମୀ ନଥିବା ସ୍ଥଳେ, ନିକଟସ୍ଥ ଗାଁର ଅଙ୍ଗନୱାଡି କର୍ମୀ ସେହି ଗାଁରେ ସ୍ଥାୟୀ ଅଙ୍ଗନୱାଡି କର୍ମୀ ଦାୟିତ୍ୱ ନେବା ପର୍ଯ୍ୟନ୍ତ ଅସ୍ଥାୟୀ ଭାବରେ ଆବାହିକା ଦାୟିତ୍ୱ ନିର୍ବାହ କରିବେ ।

ଯଦି ଜଣେ ଅଙ୍ଗନୱାଡି କର୍ମୀ ଏକାଧିକ ଗାଁ କଲ୍ୟାଣ ସମିତିର ଆବାହିକା ଦାୟୀତ୍ୱରେ ଥିବେ, ତେବେ ସେହି ରାଜସ୍ୱ ଗ୍ରାମ ଅନ୍ତର୍ଗତ ଅତିରିକ୍ତ ଅଙ୍ଗନୱାଡି କର୍ମୀ ବା ମିନି ଅଙ୍ଗନୱାଡି କେନ୍ଦ୍ରର କର୍ମୀ ଅସ୍ଥାୟୀ ଭାବରେ ଗାଁ କଲ୍ୟାଣ ସମିତିର ଆବାହିକା ଦାୟିତ୍ୱ ନିର୍ବାହ କରିବେ ।

**ସୁଗମକାରୀ (Facilitator)**

ରାଜସ୍ୱ ଗ୍ରାମ ଅନ୍ତର୍ଗତ ଆଶା କର୍ମୀ (ଏକାଧିକ ସ୍ଥଳେ କାର୍ଯ୍ୟ ଆଧାରରେ ବରିଷ୍ଠ ଆଶାକର୍ମୀ) ସୁଗମକାରୀ ଭାବେ ଦାୟିତ୍ୱ ନିର୍ବାହ କରିବେ ।

**ଅନ୍ୟ ସଭ୍ୟସଭ୍ୟାବୃନ୍ଦ (Other Members)**

- ଆର୍.ଡବ୍ଲ୍ୟୁ.ଏସ୍.ଏସ୍.(R.W.S.S) ର ସ୍ୱାବଲମ୍ବୀ କାରିଗର

- ସର୍ବାଧିକ ସଞ୍ଚୟ ଥିବା ତିନୋଟି ମହିଳା ସ୍ୱୟଂ ସହାୟକ ଦଳର ପ୍ରତିନିଧି (ତଫସିଲଭୁକ୍ତ ଜାତି ଏବଂ ଉପଜାତିଙ୍କୁ ଅଗ୍ରାଧିକାର ଭିତ୍ତିରେ)
- ଗ୍ରାମରେ ପାଣି ପଞ୍ଚାୟତ ଗଠନ ହୋଇଥିବା ସ୍ଥଳେ ତାର ସଭାପତି (ଯଦି ଗ୍ରାମରେ ରହୁଥାନ୍ତି)
- ଗ୍ରାମ ଅନ୍ତର୍ଗତ ଯୁବକସଂଘ ବା ଗୋଷ୍ଠୀଭିତ୍ତିକ ସଂଗଠନର ଜଣେ ପ୍ରତିନିଧି
- ସମିତିର ସଦସ୍ୟମାନଙ୍କ ମଧ୍ୟରୁ ଯଦି କେହି ତଫସିଲଭୁକ୍ତ ଜାତି/ ଉପଜାତିର ହୋଇ ନଥାନ୍ତି ତେବେ ସଭାପତି ଉଭୟ ଗୋଷ୍ଠୀରୁ ଜଣେ ଲେଖାଏଁ ସଦସ୍ୟଙ୍କୁ ସମିତିର ସଭ୍ୟଭାବେ ମନୋନୀତ କରିବେ ।
- ସମିତି ଗଠନବେଳେ ଧ୍ୟାନ ଦେବା ଉଚିତ ଯେପରି ସେହି ରାଜସ୍ୱ ଗ୍ରାମର ସମସ୍ତ ପଡା / ସାହି ଅନ୍ତର୍ଭୁକ୍ତ ହେବା ସଙ୍ଗେ ସଙ୍ଗେ ସଂପୃକ୍ତ ରାଜସ୍ୱ ଗ୍ରାମର ସମସ୍ତ ଓ୍ୱାର୍ଡମେମ୍ବର, ଅଙ୍ଗନଓ୍ୱାଡି କର୍ମୀ ଓ ଆଶା କର୍ମୀ ଗାଁ କଲ୍ୟାଣ ସମିତିର ସଭ୍ୟ ଓ ସଭ୍ୟା ଭାବରେ  କାର୍ଯ୍ୟ କରିବେ ।

**ସଭାପତିଙ୍କ ଭୂମିକା :**

- ସମିତିର ନିୟମିତ ବୈଠକ ଡାକିବା ଓ ବୈଠକ ପରିଚାଳନା କରିବା । ଆବଶ୍ୟକସ୍ଥଳେ ଲିଖିତ ଭାବେ ଆବାହିକାଙ୍କ ଦ୍ୱାରା ବୈଠକ ଡକାଇବାର ବ୍ୟବସ୍ଥା କରିବା ।
- ସମିତି ମାଧ୍ୟମରେ ଗାଁ ସ୍ୱାସ୍ଥ୍ୟ ଯୋଜନା ପ୍ରସ୍ତୁତ କରିବା ତଥା ସମିତିର ବିଭିନ୍ନ କାର୍ଯ୍ୟକ୍ରମ ଗୁଡିକର ସାମୟିକ ସମୀକ୍ଷା କରିବା ।
- ବୈଠକର ବିବରଣୀ ସମ୍ବନ୍ଧରେ ସମସ୍ତ ସଭ୍ୟ ଓ ସଭ୍ୟାଙ୍କୁ ଯଥାଶୀଘ୍ର ଅବଗତ କରାଇବା ଓ କାର୍ଯ୍ୟକ୍ରମଗୁଡିକୁ ସୁଚାରୁରୂପେ କାର୍ଯ୍ୟକ୍ଷମ କରିବା ।
- ଗ୍ରାମ ପଞ୍ଚାୟତସ୍ତରୀୟ ବୈଠକରେ ନିୟମିତ ଯୋଗଦାନ କରିବା ଓ ନିଜ ଗାଁ କଲ୍ୟାଣ ସମିତିର ସମସ୍ୟାର ସମାଧାନ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିବା ।
- ଗାଁ କଲ୍ୟାଣ ସମିତିର ଜମାଖାତା ଆବାହିକାଙ୍କ ସହ ଯୁଗ୍ମ ଭାବେ ପରିଚାଳନା କରିବା ।
- ନିଜ ଗାଁ କଲ୍ୟାଣ ସମିତି 'ସୁସ୍ଥ ଗାଁ ପୁରସ୍କାର' ପାଇବା ନିମନ୍ତେ ପଦକ୍ଷେପ ନେବା ।
- ଗାଁ କଲ୍ୟାଣ ସମିତି ନିଜ ଖୋଲା ପାଣ୍ଠିରେ କେଉଁ କେଉଁ କାର୍ଯ୍ୟକ୍ରମଗୁଡିକ ନିଶ୍ଚିତ କରିବ ଓ କେଉଁ କେଉଁ କାର୍ଯ୍ୟକ୍ରମଗୁଡିକ କରିବ ନାହିଁ ସେ ବିଷୟରେ ସମସ୍ତ ସଭ୍ୟ ଓ ସଭ୍ୟାଙ୍କୁ ଅବଗତ କରାଇବା ।
- ଗାଁ କଲ୍ୟାଣ ସମିତିର ସମସ୍ତ ଖର୍ଚ୍ଚ "ଗାଁ ସ୍ୱାସ୍ଥ୍ୟ ଯୋଜନା ଆଧାରରେ" ନିଶ୍ଚିତ କରାଇବା ।
- ନିୟମିତ ଗାଁ ସ୍ୱାସ୍ଥ୍ୟ ଯୋଜନା ପ୍ରସ୍ତୁତ କରିବା ଓ ତା'ର ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ।
- ଗାଁ କଲ୍ୟାଣ ସମିତି ବିବରଣୀ ପୁସ୍ତିକାରେ ସମସ୍ତ ତଥ୍ୟ ଯେପରି ଲିପିବଦ୍ଧ ହୋଇପାରିବ ସେ ବିଷୟରେ ଆବାହିକାଙ୍କୁ ଅବଗତ କରାଇବା ।
- ଗାଁ କଲ୍ୟାଣ ସମିତିର ସମସ୍ତ ଖର୍ଚ୍ଚର ସଠିକ୍ ହିସାବ ସମସ୍ତ ସଭ୍ୟାଙ୍କୁ ଆବାହିକାଙ୍କ ଦ୍ୱାରା ଅବଗତ କରାଇବା ।
- ଗାଁ କଲ୍ୟାଣ ସମିତି ଖର୍ଚ୍ଚର ବିବରଣୀ ପ୍ରତ୍ୟେକ ମାସରେ ବ୍ଲକ ସ୍ୱାସ୍ଥ୍ୟ ଅଧିକାରୀଙ୍କ ପାଖରେ ଜମା କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିବା ।
- ସ୍ୱାସ୍ଥ୍ୟ କାନ୍ଥ ହେଉଛି ସ୍ୱାସ୍ଥ୍ୟ ସୂଚନା ଫଳକ, ଯେଉଁଥିରେ ଗାଁ କଲ୍ୟାଣ ସମିତିର ସଭ୍ୟ/ ସଭ୍ୟାଙ୍କ ନାମ ଏବଂ ମାସିକ କାର୍ଯ୍ୟସୂଚୀ ସ୍ଥାନ ପାଇଥାଏ । ଗାଁ କଲ୍ୟାଣ ସମିତିର ସୁଗମକାରୀ- ଆଶା (Facilitator) ନିୟମିତ ସ୍ୱାସ୍ଥ୍ୟ କାନ୍ଥରେ ସ୍ୱାସ୍ଥ୍ୟ ବାର୍ତ୍ତା ଲେଖାଯାଇଥିବା ବିଷୟରେ ନିଶ୍ଚିତ କରାଇବା ।

- ଗାଁ କଲ୍ୟାଣ ସମିତି ସମସ୍ତ ବୈଠକ, ଖର୍ଚ୍ଚ ଓ ପରିଚାଳନା ନିୟମାବଳୀ ଆଧାରରେ କାର୍ଯ୍ୟକ୍ଷମ କରାଇବା ।
- ଗାଁର ମୁଖ୍ୟ ସମସ୍ୟା ଯଥା- ସ୍ୱାସ୍ଥ୍ୟ, ପୁଷ୍ଟି ଓ ପରିମଳ ବ୍ୟବସ୍ଥାରେ ଉନ୍ନତି ଆଣିବା ଓ ସମସ୍ତ ସେବାକୁ ଜନସାଧାରଣଙ୍କ ପାଖରେ ସୂଚାରୁରୂପେ ପହଞ୍ଚାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିବା ।

ଆବାହିକାଙ୍କ ଭୂମିକା :

- ବୈଠକ ସମ୍ପର୍କରେ ସୂଚନା ସମସ୍ତ ସଭ୍ୟ ଓ ସଭ୍ୟାଙ୍କ ପାଖରେ ପହଞ୍ଚାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିବା । ବୈଠକରେ ସମସ୍ତ ସଭ୍ୟ ଓ ସଭ୍ୟାଙ୍କର ଉପସ୍ଥିତିକୁ ସୁନିଶ୍ଚିତ କରିବେ ।
- ବୈଠକରେ ବିବରଣୀ ଲିପିବଦ୍ଧ କରିବା, ରୋକଡ ବହି (କ୍ୟାସ ବୁକ୍) ପରିଚାଳନା କରିବା, ଗାଁ ସ୍ୱାସ୍ଥ୍ୟ ଯୋଜନା ପ୍ରସ୍ତୁତି ଓ ରୂପାୟନକୁ ତ୍ୱରାନ୍ୱିତ କରିବା, ମାସିକ ଖର୍ଚ୍ଚ ବିବରଣୀ ଓ ବିନିଯୋଗ ପତ୍ର ବ୍ଲକ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ପ୍ରଦାନ କରିବେ ।
- ଗାଁ କଲ୍ୟାଣ ସମିତିର ଜମାଖାତା ସଭାପତିଙ୍କ ସହ ଯୁଗ୍ମ ଭାବେ ପରିଚାଳନା କରିବେ ।

ଆଶାଙ୍କ ଭୂମିକା :

- ସମିତି ଗଠନ ଓ ବୈଠକର ସୂଚନା ଗ୍ରାମବାସୀ ଏବଂ ସଭ୍ୟ ଓ ସଭ୍ୟାଙ୍କ ପାଖରେ ପହଞ୍ଚାଇବେ ।
- ସମିତିର କାର୍ଯ୍ୟ ପରିଚାଳନା ଓ ମାସିକ ବୈଠକ ଆୟୋଜନରେ ଆବାହିକାଙ୍କୁ ସହାୟତା ପ୍ରଦାନ କରିବେ ।
- ଗାଁ ସ୍ୱାସ୍ଥ୍ୟ ସମସ୍ୟା ସମ୍ପର୍କରେ ବୈଠକକୁ ଅବଗତ କରାଇବେ ।
- ଗାଁ ସ୍ୱାସ୍ଥ୍ୟ ଯୋଜନା ପ୍ରସ୍ତୁତି ଓ ରୂପାୟନରେ ସହାୟତା ପ୍ରଦାନ କରିବେ ।
- ବିବରଣୀ ଲିଖନରେ ଆବାହିକାଙ୍କୁ ସହାୟତା ପ୍ରଦାନ କରିବେ ।
- ନିୟମିତ ସ୍ୱାସ୍ଥ୍ୟ ସମ୍ପର୍କିତ ବାର୍ତ୍ତାକୁ ସ୍ୱାସ୍ଥ୍ୟ କାନ୍ଥରେ ଲେଖିବାକୁ ନିଶ୍ଚିତ ମନେ କରିବେ ।

ଗାଁ କଲ୍ୟାଣ ସମିତିର ବୈଠକ ପରେ ଗାଁର ମହିଳା ଓ କିଶୋରୀ ବାଳିକାମାନଙ୍କ ଉପସ୍ଥିତିରେ ଏକ ବୈଠକ ଆୟୋଜନ କରିବେ ଯେଉଁଠାରେ ପୋଷଣ, ପ୍ରଜନନ ଓ ଶିଶୁସ୍ୱାସ୍ଥ୍ୟ, ପରିମଳ ଓ ପରିଚ୍ଛନ୍ନତା, ସ୍ତନ୍ୟପାନ, ପରିବାର ନିୟୋଜନ ଓ ନାରୀ ଶିକ୍ଷା ଇତ୍ୟାଦି ବିଷୟରେ ଆଲୋଚନା କରିବେ ।

ଗାଁ କଲ୍ୟାଣ ସମିତି ନିମନ୍ତେ ଆର୍ଥିକ ପ୍ରୋତ୍ସାହନ :

**ପ୍ରଥମ ଉତ୍ସ :**

ଜାତୀୟ ସ୍ୱାସ୍ଥ୍ୟ ମିଶନ ଅନ୍ତର୍ଗତ ଖୋଲାପାଣ୍ଠି ଅନୁଦାନ ।

ସମିତି ତାର ଯୋଜନା ମତେ କାର୍ଯ୍ୟକ୍ରମମାନ କାର୍ଯ୍ୟକାରୀ କରିବା ପାଇଁ ଜାତୀୟ ସ୍ୱାସ୍ଥ୍ୟ ମିଶନ ତରଫରୁ ବାର୍ଷିକ ୧୦,୦୦୦/- (ଦଶ ହଜାର) ଟଙ୍କାର ଖୋଲାପାଣ୍ଠି ଅନୁଦାନ ଲାଭ କରିଥାଏ ।

**ଦ୍ୱିତୀୟ ଉତ୍ସ :**

କେତେକ କ୍ଷେତ୍ରରେ ସମିତି ନିଜସ୍ୱ ପାଣ୍ଠି ସଂଗ୍ରହ କରିଥାଏ ଯାହା କାର୍ଯ୍ୟକ୍ରମଗୁଡିକୁ କାର୍ଯ୍ୟକାରୀ କରିବା ନିମନ୍ତେ ପ୍ରଥମ ଉତ୍ସ ବ୍ୟତିରେକ ହେଉଥିବା ନିଅଣ୍ଟକୁ ଭରଣା କରିଥାଏ । ଏହି ପାଣ୍ଠି ସମିତିର ନିଜସ୍ୱ ଉଦ୍ୟମରେ ହୋଇଥାଏ । ଯେପରିକି ଆଗ୍ରହୀ ବ୍ୟକ୍ତି ବିଶେଷ, ଅନୁଷ୍ଠାନ ଓ ଅନ୍ୟାନ୍ୟ ସୂତ୍ରରୁ ଅନୁଦାନ ସଂଗ୍ରହ ଇତ୍ୟାଦି କେଉଁ କେଉଁ ଉତ୍ସରୁ ସମିତି ସମ୍ବଳ ସଂଗ୍ରହ କରିବ ତାହା ସମିତି ଉପରେ ନିର୍ଭର କରିଥାଏ ।

# ଗାଁ ସ୍ୱାସ୍ଥ୍ୟ ଦିବସ

## (ପ୍ରତି ମାସର ଶେଷ ଗୁରୁବାର, ଆପଣଙ୍କ ଗାଁରେ)

ଗୋଷ୍ଠୀ ସହଭାଗିତାରେ ସ୍ଥାନୀୟ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ କରିବା ପାଇଁ ପ୍ରତି ରାଜସ୍ୱ ଗ୍ରାମରେ ଗାଁ କଲ୍ୟାଣ ସମିତି ଗଠନ କରାଯାଇଛି । ଗାଁର ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ଆଲୋଚନା କରି ଏହାର ସମାଧାନର ବାଟ ବାହାର କରିବା ଓ ସେ ଦିଗରେ ପଦକ୍ଷେପ ନେବା ପାଇଁ ପ୍ରତି ଗ୍ରାମରେ ଗାଁ କଲ୍ୟାଣ ସମିତିର ବୈଠକ ଅନୁଷ୍ଠିତ ହେଉଛି ।

ଏହି ଧାରାକୁ ସୁସଂଗଠିତ ଓ ଶୃଙ୍ଖଳିତ କରିବା ପାଇଁ ରାଜ୍ୟର ସମସ୍ତ ଗାଁ କଲ୍ୟାଣ ସମିତିର ବୈଠକ ପ୍ରତି ମାସର ଶେଷ ଗୁରୁବାର ଦିନ ଅନୁଷ୍ଠିତ ହେବା ପାଇଁ ଧାର୍ଯ୍ୟ କରାଯାଇଛି । ଏହି ଦିବସକୁ ''ଗାଁ ସ୍ୱାସ୍ଥ୍ୟ ଦିବସ''ର ମାନ୍ୟତା ପ୍ରଦାନ କରାଯାଇଛି । ନିୟମିତ ଭାବେ ଏକ ନିର୍ଦ୍ଦିଷ୍ଟ ଦିବସରେ ଗାଁ କଲ୍ୟାଣ ସମିତିର ବୈଠକ ଅନୁଷ୍ଠିତ କରି ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ଦିଗରେ ଯୋଜନା ପ୍ରସ୍ତୁତ, ଏହାର କାର୍ଯ୍ୟକାରିତା ଓ ତଦାରଖ କରିବାରେ ଏହି ଦିବସ ସହାୟକ ହୋଇଥାଏ ।

**ଗାଁ ସ୍ୱାସ୍ଥ୍ୟ ଦିବସରେ ନିମ୍ନଲିଖିତ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବ ।**

ଗାଁ କଲ୍ୟାଣ ସମିତି ଅଧିନସ୍ଥ ସମସ୍ତ ସଂଲଗ୍ନ ଗ୍ରାମ/ପଡ଼ାର ସଦସ୍ୟ / ସଦସ୍ୟା ତଥା ସମାଜର ସବୁ ବର୍ଗର ପ୍ରତିନିଧିମାନଙ୍କର ଅଂଶଗ୍ରହଣରେ ଗାଁ କଲ୍ୟାଣ ସମିତିର ମାସିକ ବୈଠକ ।

- ବୈଠକର ବିବରଣୀ ଲିପିବଦ୍ଧ ।
- ଗାଁର ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ଆଲୋଚନା

ପ୍ରସ୍ତୁତ ସ୍ୱାସ୍ଥ୍ୟ ଯୋଜନା ଅନୁଯାୟୀ ନିଆଯାଇଥିବା ପଦକ୍ଷେପଗୁଡ଼ିକର ତଦାରଖ ଓ ତ୍ରୟମାସିକ ଭିତ୍ତିରେ ଯୋଜନାର ନବୀକରଣ

- ସ୍ୱାସ୍ଥ୍ୟ କାନ୍ଥରେ ଋତୁକାଳୀନ ସ୍ୱାସ୍ଥ୍ୟ ବାର୍ତ୍ତା ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସୂଚନାମାନ ଲେଖିବା
- ଗତ ମାସରେ ଗାଁରେ ହୋଇଥିବା ଜନ୍ମ ଓ ମୃତ୍ୟୁର ବିଶ୍ଳେଷଣ

ସ୍ୱାସ୍ଥ୍ୟ ଅନୁଷ୍ଠାନରେ ପ୍ରସବ ନିମନ୍ତେ ଯୋଜନା, ମମତା ଦିବସର ଆୟୋଜନ, ଚିକିତ୍ସା ନିମନ୍ତେ ପ୍ରେରଣ ତଥା ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଅନ୍ୟାନ୍ୟ କାର୍ଯ୍ୟକ୍ରମ

ଗାଁ ସ୍ୱାସ୍ଥ୍ୟ ଦିବସର ଫଳପ୍ରଦ ରୂପାୟନ ଦ୍ୱାରା ଆମେ ଉପଲବ୍ଧ ସ୍ୱାସ୍ଥ୍ୟ ସେବାର ସର୍ବାଧିକ ଉପଯୋଗ କରିପାରିବା ତଥା ଉତ୍ତମ ସ୍ୱାସ୍ଥ୍ୟ ଆଚରଣ ପାଇଁ ଲୋକମାନଙ୍କୁ ପ୍ରୋତ୍ସାହନ ପ୍ରଦାନ କରି ସୁସ୍ଥ ଗାଁ, ସୁସ୍ଥ ପଞ୍ଚାୟତ ଓ ସୁସ୍ଥ ଓଡ଼ିଶାର ସ୍ୱପ୍ନକୁ ସାକାର କରିପାରିବା ।

# ଗାଁ ସ୍ୱାସ୍ଥ୍ୟ ଯୋଜନା

ଗାଁରେ ଦେଖାଯାଉଥିବା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ନିମନ୍ତେ ଗାଁ କଲ୍ୟାଣ ସମିତି ଦ୍ୱାରା ଏକ ସହଭାଗୀ ସ୍ୱାସ୍ଥ୍ୟ ଯୋଜନା ବର୍ଷକୁ ଏକ କାଳିନ ପ୍ରସ୍ତୁତ ହେବା ସହିତ ତ୍ରୟମାସିକ ଭିତ୍ତିରେ ଏହାର ସାଂପ୍ରତିକିକରଣ କରାଯିବ ।

ବାର୍ଷିକ ସ୍ୱାସ୍ଥ୍ୟ ଯୋଜନା ପ୍ରସ୍ତୁତ ସମୟରେ ଗାଁର ସ୍ୱାସ୍ଥ୍ୟ, ପୁଷ୍ଟି, ପରିମଳ ଏବଂ ତତ୍ ସମ୍ପର୍କିତ ବିଭିନ୍ନ ସମସ୍ୟା ଗୁଡ଼ିକୁ ଚିହ୍ନଟ କରି ଏହାର ସମାଧାନ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଗୁଡ଼ିକୁ ଗାଁ ସ୍ୱାସ୍ଥ୍ୟ ଯୋଜନାରେ ଉଲ୍ଲେଖ କରନ୍ତୁ । ନିମ୍ନ ପ୍ରଦତ୍ତ ସାରଣୀ ଅନୁସାରେ ସ୍ୱାସ୍ଥ୍ୟ ଯୋଜନା ପ୍ରସ୍ତୁତ ହେବ ।

### ବାର୍ଷିକ ସ୍ୱାସ୍ଥ୍ୟ ଯୋଜନା

| ସମସ୍ୟା | କାର୍ଯ୍ୟକ୍ରମ | ସମୟ ସାରଣୀ | | ବ୍ୟୟ ଅଟକଳ | ଦାୟିତ୍ୱରେ ଥିବା ବ୍ୟକ୍ତି | ସାହାଯ୍ୟକାରୀ ବ୍ୟକ୍ତି |
|---|---|---|---|---|---|---|
| | | ଆରମ୍ଭ ସମୟ | କେବେ ସମ୍ପୂର୍ଣ୍ଣ ହେବ | | | |
| | | | | | | |

ସ୍ୱାସ୍ଥ୍ୟ ଯୋଜନାର ସଫଳ ରୂପାୟନ ପାଇଁ ତ୍ରୟମାସିକ ଭିତ୍ତିରେ ଯୋଜନାର ଅଗ୍ରଗତି ଏବଂ ନୂତନଭାବେ ଦେଖାଯାଉଥିବା ସମସ୍ୟା ଗୁଡ଼ିକର ସମାଧାନ ପାଇଁ ପ୍ରତି ତିନି ମାସରେ ଥରେ ସ୍ୱାସ୍ଥ୍ୟ ଯୋଜନାର ସାଂପ୍ରତିକିକରଣ କରାଯିବ । ନିମ୍ନ ପ୍ରଦତ୍ତ ସାରଣୀ ଅନୁସାରେ ତ୍ରୟମାସିକ ସ୍ୱାସ୍ଥ୍ୟ ଯୋଜନାର ସାଂପ୍ରତିକିକରଣ କରାଯିବ ।

### ତ୍ରୟମାସିକ ସ୍ୱାସ୍ଥ୍ୟ ଯୋଜନାର ସାଂପ୍ରତିକିକରଣ (updation):

| ସମସ୍ୟା | କାର୍ଯ୍ୟକ୍ରମ | ଅସମ୍ପୂର୍ଣ୍ଣ/ ନୂତନ | ସମୟ ସାରଣୀ | | ବ୍ୟୟ ଅଟକଳ | ଦାୟିତ୍ୱରେ ଥିବା ବ୍ୟକ୍ତି | ସାହାଯ୍ୟକାରୀ ବ୍ୟକ୍ତି |
|---|---|---|---|---|---|---|---|
| | | | ଆରମ୍ଭ ସମୟ | କେବେ ସମ୍ପୂର୍ଣ୍ଣ ହେବ | | | |
| | | | | | | | |

**ସମିତିର ସମସ୍ତ ଖର୍ଚ୍ଚ ଗାଁ ସ୍ୱାସ୍ଥ୍ୟ ଯୋଜନା ଆଧାରରେ ଓ ଅନୁମୋଦନ କ୍ରମେ ହେବା ସହିତ ଏହି ସ୍ୱାସ୍ଥ୍ୟ ଯୋଜନାକୁ ପ୍ରସ୍ତୁତ କରାଯାଇ ଆବାହିକା ନିଜ ପାଖରେ ରଖିବେ । ଏହାର ଏକ ଅବିକଳ ନକଲ ଅଙ୍ଗନୱାଡ଼ି କେନ୍ଦ୍ରରେ ସର୍ବସାଧାରଣଙ୍କ ସୂଚନା ନିମନ୍ତେ ପ୍ରଦର୍ଶିତ କରାଯିବ ।**

# ବାର୍ଷିକ ଗାଁ ସ୍ୱାସ୍ଥ୍ୟ ଯୋଜନା ପ୍ରସ୍ତୁତି

ଆର୍ଥିକ ବର୍ଷ: ____________

ପ୍ରସ୍ତୁତି ତାରିଖ: ____________

| ସମସ୍ୟା | କାର୍ଯ୍ୟକ୍ରମ | ସମୟ ସାରଣୀ | | ବ୍ୟୟ ଅଟକଳ | ଦାୟିତ୍ୱରେ ଥିବା ବ୍ୟକ୍ତି | ସାହାଯ୍ୟକାରୀ ବ୍ୟକ୍ତି |
|---|---|---|---|---|---|---|
| | | ଆରମ୍ଭ ସମୟ | କେବେ ସମ୍ପୂର୍ଣ୍ଣ ହେବ | | | |
| ସ୍ୱାସ୍ଥ୍ୟ ସମ୍ବନ୍ଧୀୟ | | | | | | |
| | | | | | | |
| | | | | | | |
| | | | | | | |
| | | | | | | |
| | | | | | | |
| | | | | | | |
| ପୁଷ୍ଟି ସମ୍ବନ୍ଧୀୟ | | | | | | |
| | | | | | | |
| | | | | | | |
| | | | | | | |
| | | | | | | |
| | | | | | | |
| | | | | | | |

| ସମସ୍ୟା | କାର୍ଯ୍ୟକ୍ରମ | ସମୟ ସାରଣୀ | | ବ୍ୟୟ ଅଟକଳ | ଦାୟିତ୍ୱରେ ଥିବା ବ୍ୟକ୍ତି | ସାହାଯ୍ୟକାରୀ ବ୍ୟକ୍ତି |
|---|---|---|---|---|---|---|
| | | ଆରମ୍ଭ ସମୟ | କେବେ ସମ୍ପୂର୍ଣ୍ଣ ହେବ | | | |
| ପରିମଳ ସମ୍ବନ୍ଧୀୟ | | | | | | |
| | | | | | | |
| | | | | | | |
| | | | | | | |
| | | | | | | |
| | | | | | | |
| | | | | | | |
| ଅନ୍ୟାନ୍ୟ | | | | | | |
| | | | | | | |
| | | | | | | |
| | | | | | | |
| | | | | | | |
| | | | | | | |
| | | | | | | |

ସୁଗମକାରୀ (ଆଶା)
ଗାଁ କଲ୍ୟାଣ ସମିତି

ଆବାହିକା (ଅଙ୍ଗନୱାଡ଼ି କର୍ମୀ)
ଗାଁ କଲ୍ୟାଣ ସମିତି

ସଭାପତି (ୱାର୍ଡ଼ମେମ୍ବର)
ଗାଁ କଲ୍ୟାଣ ସମିତି

# ଗାଁ କଲ୍ୟାଣ ସମିତି ମାସିକ ବୈଠକର
# ମୁଖ୍ୟ ଆଲୋଚ୍ୟ ବିଷୟବସ୍ତୁ

ଗ୍ରାମୀଣ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ପ୍ରତ୍ୟେକ ରାଜସ୍ୱ ଗ୍ରାମରେ 'ଗାଁ କଲ୍ୟାଣ ସମିତି' ମାନ ଗଠନ କରାଯାଇଛି । ଲୋକମାନଙ୍କର ସହଯୋଗରେ ସ୍ଥାନୀୟ ଅଞ୍ଚଳରେ ସ୍ୱାସ୍ଥ୍ୟ, ପୁଷ୍ଟି ଓ ପରିମଳ ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ ଜାତୀୟ ସ୍ୱାସ୍ଥ୍ୟ ମିଶନର ଏକ ଅଂଶବିଶେଷ ଭାବରେ ଗ୍ରାମାଞ୍ଚଳର ସ୍ୱାସ୍ଥ୍ୟ ସମସ୍ୟାକୁ ଚିହ୍ନଟ କରିବା ସହିତ ଓ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରି ଏକ ସୁସ୍ଥ ଗାଁ ଗଠନ କରିବାରେ ଗାଁ କଲ୍ୟାଣ ସମିତିର ଭୂମିକା ଗୁରୁତ୍ୱପୂର୍ଣ୍ଣ । ସ୍ଥାନୀୟ ସ୍ୱାସ୍ଥ୍ୟ ସମସ୍ୟାର ଚିହ୍ନଟୀକରଣ ଓ ଆବଶ୍ୟକୀୟ ପଦକ୍ଷେପ ନେବା ତଥା ଏଥିପାଇଁ କାର୍ଯ୍ୟପନ୍ଥା ସ୍ଥିର କରିବା ନିମନ୍ତେ ପ୍ରତ୍ୟେକ ମାସରେ ଗାଁ କଲ୍ୟାଣ ସମିତିର ବୈଠକ ହୋଇଥାଏ ।ଗାଁ କଲ୍ୟାଣ ସମିତିର ମାସିକ ବୈଠକରେ ଆଲୋଚିତ ହେବାକୁ ଥିବା ମୁଖ୍ୟ ବିଷୟ ବସ୍ତୁ ।

## ଶିଶୁ ସ୍ୱାସ୍ଥ୍ୟ

- ଶିଶୁ ସ୍ୱାସ୍ଥ୍ୟ ଓ ୦-୫ ବର୍ଷ ଶିଶୁ ପାଇଁ ଉପଲବ୍ଧ ସ୍ୱାସ୍ଥ୍ୟ ସେବା ବିଷୟରେ ଆଲୋଚନା କରିବା ।
- ନବଜାତ ଶିଶୁର ଜନ୍ମ ଟୀକା କରଣ ଓ ନବଜାତ ଶିଶୁ ପାଇଁ ଗୃହ ପରିଦର୍ଶନ ବିଷୟରେ ଆଲୋଚନା କରିବା ।
- ଏସ୍ ଏନ୍ ସିୟୁ (SNCU), ଏନ୍ ଆର ସି (NRC), ମମତା ଦିବସ (VHND) ଓ ସ୍ୱାସ୍ଥ୍ୟ ଉପକେନ୍ଦ୍ର (Sub Centre) ସ୍ତରରେ ବିନା ମୂଲ୍ୟରେ ଉପଲବ୍ଧ ଶିଶୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଷୟରେ ଆଲୋଚନା କରିବା ।
- ଗାଁରେ କୌଣସି ଅନ୍ଧବିଶ୍ୱାସ ପ୍ରଥା ପ୍ରଚଳିତ ଥିଲେ, ପ୍ରଚଳିତ ଅନ୍ଧବିଶ୍ୱାସ ପ୍ରଥାଦ୍ୱାରା ଶିଶୁ ସ୍ୱାସ୍ଥ୍ୟ ଉପରେ ପଡୁଥିବା କୁ ପ୍ରଭାବ ବିଷୟରେ ଆଲୋଚନା କରିବା ସହିତ ବିନା ମୂଲ୍ୟରେ ମିଳୁଥିବା ଆଧୁନିକ ସ୍ୱାସ୍ଥ୍ୟ ସେବା ବିଷୟରେ ସଚେତନ କରିବା ।
- ସମ୍ପୂର୍ଣ୍ଣ ଟୀକାକରଣର ଉପକାରିତା ବିଷୟରେ ସଚେତନ କରିବା ସହିତ ସମ୍ପୂର୍ଣ୍ଣ ଟୀକାକରଣ ପାଇଁ ଉତ୍ସାହିତ କରିବା ।
- ଶିଶୁ ଅପପୁଷ୍ଟିର ଲକ୍ଷଣ, ଫଳାଫଳ ଓ ତାର ନିରାକରଣ ବିଷୟରେ ସଚେତନ କରିବା ।
- ଘରୋଇ ପ୍ରସବ କ୍ଷେତ୍ରରେ ଶିଶୁର ଓଜନ ୨.୫ କିଗ୍ରାରୁ କମ୍ ହୋଇଥିଲେ ନିକଟସ୍ଥ ସ୍ୱାସ୍ଥ୍ୟ ଅନୁଷ୍ଠାନକୁ ପଠେଇବାର ବ୍ୟବସ୍ଥା କରିବା ।
- ୦-୫ ବର୍ଷ ମଧ୍ୟରେ କୌଣସି ଶିଶୁଙ୍କର ମୃତ୍ୟୁ ହୋଇଥିଲେ, ତାର କାରଣ, ଲକ୍ଷଣ ଓ ଏହିଭଳି ଘଟଣାର ପୁନରାବୃତ୍ତି ନହେବା ପାଇଁ ପଦକ୍ଷେପ ନେବା ।

## କୈଶୋର ସ୍ୱାସ୍ଥ୍ୟ :

- (୧୦-୧୯ ବର୍ଷ) ମଧ୍ୟରେ ଥିବା ସମସ୍ତ କୈଶୋର ମାନଙ୍କୁ ଗାଁ କଲ୍ୟାଣ ସମିତି ବୈଠକକୁ ନିୟମିତ ଆସିବା ପାଇଁ ପଦକ୍ଷେପ ନେବା ।
- କୈଶୋର ସ୍ୱାସ୍ଥ୍ୟ ବିଷୟରେ ଆଲୋଚନା କରିବା ସହିତ ରକ୍ତହୀନତାର କାରଣ ଓ ତାର ଉପଚାର ବିଷୟରେ ସଚେତନ କରିବା ।

- ୧୮ ବର୍ଷ ପୂର୍ବରୁ ବିବାହ କଲେ କଣ କଣ ଜଟିଳ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୋବକୁ ପଡେ ସେ ବିଷୟରେ ସଚେତନ କରିବା ।
- STD/RTI/STI/HIVର କାରଣ ଓ ଲକ୍ଷଣ ବିଷୟରେ ସଚେତନ କରିବା ସହିତ ଏହି ସବୁ ରୋଗରୁ ଦୂରେଇ ରହିବା ପାଇଁ ପରାମର୍ଶ ଦେବା ।
- ମମତା ଦିବସ (VHND) ଓ ସ୍ୱାସ୍ଥ୍ୟ ଉପକେନ୍ଦ୍ର (Sub Centre) ସ୍ତରରେ ବିନା ମୂଲ୍ୟରେ ମିଳୁଥିବା ସ୍ୱାସ୍ଥ୍ୟ ସେବା ବିଷୟରେ ସଚେତନ କରିବା ।
- ରକ୍ତହୀନତାର ଶିକାର ହୋଇଥିଲେ ଆୟୋଡିନ୍‌ଯୁକ୍ତ ଲୁଣରେ ରନ୍ଧା ଖାଦ୍ୟ ଖାଇବା ସହିତ ଆଇରନ୍ ଫଲିକ୍ ଏସିଡ୍ ଟାବଲେଟ୍ ଖାଇବା ପାଇଁ ସଚେତନ କରିବା ।
- ଋତୁସ୍ରାବ ସମୟରେ ବ୍ୟକ୍ତିଗତ ପରିଚ୍ଛନ୍ନତା ଉପରେ ଗୁରୁତ୍ୱ ଦେବା ସହିତ ଓ ସ୍ୱାସ୍ଥ୍ୟ ଉପରେ ଏହାର କୁପ୍ରଭାବ ବିଷୟରେ ସଚେତନ କରିବା ।

## ମାତୃ ସ୍ୱାସ୍ଥ୍ୟ

- ଗାଁରେ କୌଣସି ମହିଳା ଗର୍ଭବତୀ ଅଛନ୍ତି ବୋଲି ଜାଣିବା ମାତ୍ରେ ତୁରନ୍ତ ପଞ୍ଜୀକରଣ କରାଇ ଟିଟି-୧ ଦେବାର ବ୍ୟବସ୍ଥା କରିବା ।
- ଗର୍ଭଧାରଣ, ଗର୍ଭବସ୍ଥା ଓ ପ୍ରସବ ପରବର୍ତ୍ତୀ ଅବସ୍ଥାରେ ସ୍ୱାସ୍ଥ୍ୟ ଗତ ଜଟିଳତା ବିଷୟରେ ସଚେତନ କରିବା । ଯଥା - ଉଚ୍ଚ ରକ୍ତଚାପ, ରକ୍ତକ୍ଷରଣ, ବାତ ମାରିବା, ରକ୍ତହୀନତା, ଗୋଡ ହାତ ଫୁଲିବା, ଜ୍ୱର ହେବା ଓ ବାରମ୍ବାର ଗର୍ଭପାତ ହେବା ଇତ୍ୟାଦି ।
- ମମତା ଦିବସ (VHND) ଓ ସ୍ୱାସ୍ଥ୍ୟ ଉପକେନ୍ଦ୍ର (Sub Centre) ସ୍ତରରେ ବିନା ମୂଲ୍ୟରେ ଉପଲବ୍ଧ ମାତୃ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସେବା ବିଷୟରେ ସଚେତନ କରିବା ସହିତ ତାର ଉପଯୁକ୍ତ ବ୍ୟବହାର ପାଇଁ ପଦକ୍ଷେପ ନେବା ।
- ଗର୍ଭବସ୍ଥାରେ କଣ କଣ ସ୍ୱାସ୍ଥ୍ୟ ପରୀକ୍ଷା କରିବାର ଆବଶ୍ୟକତା ରହିଛି, ସେ ବିଷୟରେ ଆଲୋଚନା କରିବା । ଯଥା - ଗର୍ଭବସ୍ଥାରେ ଅନ୍ତତଃ ପକ୍ଷେ ୪ଥର ଗର୍ଭ ପରୀକ୍ଷା କରିବା, ଟିଟି ନେବା, ହିମୋଗ୍ଲୋବିନ ପରୀକ୍ଷା, ପରିସ୍ରା ପରୀକ୍ଷା, ରକ୍ତଚାପ, ରକ୍ତ ଶର୍କରା ଓ ଓଜନ ମାପିବା ଇତ୍ୟାଦି ।

**ଗର୍ଭବସ୍ଥାରେ କଣ କରିବା ଦରକାର ଓ କଣ କରିବା ନାହିଁ ସେ ବିଷୟରେ ସଚେତନ କରିବା । ଯଥା -**

| କଣ କରିବା | କଣ କରିବା ନାହିଁ |
|---|---|
| ପୋଷଣଯୁକ୍ତ ଖାଦ୍ୟ ଖାଇବା | ନିଶା ଦ୍ରବ୍ୟରୁ ଦୂରେଇ ରହିବା |
| ଯଥେଷ୍ଟ ବିଶ୍ରାମ ନେବା | ବେଶି କାମ କରିବା ନାହିଁ |
| ନିୟମିତ ଗର୍ଭଜନିତ ସମସ୍ତ ପରୀକ୍ଷା କରିବା | ବେଶି ସମୟ ଭୋକିଲା ରହିବା ନାହିଁ |
| ଅନୁଷ୍ଠାନରେ ପ୍ରସବ କରିବା | ଘରୋଇ ପ୍ରସବ କରିବା ନାହିଁ |

- ଗର୍ଭବସ୍ଥାରେ କଣ କଣ ଖାଦ୍ୟ ଖାଇବା ଦରକାର ସେ ବିଷୟରେ ଧାରଣା ଦେବା ।
- ରକ୍ତହୀନତାର ଶିକାର ହୋଇଥିଲେ ଆଇରନ୍ ଫୋଲିକ୍‌ଏସିଡ୍ ଟାବ୍‌ଲେଟ୍ କିମ୍ବା ଆଇରନ ସିରପ ଖାଇବା ଉପରେ ଧ୍ୟାନ ଦେବା ।

- ମା' କ୍ଷୀର (କଷ କ୍ଷୀର) ର ଉପକାରିତା ବିଷୟରେ ପ୍ରାଧାନ୍ୟ ଦେବା ।
- ଆନୁଷ୍ଠାନିକ ପ୍ରସବର ଉପକାରିତା ଉପରେ ଗୁରୁତ୍ୱ ଦେବା ସହିତ ୧୦୮ ଓ ୧୦୨ର ଆବଶ୍ୟକତା ବିଷୟରେ ସଚେତନ କରିବା ।
- "ମା ଗୃହ" କ'ଣ ଓ ତାର ଉପକାରିତା ବିଷୟରେ ସଚେତନ କରିବା ସହିତ ଆବଶ୍ୟକସ୍ଥଳେ ପ୍ରସବ ପୂର୍ବରୁ ଗର୍ଭବତୀ ମହିଳାଙ୍କୁ 'ମା ଗୃହ' କୁ ପଠେଇବାର ବ୍ୟବସ୍ଥା କରିବା ।
- JSY, JSSK, MAMATA ଓ ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ ଯୋଜନାରେ ମିଳୁଥିବା ସୁବିଧା ବିଷୟରେ ଆଲୋଚନା କରିବା ସହିତ ସୁବିଧାର ସଦୁପଯୋଗ ଉପରେ ଗୁରୁତ୍ୱ ଦେବା ।
- ''ଛୋଟ ପରିବାର ସୁଖୀ ପରିବାର''ର ପ୍ରାଧାନ୍ୟ ବିଷୟରେ ସଚେତନ କରିବା ।
- ୧୮ ବର୍ଷରୁ କମ୍ ବୟସରେ ବିବାହ ଏକ ଅପରାଧ ବୋଲି ସଚେତନା କରିବା ।
- ଲିଙ୍ଗ ନିରୂପଣ ଓ କନ୍ୟା ଭୃଣ ହତ୍ୟା ଏକ ଧର୍ତ୍ତବ୍ୟ ଅପରାଧ ବୋଲି ସଚେତନ କରିବା ।
- ପରିବାର ନିୟୋଜନ ଉପରେ ପ୍ରାଧାନ୍ୟ ଦେବା ଓ ପରିବାର ନିୟୋଜନର ବିଭିନ୍ନ ପଦ୍ଧତି ବିଷୟରେ ସଚେତନା କରିବା ।
- ପୁରୁଷ ଓ ମହିଳା ବନ୍ଧ୍ୟାକରଣର ଉପକାରିତା ସମ୍ପର୍କରେ ସଚେତନ କରିବା ।

## ସାଧାରଣ ସ୍ୱାସ୍ଥ୍ୟ ଓ ତତ୍‌ସମ୍ପର୍କିତ ସୂଚନା

- ଟୀକାକରଣ (Immunization) କଣ ଓ ତାର ଉପକାରିତା ବିଷୟରେ ସଚେତନ କରିବା ।
- ମମତା ଦିବସ (VHND) କଣ ଓ ତାର ଆବଶ୍ୟକତା ବିଷୟରେ ଆଲୋଚନା କରିବା ସହିତ ଏହି ଦିବସରେ ମିଳୁଥିବା ସ୍ୱାସ୍ଥ୍ୟଗତ ସୁବିଧା ବିଷୟରେ ସଚେତନ କରିବା ।
- ୧୦୮, ୧୦୨, ଜନନୀ ସୁରକ୍ଷା ଯୋଜନା, ଜନନୀ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ, ମମତା ଯୋଜନା, ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ, ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା, ନିରାମୟ, ପୁଷ୍ଟି ସାଧନ କେନ୍ଦ୍ର, ନବଜାତ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ ଗୁଡିକର ଆବଶ୍ୟକତା ଓ ତାର ପ୍ରାଧାନ୍ୟ ବିଷୟରେ ସଚେତନ କରିବା ।
- ମ୍ୟାଲେରିଆ, ଡାଇରିଆ, ଫାଇଲେରିଆ, କାମଳ, ମିଳିମିଳା, ଥଣ୍ଡା, ଯକ୍ଷ୍ମା, କାଶ, ଜ୍ୱର, ରକ୍ତଚାପ, ରକ୍ତହୀନତା, ପୁଷ୍ଟିହୀନତା, ମଧୁମେହ ଓ ବାର୍ଦ୍ଧକ୍ୟ ଜନିତ ରୋଗର ଲକ୍ଷଣ ଓ ତାର ନିରାକରଣ ବିଷୟରେ ଆଲୋଚନା କରିବା ।

## ଖାଦ୍ୟ ଓ ପୋଷଣ

- ଶିଶୁ ଜନ୍ମ ହେବା ମାତ୍ରେ ନବଜାତକୁ ପ୍ରଥମ କଷକ୍ଷୀର (କୋଲଷ୍ଟ୍ରମ୍) ଖୁଆଇବା ସହିତ ପ୍ରଥମ ଛଅ ମାସ ପର୍ଯ୍ୟନ୍ତ କେବଳ ମାଆ କ୍ଷୀର ଦେବା ବିଷୟରେ ସଚେତନା କରିବା ।
- ଛଅମାସ ପରେ ମା କ୍ଷୀର ସହିତ ଶିଶୁକୁ ଘରେ ତିଆରି ପୋଷଣ ଯୁକ୍ତ ଖାଦ୍ୟ ଖୁଆଇବା ବିଷୟରେ ସଚେତନ କରିବା ।
- ଗର୍ଭଧାରଣ ସମୟରେ ପୋଷଣଯୁକ୍ତ ଖାଦ୍ୟ ଯଥା ସବୁଜ ପନିପରିବା, ଡାଲି, ଅଣ୍ଡା, କ୍ଷୀର ଏବଂ ଫଳ ଯଥେଷ୍ଟ ପରିମାଣରେ ଖାଇବା ବିଷୟରେ ସଚେତନ କରିବା ।
- ଗର୍ଭଧାରଣ ସମୟରେ ମାଆ ଠିକ୍ ସମୟରେ ଠିକ୍ ଆହାର ଖାଇବା ଓ ସାଧାରଣତଃ ଖାଉଥିବା ଖାଦ୍ୟ ତୁଳନାରେ ଏକ ଚତୁର୍ଥାଂଶ ଅଧିକ ପରିମାଣର ଖାଦ୍ୟ ଖାଇବା ବିଷୟରେ ସଚେତନ କରିବା ।

- ଗ୍ରାମାଞ୍ଚଳରେ ମିଳୁଥିବା ପନିପରିବା ସହିତ ଭିଟାମିନ୍ ଯୁକ୍ତ ଖାଦ୍ୟ ଠିକ୍ ସମୟରେ ଖାଇବା ଉପରେ ସଚେତନ କରିବା ।

## ଜଳ, ପରିମଳ ଓ ପରିଷ୍କାର ପରିଚ୍ଛନ୍ନତା :

- ଖୋଲା ପଡିଆରେ ବା ବାହାରେ ମଳତ୍ୟାଗ କଲେ କିପରି ପରିବେଶ ଦୂଷିତ ହେବା ସହିତ କଲେରା, ଡାଇରିଆ ପରି ବିଭିନ୍ନ ଜଳ ବାହିତ ରୋଗ ହୋଇଥାଏ ସେ ବିଷୟରେ ଆଲୋଚନା କରିବା । ଶୁଦ୍ଧ ପାନୀୟ ଜଳ ପିଇବା, ଖାଦ୍ୟ ଖାଇବା ପୂର୍ବରୁ ଓ ଶୌଚ ହେବା ପରେ ସାବୁନ୍‌ରେ ହାତ ଧୋଇବା ନିତାନ୍ତ ଜରୁରୀ ବୋଲି ସଚେତନ କରିବା ।
- ଗାଁର ସମସ୍ତ ପରିବାରକୁ ନିଜସ୍ୱ ପାଇଖାନା ତିଆରି କରିବା ପାଇଁ ପ୍ରବର୍ତ୍ତାଇବା ସହିତ ତାର ଉପକାରିତା ବିଷୟରେ ସଚେତନ କରିବା ।
- ପରିଷ୍କାର ଓ ପରିଚ୍ଛନ୍ନତା ରହିବା ଏକ କର୍ତ୍ତବ୍ୟ ବୋଲି ଆଲୋଚନା କରିବା ଓ ନିଜ ଗାଁ ଦାଣ୍ଡକୁ ନିୟମିତ ସଫା ରଖିବା ବିଷୟରେ ସଚେତନ କରିବା ।
- ବିଶୁଦ୍ଧ ପାନୀୟ ଜଳର ଉପକାରିତା ବିଷୟରେ ଆଲୋଚନା କରିବା ଓ ସମସ୍ତ ପରିବାରକୁ ବିଶୁଦ୍ଧ ପାନୀୟ ଜଳର ବ୍ୟବହାରକୁ ନିଶ୍ଚିତ କରିବା ।
- ନଳକୂପ, କୂଅ ଚାରିପଟ ସଫା ରଖିବା ସହିତ ଅଳିଆ ଓ ଅର୍ବଜନାକୁ ନିୟମିତ ବ୍ୟବଧାନରେ ସଫା କରିବା ବିଷୟରେ ସଚେତନ କରିବା ।
- ବର୍ଷା ଦିନରେ ଖାଲ ଜାଗାରେ ଜମା ହୋଇଥିବା ଜଳରେ ମଶା ବୃଦ୍ଧି ହେବା ସହିତ ମ୍ୟାଲେରିଆ, ଡେଙ୍ଗୁ ଇତ୍ୟାଦି ରୋଗ ବ୍ୟାପିବାର ସମ୍ଭାବନା ଥିବାରୁ ସେହି ସ୍ଥାନ ଗୁଡିକୁ ପୋତି ଦେବାର ବ୍ୟବସ୍ଥା କରିବା ପାଇଁ ସଚେତନ କରିବା ।
- ପ୍ରତିଦିନ ମଶାରୀ ଟାଣି ଶୋଇବା ଉପରେ ଗୁରୁତ୍ୱ ଦେବା ସହିତ ତାର ଉପକାରିତା ଉପରେ ସଚେତନ କରିବା ।
- ବର୍ଷା ଦିନରେ ବିଶୁଦ୍ଧ ପାନୀୟ ଜଳ ପାଇଁ କୂଅ ଗୁଡିକରେ ବ୍ଲିଚିଙ୍ଗ୍ ପାଉଡର ପକାଇବା ପାଇଁ ସଚେତନ ସୃଷ୍ଟି କରିବା ସହିତ ଚୁଆ, ଝରଣା, ପୋଖରୀ, ନଈ ନାଳର ପାଣି ପାନୀୟ ଯୋଗ୍ୟ ନୁହେଁ ବୋଲି ଆଲୋଚନା କରିବା ।
- ବର୍ଷା ଦିନରେ ପିଇବା ପାଣିରେ ହାଲୋଜେନ୍ ବଟିକା ପକାଇବା ଉପରେ ଗୁରୁତ୍ୱ ଦେବା ସହିତ ପାଣିକୁ ଛାଣି ଓ ଫୁଟାଇ ପିଇବା ଉପରେ ସଚେତନ କରିବା ।
- ଖାଇବା ପୂର୍ବରୁ ସାବୁନ୍‌ରେ ହାତ ଧୋଇ ତଟକା ଓ ଗରମ ଖାଦ୍ୟ ଖାଇବା ବିଷୟରେ ଗୁରୁତ୍ୱ ଦେବା ସହିତ ଓ ଖାଦ୍ୟକୁ ଘୋଡେଇ ରଖିବାର ଉପକାରିତା ବିଷୟରେ ସଚେତନ କରିବା ।
- ବାସି, ପଚା ସଢା ଓ ମାଛିବସା ଖାଦ୍ୟ ନ ଖାଇବା ପାଇଁ ଗୁରୁତ୍ୱ ଦେବା ଓ ତରଳ ଝାଡା ହେଲେ ରୋଗୀକୁ ଓ.ଆର.ଏସ୍ ଦ୍ରବଣ ଦେବା ଉପରେ ସଚେତନ କରିବା ।
- ନିଜ ଗାଁ କୁ ନିଶା ମୁକ୍ତ ରଖିବା ଉପରେ ଗୁରୁତ୍ୱ ଦେବା ।

## ଅନ୍ୟାନ୍ୟ

ଗାଁରେ ଦେଖାଯାଉଥିବା ସ୍ୱାସ୍ଥ୍ୟ, ପୁଷ୍ଟି ଓ ପରିମଳ ସମସ୍ୟାକୁ ଆଧାର କରି ଗାଁ କଲ୍ୟାଣ ସମିତିର ବୈଠକରେ ଆଲୋଚନା କରିବା ଓ ସମସ୍ତଙ୍କ ସହମତିରେ ଆବଶ୍ୟକ ପଦକ୍ଷେପ ନେବା ।

# ସ୍ୱାସ୍ଥ୍ୟସେବା ସମ୍ବନ୍ଧୀୟ କେତେକ ମୁଖ୍ୟ କାର୍ଯ୍ୟ

**୧. ନବଜାତ ଶିଶୁ ଯତ୍ନ କେନ୍ଦ୍ର (ନ୍ୟୁ ବର୍ଣ୍ଣ କେୟାର କର୍ଣ୍ଣର):**

ପ୍ରସବ ପରେ ପରେ ନବଜାତ ଶିଶୁର ମସ୍ତିଷ୍କ ନଷ୍ଟ ହେବା କିମ୍ବା ଶ୍ୱାସଜନିତ ମୃତ୍ୟୁ ମୁଖରୁ ରକ୍ଷା କରିବା ପାଇଁ ୫୮୦ ଟି ନବଜାତ ଶିଶୁ ଯତ୍ନକେନ୍ଦ୍ର କାର୍ଯ୍ୟ କରୁଛି ।

**୨. ଅସୁସ୍ଥ ନବଜାତ ଶିଶୁ ଯତ୍ନ ୟୁନିଟ୍ (ଏସ.ଏନ୍.ସିୟୁ) :**

ଅସୁସ୍ଥ ଓ କମ୍ ଓଜନର ନବଜାତ ଶିଶୁଙ୍କ ଚିକିତ୍ସା ନିମନ୍ତେ ୩୦ଟି ଏସ୍.ଏନ୍.ସିୟୁ କାର୍ଯ୍ୟକ୍ଷମ କରାଯାଇଛି । ଏହି କେନ୍ଦ୍ରରେ ସମସ୍ତ ଅସୁସ୍ଥ ଓ କମ୍ ଓଜନର ଶିଶୁ ମାନଙ୍କର ସମସ୍ତ ଚିକିତ୍ସା ବିନା ମୂଲ୍ୟରେ କରାଯିବାର ବ୍ୟବସ୍ଥା ରହିଛି ।

**୩. ପୁଷ୍ଟି ସାଧନ କେନ୍ଦ୍ର (ଏନ୍.ଆରସି):**

ଜିଲ୍ଲା ଓ ଉପଜିଲ୍ଲାସ୍ତରରେ ପୁଷ୍ଟିହୀନ ଶିଶୁମାନଙ୍କୁ ପୁଷ୍ଟିଜନିତ ସେବା ଯୋଗାଇଦେବା ନିମନ୍ତେ ପୁଷ୍ଟିସାଧନ ଥଇଥାନ କେନ୍ଦ୍ର ସ୍ଥାପନ କରାଯାଇଛି । ଗୋଷ୍ଠୀ ସ୍ତରରେ ପୁଷ୍ଟିହୀନତାକୁ ଚିହ୍ନଟ କରିବା ନିମନ୍ତେ ପ୍ରତ୍ୟେକ ଅଙ୍ଗନୱାଡି କେନ୍ଦ୍ରରେ ମାସକୁ ଥରେ ପୁଷ୍ଟି କର ଦିବସ ବା ମମତା ଦିବସ ଆୟୋଜନ କରାଯାଇ କମ୍ ଓଜନର ଶିଶୁମାନଙ୍କୁ ଚିହ୍ନଟ କରାଯାଇ ପରବର୍ତ୍ତୀ ଚିକିତ୍ସା ନିମନ୍ତେ ପୁଷ୍ଟି ସାଧନ କେନ୍ଦ୍ରକୁ ପ୍ରେରଣ କରାଯାଇଥାଏ ।

**୪. ନବଜାତ ଶିଶୁର ଘରୋଇ ଯତ୍ନ (ଏଚ୍.ବି.ଏନ୍.ସି):**

ନବଜାତ ଶିଶୁ ଜନ୍ମର ୪୨ ଦିନ ପର୍ଯ୍ୟନ୍ତ ବିପଦସଙ୍କୁଳ ଲକ୍ଷଣ କୁ ଚିହ୍ନଟ କରି ଉନ୍ନତ ଚିକିତ୍ସା ପାଇଁ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପ୍ରେରଣ କରିବା ସହିତ ପରିବାର ଲୋକଙ୍କୁ ଉପଯୁକ୍ତ ପରାମର୍ଶ ଦିଆଯାଇଥାଏ ।

**୫. ଜାତୀୟ ଆଇରନ ପ୍ଲସ କାର୍ଯ୍ୟକ୍ରମ :**

ଶିଶୁ ଓ କିଶୋର ମାନଙ୍କ କ୍ଷେତ୍ରରେ ଆନେମିଆ ବା ରକ୍ତହୀନତାକୁ ଦୂର କରିବା ଲାଗି ପ୍ରତ୍ୟେକ ସ୍କୁଲ ଏବଂ ଅଙ୍ଗନୱାଡି କେନ୍ଦ୍ରରେ ସପ୍ତାହକୁ ଥରେ ଆଇରନ ଓ ଫଲିକ୍ ଏସିଡ୍ ବଟିକା ଯୋଗାଇଦେବାର ବ୍ୟବସ୍ଥା ରହିଛି ।

**୬. ଆଲବେଣ୍ଡାଜୋଲ ସହିତ ଭିଟାମିନ୍ - ଏ ର ଅତିରିକ୍ତ ଖୋରାକ :**

୯ ମାସରୁ ୫ ବର୍ଷ ବୟସର ଶିଶୁମାନଙ୍କୁ ୬ ମାସରେ ଥରେ ଭିଟାମିନ୍ - ଏ ର ଅତିରିକ୍ତ ଖୋରାକ ଓ କୃମିନାଶକ ବଟିକା ଦିଆଯିବାର ବ୍ୟବସ୍ଥା ରହିଛି ।

**୭. 'କଙ୍ଗାରୁ ମା' ଯତ୍ନ (KMC):**

ସାଧାରଣତଃ ଶାରୀରିକ ଦୁର୍ବଳ ସହିତ କମ୍ ଓଜନର ଶିଶୁ ଏବଂ ଅସୁସ୍ଥ ନବଜାତ ଶିଶୁଙ୍କୁ ସ୍ୱତନ୍ତ୍ର ସେବା ଯୋଗାଇ ଦେବାର ଲକ୍ଷ୍ୟ ନେଇ ୧୫ ଟି ଜିଲ୍ଲାରେ ଏହି କେନ୍ଦ୍ର ସ୍ଥାପନ କରାଯାଇଛି ।

**୮. ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆଇ.ବି.ଏସ୍.କେ):**

ଏହି ଯୋଜନା ଅଧିନରେ ଜନ୍ମଗତ ତ୍ରୁଟି, ପୋଷକ ତତ୍ତ୍ୱର ଅଭାବ ଜନିତ ସମସ୍ୟା, ବିଳମ୍ବିତ ବିକାଶ ଓ ଭିନ୍ନକ୍ଷମତା ତଥା ରୋଗରେ ପୀଡିତ ଶିଶୁମାନଙ୍କୁ ଚିହ୍ନଟ କରିବା ସହିତ ଉପଯୁକ୍ତ ଚିକିତ୍ସା ପ୍ରଦାନ କରାଯାଇଥାଏ । ଜନ୍ମରୁ ୧୮ ବର୍ଷ ବୟସ ପର୍ଯ୍ୟନ୍ତ ପିଲାମାନଙ୍କୁ ଅଙ୍ଗନୱାଡି କେନ୍ଦ୍ର, ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବାର ବ୍ୟବସ୍ଥା ରହିଛି ।

**୯. ରାଷ୍ଟ୍ରୀୟ କିଶୋର ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ :**

କିଶୋର ବୟସର ବାଳକ ଓ ବାଳିକା ମାନଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ 'ଶ୍ରଦ୍ଧା କ୍ଲିନିକ୍' ଗୁଡିକ ସ୍ଥାପନ କରାଯାଇଛି । ଏହି କ୍ଲିନିକ୍‌ରେ କିଶୋର ବାଳକ ଓ ବାଳିକା ମାନଙ୍କୁ ଆବଶ୍ୟକ ସ୍ଥଳେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାର ବ୍ୟବସ୍ଥା ରହିଛି ।

**୧୦. ମ୍ୟାଲେରିଆ ନିୟନ୍ତ୍ରଣ ଓ ପ୍ରତିରୋଧ ପାଇଁ ପଦକ୍ଷେପ :**

ଏହି କାର୍ଯ୍ୟକ୍ରମ ଅଧିନରେ ତୁରନ୍ତ ରୋଗ ଚିହ୍ନଟ ସହ ଓ ଉନ୍ନତ ମାନର ଚିକିତ୍ସାର ବ୍ୟବସ୍ଥା ରହିଛି । ଗାଁ ସ୍ତରରେ ଆଶାକର୍ମୀ ମାନେ ଆରଡିଟି ଦ୍ୱାରା ରୋଗ ଚିହ୍ନଟ କରି ଏସିଟି ଦ୍ୱାରା ଚିକିତ୍ସା ପ୍ରଦାନ କରୁଛନ୍ତି । ଏହି ରୋଗ ପାଇଁ ରକ୍ତ ପରୀକ୍ଷା ଓ ଚିକିତ୍ସା ପ୍ରଦାନ କରୁଛନ୍ତି । ଏହି ରୋଗ ପାଇଁ ରକ୍ତ ପରୀକ୍ଷା ଓ ଚିକିତ୍ସା ସମସ୍ତ ସ୍ୱାସ୍ଥ୍ୟ ଅନୁଷ୍ଠାନ ମାନଙ୍କରେ ବିନା ମୂଲ୍ୟରେ ଉପଲବ୍ଧ ।

**୧୧. ସମନ୍ୱିତ ଭେକ୍ଟର ବାହିତ ରୋଗ ପରିଚାଳନା :**

ଅତ୍ୟଧିକ ମ୍ୟାଲେରିଆ ପ୍ରବଣ ଅଞ୍ଚଳରେ ଗର୍ଭବତୀ ମହିଳା ମାନଙ୍କୁ ଔଷଧ ଲଗା ମଶାରୀ ଯୋଗାଇ ଦିଆଯିବାର ବ୍ୟବସ୍ଥା ରହିଛି । ଏତଦ୍ ବ୍ୟତୀତ ବର୍ଷକୁ ଦୁଇ ଥର କୀଟନାଶକ ବ୍ୟବସ୍ଥା ରହିଛି ।

**୧୨. ଡେଙ୍ଗୁ ନିୟନ୍ତ୍ରଣ ପାଇଁ ପଦକ୍ଷେପ :**

ସମସ୍ତ ସରକାରୀ ମେଡିକାଲ କଲେଜ, କ୍ୟାପିଟାଲ ହସପିଟାଲ୍ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ମାନଙ୍କରେ ରୋଗ ଚିହ୍ନଟ ଓ ଚିକିତ୍ସା ବିନା ମୂଲ୍ୟରେ ଉପଲବ୍ଧ ।

**୧୩. DAMAN କାର୍ଯ୍ୟକ୍ରମ :**

ଆମ ରାଜ୍ୟରେ ଦୁର୍ଗମ ଅଞ୍ଚଳ ମାନଙ୍କରେ ମ୍ୟାଲେରିଆ ରୋଗ ଚିହ୍ନଟ ଓ ଚିକିତ୍ସା କୁ ତ୍ୱରାନ୍ୱିତ କରିବା ପାଇଁ 'ଦମନ' କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି । ଏହି କାର୍ଯ୍ୟକ୍ରମରେ ବର୍ଷକୁ ୨ ଥର ଶିବିର ମଧ୍ୟରେ ସାମୂହିକ ରୋଗ ଚିହ୍ନଟ ଓ ଚିକିତ୍ସା ସହିତ ରୋଗ ବାହକ ମଶାର ନିୟନ୍ତ୍ରଣ ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯିବ । ପ୍ରଥମ ପର୍ଯ୍ୟାୟରେ ସମସ୍ତଙ୍କ ପାଇଁ ଅପ୍ରେଲ ଓ ମେ ମାସରେ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ (ସେପ୍ଟେମ୍ବର - ଅକ୍ଟୋବର) ମାସରେ କେବଳ ଗର୍ଭବତୀ ମହିଳା ଓ ୫ ବର୍ଷରୁ କମ୍ ଶିଶୁମାନଙ୍କ ପାଇଁ ଶିବିର ଅନୁଷ୍ଠିତ ହେବାର ଯୋଜନା ରହିଛି ।

**୧୪. ପରିବର୍ତ୍ତିତ ଜାତୀୟ ଯକ୍ଷ୍ମା ନିୟନ୍ତ୍ରଣ କାର୍ଯ୍ୟକ୍ରମ :**

ଆମ ରାଜ୍ୟରେ ୧୯୯୭ ମସିହା ଠାରୁ ପରିବର୍ତ୍ତିତ ଜାତୀୟ ଯକ୍ଷ୍ମା ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅନ୍ତର୍ଗତ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଔଷଧ ସେବନ ପ୍ରଣାଳୀ କାର୍ଯ୍ୟକାରୀ ହୋଇଆସୁଅଛି । ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ଯକ୍ଷ୍ମା ରୋଗ ଚିହ୍ନଟ କରିବା ସହିତ ଆରୋଗ୍ୟ ପାଇଁ ସରକାରୀ ସ୍ତରରେ ସମସ୍ତ ପ୍ରକାର ସେବା ପ୍ରଦାନର ବ୍ୟବସ୍ଥା ରହିଛି । ରାଜ୍ୟର ପ୍ରତ୍ୟେକ କଫ ପରୀକ୍ଷା କେନ୍ଦ୍ରରେ ଯକ୍ଷ୍ମା ରୋଗୀମାନଙ୍କର ମଧୁମେହ ଜାଣିବା ପାଇଁ ରକ୍ତ ପରୀକ୍ଷା କରାଯିବାର ବ୍ୟବସ୍ଥା ରହିଛି ।

**୧୫. ଜାତୀୟ କୁଷ୍ଠ ନିରାକରଣ କାର୍ଯ୍ୟକ୍ରମ :**

କୁଷ୍ଠରୋଗ ମନୁଷ୍ୟ ସମାଜର ଏକ ପୁରାତନ ରୋଗ ଭାବରେ ଜଣାଶୁଣା । ବହୁ ଦଶନ୍ଧି ଧରି ଏହି ରୋଗଗ୍ରସ୍ତ ମନୁଷ୍ୟ ମାନେ ଅକଥନୀୟ ଶାରୀରିକ ପୀଡା ପାଇବା ସଙ୍ଗେ ସଙ୍ଗେ ସ୍ନାୟୁଗତ ଦୁର୍ବଳତା ତତ୍‌ପରେ ବିକଳାଙ୍ଗ ଅବସ୍ଥା ପ୍ରାପ୍ତ ହୋଇ ସାମାଜିକ କୁତ୍ସାରଟନା ଓ ବାସନ୍ଦର ଶୀକାର ହୋଇଥାନ୍ତି ଏହି ଯୋଜନା ଅନ୍ତର୍ଗତ ଅକ୍ଷମତା ଦୂରୀକରଣ ନିମନ୍ତେ ରାଜ୍ୟର ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ର, ସବଡିଭିଜନ ସ୍ୱାସ୍ଥ୍ୟ କେନ୍ଦ୍ର

ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ତରରେ ଡି.ପି.ଏମ.ଆର ଖୋଲାଯାଇ ସ୍ୱାସ୍ଥ୍ୟ ପରୀକ୍ଷା ସହିତ ଏମ.ସି.ଆଇ ଚପଲ ବଣ୍ଟନ କରାଯାଉଛି ଏଥି ସହିତ ଅଲସର କିଟ୍ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି ।

**୧୬. ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା :**

୧. କେବଳ BPL, MGNREGA, ପରିବାର ମାନେ ପୁଞ୍ଜିକୃତ ହେବାର ବ୍ୟବସ୍ଥା ରହିଛି ।

୨. ପରିବାର ପିଛା ୫ ଜଣ ସଦସ୍ୟ ସୀମିତ ରହିବେ ।

୩. ଗୋଟିଏ ପଲିସି ଅବିଧି ପରେ ହିତାଧିକାରୀ ବାର୍ଷିକ / ପ୍ରତିବର୍ଷ ପଞ୍ଜିକୃତ ହୋଇପାରିବେ ।

୪. ବାର୍ଷିକ ବୀମା ପରିମାଣ ଟିକା ୩୦,୦୦୦/- ପ୍ରତ୍ୟେକ ହିତାଧିକାରୀ ପରିବାରଙ୍କ ପାଇଁ ବ୍ୟବସ୍ଥା ରହିଛି ।

**୧୭. କୃଷକ କଲ୍ୟାଣ ଯୋଜନା:**

ଏହି ଯୋଜନାରେ ୫ ଜଣ ସଦସ୍ୟ ବିଶିଷ୍ଟ ପରିବାର ପିଛା ବାର୍ଷିକ ଏକ ଲକ୍ଷ ଟଙ୍କାର (୩୦,୦୦୦+୭୦,୦୦୦) ବୀମା ବ୍ୟବସ୍ଥା ରହିଛି ।

- **ପ୍ରଚଳିତ ନିୟମାବଳୀ :**

  ୧. କୃଷକ ପରିବାର ବି.କେ.କେ.ୱାଇ ଅଧିନରେ ପଞ୍ଜିକୃତ ହୋଇଥିବେ ।

  ୨. ପରିବାରର ଆକାର ମୋଟ ୫ ଜଣ ସଦସ୍ୟରେ ସୀମିତ ଥିବ ।

  ୩. ପ୍ରତି ୩ ବର୍ଷରେ ହୀତାଧିକାରୀଙ୍କ ପୁନଃ ନାମାଙ୍କିତ ହୋଇଥାଏ ଏବଂ ସ୍ମାର୍ଟ କାର୍ଡର ସ୍ୱୟଂ ନବୀକରଣ ପ୍ରତି ବର୍ଷରେ ହୋଇଥାଏ ।

**୧୮. ଓଡିଶା ରାଜ୍ୟ ଚିକିତ୍ସା ପାଣ୍ଠି ସୋସାଇଟି :**

ଏହି ପାଣ୍ଠି ଅଧିନରେ ବିପିଏଲ୍ ଶ୍ରେଣୀଭୁକ୍ତ ରୋଗୀ, ଏଏୱାଇ ଶ୍ରେଣୀଭୁକ୍ତ ପରିବାରର ଗ୍ରାମାଞ୍ଚଳରେ ଟ.୫୦,୦୦୦/- ପର୍ଯ୍ୟନ୍ତ ଆୟ କରୁଥିବା ପରିବାର, ପଞ୍ଜୀକୃତ ମାନସିକ ଆଶ୍ରୟ ସ୍ଥଳ / ଅନାଥ ଆଶ୍ରମ ଦ୍ୱାରା ପ୍ରେରିତ ରୋଗୀମାନେ ଏବଂ ଅଜଣା ଦୁର୍ଘଟଣା ଗ୍ରସ୍ତ ବ୍ୟକ୍ତିମାନେ ରାଜ୍ୟର ୩୦ ଟି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଆରଜିଏଚ ରାଉରକେଲା, କ୍ୟାପିଟାଲ ହସପିଟାଲ, ଭୁବନେଶ୍ୱର, ଶିଶୁଭବନ, କଟକ ଏସ୍‌ସିବି ମେଡିକାଲ କଲେଜ ଏବଂ ହସପିଟାଲରେ ଚିକିତ୍ସିତ ହୋଇପାରିବେ ।

**୧୯. ଷ୍ଟ୍ରେଚର ବ୍ୟବସ୍ଥା :**

ଅପହଞ୍ଚ ଓ ଦୁର୍ଗମ ଅଞ୍ଚଳରେ ଗର୍ଭବତୀ ମହିଳା ଓ ଜରୁରୀ କାଳୀନ ରୋଗୀ ମାନଙ୍କୁ ନିକଟବର୍ତ୍ତୀ ସ୍ୱାସ୍ଥ୍ୟ କେନ୍ଦ୍ର ବା ସଂପୃକ୍ତ ଗାଁରେ ଗାଡି ପହଞ୍ଚି ପାରୁଥିବା ସ୍ଥାନ ନିକଟରେ ପହଞ୍ଚାଇବା ନିମନ୍ତେ ଷ୍ଟ୍ରେଚର ବ୍ୟବସ୍ଥା କରାଯାଇଛି । ଏହି ସୁବିଧା ସଂପୃକ୍ତ ଗାଁ କଲ୍ୟାଣ ସମିତି ମାଧ୍ୟମରେ ବିନା ମୂଲ୍ୟରେ ଯୋଗାଇ ଦିଆଯାଉଛି ।

**୨୦. ସମ୍ପୂର୍ଣ୍ଣା ଯୋଜନା:**

ସମ୍ପୂର୍ଣ୍ଣା ଯୋଜନା ଅନ୍ତର୍ଗତ ଅପହଞ୍ଚ ଓ ଦୁର୍ଗମ ଅଞ୍ଚଳର ଗର୍ଭବତୀ ମହିଳା ମାନଙ୍କୁ ସ୍ୱାସ୍ଥ୍ୟ ଅନୁଷ୍ଠାନରେ ପ୍ରସବ ନିମନ୍ତେ ପ୍ରସବ କାଳୀନ ସହାୟତା ରାଶି ଗାଁ କଲ୍ୟାଣ ସମିତି ଖୋଲା ପାଣ୍ଠିରୁ ଟ.୧୦୦୦.୦୦ ଅଗ୍ରୀମ ଆକାରରେ ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି । ପ୍ରସବ ପରେ ସଂପୃକ୍ତ ମହିଳା ଗାଁ କଲ୍ୟାଣ ସମିତି ଠାରୁ ଗ୍ରହଣ କରିଥିବା ଉକ୍ତ ଅଗ୍ରୀମ ରାଶିକୁ ପ୍ରସବର ୧୫ ଦିନ ମଧ୍ୟରେ ସଂପୃକ୍ତ ଗାଁ କଲ୍ୟାଣ ସମିତି କୁ ଫେରସ୍ତ କରାଯିବାର ବ୍ୟବସ୍ଥା ରହିଛି ।

# ସୁସ୍ଥ ଗାଁ ପୁରସ୍କାର ପାଇଁ ମାନଦଣ୍ଡ

| କ୍ର.ସଂ. | କାର୍ଯ୍ୟକ୍ରମ | ସୂଚକ |
|---|---|---|
| **ଗାଁ କଲ୍ୟାଣ ସମିତିର କାର୍ଯ୍ୟକାରିତା** | | |
| ୧ | ଗାଁ ସ୍ୱାସ୍ଥ୍ୟ ଦିବସରେ ଗାଁ କଲ୍ୟାଣ ସମିତିର ମାସିକିଆ ବୈଠକ | ପ୍ରତି ମାସର ଶେଷ ଗୁରୁବାର ଦିନ ଗାଁ କଲ୍ୟାଣ ସମିତିର ବୈଠକ ଅନୁଷ୍ଠିତ ହେବ । ବିବରଣୀ ପୁସ୍ତିକାରେ ବୈଠକର ବିବରଣୀ ଲିପିବଦ୍ଧ ହେବ। |
| ୨ | ଗାଁ ସ୍ୱାସ୍ଥ୍ୟ ଯୋଜନାର ପ୍ରସ୍ତୁତି, ଏହାର ରୂପାୟନ ଓ ସଂପ୍ରତିକୀକରଣ। | ଗାଁ ସ୍ୱାସ୍ଥ୍ୟ ଯୋଜନା ପ୍ରସ୍ତୁତ ହୋଇଥିବ । ଯୋଜନା ଅନୁସାରେ କାର୍ଯ୍ୟକ୍ରମ ରୂପାୟନ ଓ ତାହା ତ୍ରୟମାସିକ ଭିତ୍ତିରେ ସଂପ୍ରତିକୀକରଣ ହେଉଥିବ । |
| ୩ | ସ୍ୱାସ୍ଥ୍ୟକାନ୍ଥର ସଂପ୍ରତିକୀକରଣ | ସମସ୍ତେ ଦେଖିପାରୁଥିବା ସ୍ଥାନରେ ସ୍ୱାସ୍ଥ୍ୟକାନ୍ଥ ସ୍ଥାପନ କରାଯିବ । ସ୍ୱାସ୍ଥ୍ୟକାନ୍ଥ ଅଭିଯାନ ଅନୁସାରେ ପ୍ରତି ମାସର ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତାଗୁଡ଼ିକ ଏଥିରେ ଲେଖାଯିବ । |
| ୪ | ଗାଁ କଲ୍ୟାଣ ସମିତି ଖୋଲା ପାଣ୍ଠିର ଖର୍ଚ୍ଚ | ପ୍ରାପ୍ତ ହୋଇଥିବା ମୋଟ ପାଣ୍ଠିର ୮୦% ଖର୍ଚ୍ଚର ସଠିକ୍ ବିବରଣୀ ଓ ହିସାବ ପ୍ରସ୍ତୁତ ହୋଇଥିବ । |
| **ସ୍ୱାସ୍ଥ୍ୟ ସୂଚକର ସଫଳ କାର୍ଯ୍ୟକାରିତା** | | |
| ୧ | ଆନୁଷ୍ଠାନିକ ପ୍ରସବ | ୯୦% ହାସଲ ହେବା ଦରକାର |
| ୨ | ସଂପୂର୍ଣ୍ଣ ଟୀକାକରଣ | ୧୦୦% ହାସଲ ହେବା ଦରକାର |
| ୩ | ନିର୍ଦ୍ଦେଶାବଳୀ ଅନୁସାରେ ମମତା ଦିବସର ଆୟୋଜନ | ନିର୍ଦ୍ଦେଶାବଳୀ ଅନୁଯାୟୀ ୧୦୦% ହାସଲ ହେବା ଦରକାର |
| ୪ | ଜନ୍ମ-ମୃତ୍ୟୁ ପଞ୍ଜିକରଣ | ୧୦୦% ହାସଲ ହେବା ଦରକାର |

| କ୍ର.ସଂ. | କାର୍ଯ୍ୟକ୍ରମ | ସୂଚକ |
|---|---|---|
| ୫ | ଶିଶୁ ଅପପୁଷ୍ଟି | ଗତ ୬ ମାସ ମଧ୍ୟରେ ଗାଁରେ ଅପପୁଷ୍ଟିର ଶିକାରଗ୍ରସ୍ତ ବା କୌଣସି ଗ୍ରେଡ଼୍-୩ ବା ଗ୍ରେଡ଼୍-୪ ଶିଶୁ ନଥିବେ । |
| ୬ | ନିରାପଦ ପାନୀୟଜଳ ଉତ୍ସ । | ଗତ ୬ ମାସ ମଧ୍ୟରେ ଗାଁରେ କୌଣସି ନଳକୂପ ୧୫ ଦିନରୁ ଅଧିକକାଳ ଅକାମି ହୋଇନଥିବ । |
| ୭ | ବ୍ୟକ୍ତିଗତ ପାରିବାରିକ ପାଇଖାନାର ନିର୍ମାଣ ଓ ବ୍ୟବହାର । | ଅନ୍ତତଃ ୫୦% ପରିବାର ନିଜର ପାଇଖାନା ନିର୍ମାଣ କରି ବ୍ୟବହାର କରୁଥିବେ । |
| ୮ | ମଶାରି ବ୍ୟବହାର | ଗାଁର ୮୦% ପରିବାର ନିଶ୍ଚିତଭାବେ ମଶାରି ବ୍ୟବହାର କରୁଥିବେ । |
| **ଜରୁରୀ ସମୟରେ କିଛି ଦୃଷ୍ଟାନ୍ତସୂଚକ କାର୍ଯ୍ୟକ୍ରମ ସମ୍ପାଦନ** | | |
| ୧ | ଗାଁର ଆବଶ୍ୟକତାକୁ ଚାହିଁ କୌଣସି ନୂତନ କାର୍ଯ୍ୟକ୍ରମ ପାଇଁ ଯୋଜନା କରିବା । | ଏହି ଆବଶ୍ୟକତାଭିତ୍ତିକ କାର୍ଯ୍ୟକ୍ରମର ରୂପାୟନ କରିବା । |
| ୨ | ଜରୁରୀ / ମହାମାରୀ ସମୟରେ ଗାଁ କଲ୍ୟାଣ ସମିତି ଦ୍ୱାରା ଆବଶ୍ୟକୀୟ ପଦକ୍ଷେପ । | ଜରୁରୀକାଳୀନ ଅବସ୍ଥାରେ ଡାଇରିଆ, ମ୍ୟାଲେରିଆ, ଡେଙ୍ଗୁ ବା ବନ୍ୟା ସମୟରେ ଉଲ୍ଲେଖନୀୟ ସମ୍ପାଦିତ କାର୍ଯ୍ୟକ୍ରମ । |
| ୩ | ଅନ୍ୟାନ୍ୟ ଉତ୍ସରୁ ସମ୍ବଳ ସଂଗ୍ରହ (ଗାଁ କଲ୍ୟାଣ ସମିତି ଖୋଲା ପାଣ୍ଠି ବ୍ୟତିରେକ) | ପାଣ୍ଠି ସଂଗ୍ରହ ଓ ଏହାର ବିନିଯୋଗ |

*"ସୁସ୍ଥ ଗାଁ ପୁରସ୍କାର" ପାଇବାକୁ ଯୋଗ୍ୟ ବିବେଚିତ ହେବା ପାଇଁ ଗାଁ କଲ୍ୟାଣ ସମିତି ଅଧିନସ୍ଥ ସମସ୍ତ ଗାଁ ବା ପଡ଼ା ଗ୍ରାମଗୁଡ଼ିକରେ ଅନ୍ତତଃ ୬ ମାସ ଧରି ପୂର୍ବ ବର୍ଣ୍ଣିତ ସୂଚକ ଅନୁଯାୟୀ ସଫଳତା ହାସଲ କରିବାକୁ ହେବ । ଏ ବିଷୟରେ ସବିଶେଷ ବିବରଣୀ, ସୁସ୍ଥ ଗାଁ ପୁରସ୍କାର- ମାର୍ଗଦର୍ଶିକାରେ ଉଲ୍ଲେଖ କରାଯାଇଛି ।*

★ **ସୁସ୍ଥ ଗାଁ ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ଗାଁ କଲ୍ୟାଣ ସମିତିକୁ ପୁରସ୍କାର ଆକାରରେ ଟ.୧୦,୦୦୦.୦୦ (ଦଶ ହଜାର ଟଙ୍କା) ଓ ମାନପତ୍ର ପ୍ରଦାନ କରାଯିବ ।**

# ସୁସ୍ଥ ପଞ୍ଚାୟତ ପୁରସ୍କାର ପାଇଁ ମାନଦଣ୍ଡ

| କ୍ର.ସଂ. | ସୂଚକାଙ୍କ | ତଥ୍ୟ ଜାଣିବାର ମାଧ୍ୟମ | ସର୍ବାଧିକ ନମ୍ବର |
|---|---|---|---|
| **ଗାଁ କଲ୍ୟାଣ ସମିତି ଓ ସ୍ୱାସ୍ଥ୍ୟ ଉପକେନ୍ଦ୍ର ସମ୍ପର୍କୀୟ କାର୍ଯ୍ୟକ୍ରମର ରୂପାୟନ** | | | |
| ୧. | ସ୍ୱାସ୍ଥ୍ୟକୁ ଏକ ମୁଖ୍ୟ ବିଷୟ ଭାବରେ ଗ୍ରାମପଞ୍ଚାୟତ ବୈଠକରେ ଆଲୋଚନା କରିବା ସହିତ ଓ ବିବରଣୀକୁ ଲିପିବଦ୍ଧ କରିବା । | ଗ୍ରାମପଞ୍ଚାୟତ ବୈଠକ ବିବରଣୀ ପୁସ୍ତିକା | ୬ଟି ବୈଠକ ହୋଇଥିବ - ୫ ନମ୍ବର<br>୪-୫ ବୈଠକ - ୩ ନମ୍ବର<br>୨-୩ ଟି ବୈଠକ - ୨ ନମ୍ବର<br>୨ରୁ କମ୍ ବୈଠକ - ୦ ନମ୍ବର |
| ୨. | ଗାଁ ସ୍ୱାସ୍ଥ୍ୟ ଦିବସ (ଜି.କେ.ଏସ୍) ବୈଠକ ଆୟୋଜନ ଏବଂ ଏହାର ବିବରଣୀକୁ ଗ୍ରାମ ପଞ୍ଚାୟତ ବୈଠକରେ ଆଲୋଚନା ଅନ୍ତର୍ଭୁକ୍ତ କରିବା । | ଜି.କେ.ଏସ୍. ବିବରଣୀ ପୁସ୍ତିକା ଓ ବ୍ୟକ୍ତିଗତ ଯାଞ୍ଚ | ୬ଟି ବୈଠକ ହୋଇଥିବ - ୫ ନମ୍ବର<br>୪-୫ ବୈଠକ - ୩ ନମ୍ବର<br>୨-୩ ଟି ବୈଠକ - ୨ ନମ୍ବର<br>୨ରୁ କମ୍ ବୈଠକ - ୦ ନମ୍ବର |
| ୩. | ସଂପୃକ୍ତ ଗ୍ରାମ ପଞ୍ଚାୟତ ଅଧିନରେ ଥିବା ସମସ୍ତ ଗାଁ କଲ୍ୟାଣ ସମିତି ଗୁଡିକରେ ବାର୍ଷିକ ସ୍ୱାସ୍ଥ୍ୟ ଯୋଜନା ପ୍ରସ୍ତୁତ ହୋଇଥିବ । | ବ୍ୟକ୍ତିଗତ ଯାଞ୍ଚ | ସମସ୍ତ ଗାଁ କଲ୍ୟାଣ ସମିତିର ବାର୍ଷିକ ସ୍ୱାସ୍ଥ୍ୟ ଯୋଜନା ପ୍ରସ୍ତୁତ ହୋଇଛି - ୫ ନମ୍ବର<br>୭୧-୯୯% - ୩ ନମ୍ବର<br>୫୧-୭୦% - ୨ ନମ୍ବର<br>୨୧-୫୦% - ୧ ନମ୍ବର |
| ୪. | ସଂପୃକ୍ତ ଗ୍ରାମପଞ୍ଚାୟତ ଅନ୍ତର୍ଗତ ସମସ୍ତ ଗାଁ କଲ୍ୟାଣ ସମିତି ଖୋଲା ପାଣ୍ଠିର ଖର୍ଚ୍ଚ (ଆକଳନ ସମୟ ମଧ୍ୟରେ) | ଗାଁ କଲ୍ୟାଣ ସମିତି ବିବରଣୀ ପୁସ୍ତିକା ଓ ବିନିଯୋଗ ପ୍ରମାଣ ପତ୍ର । | ଅନୁଦାନ ରାଶିର ୧୦୦% ବିନିଯୋଗ - ୫ ନମ୍ବର<br>୭୧-୯୯% ବିନିଯୋଗ - ୩ ନମ୍ବର<br>୫୧-୬୦% ବିନିଯୋଗ - ୨ ନମ୍ବର<br>୨୧-୫୦% ବିନିଯୋଗ - ୧ ନମ୍ବର |
| ୫. | ସଂପୃକ୍ତ ଗ୍ରାମପଞ୍ଚାୟତ ଅଧିନରେ ଥିବା ସମସ୍ତ ଗାଁ କଲ୍ୟାଣ ସମିତିର ବିବରଣୀ ପୁସ୍ତିକା ପରିଚାଳନା, ନଥିକରଣ, କାର୍ଯ୍ୟକ୍ରମ ଭିତ୍ତିକ ଖର୍ଚ୍ଚ ବିନିଯୋଗ ପ୍ରମାଣ ପତ୍ର ପ୍ରଦାନ । | ଗାଁ କଲ୍ୟାଣ ସମିତି ବିବରଣୀ ପୁସ୍ତିକା ଓ ବିନିଯୋଗ ପ୍ରମାଣ ପତ୍ର । | ସମସ୍ତ ବିନିଯୋଗ ପ୍ରମାଣ ପତ୍ର ପ୍ରସ୍ତୁତି ଓ ପ୍ରଦାନ - ୩ ନମ୍ବର<br>ଗାଁ କଲ୍ୟାଣ ସମିତିର ବିବରଣୀ ପୁସ୍ତିକାର ସଠିକ୍ ପରିଚାଳନା -୨ ନମ୍ବର |
| ୬. | ସଂପୃକ୍ତ ଗ୍ରାମପଞ୍ଚାୟତର ସରପଞ୍ଚଙ୍କ ଦ୍ୱାରା ଗାଁ କଲ୍ୟାଣ ସମିତି ପାଇଁ ଖୋଲା ପାଣ୍ଠି ବ୍ୟତୀତ ଅନ୍ୟାନ୍ୟ ଉତ୍ସରୁ ସମ୍ବଳ ସଂଗ୍ରହ କରିଥିବା ଅର୍ଥ ରାଶି । | ଗାଁ କଲ୍ୟାଣ ସମିତି ବିବରଣୀ ପୁସ୍ତିକା ଓ ବ୍ୟାଙ୍କ ଜମାଖାତା । | ଟ. ୧୫୦୦୦/- ରୁ ଅଧିକ ଅନୁଦାନ - ୫ ନମ୍ବର<br>ଟ.୧୨୦୦୦/- ରୁ ଟ.୧୫୦୦୦/- - ୩ ନମ୍ବର<br>ଟ. ୧୦୦୦୦/- ରୁ ୧୨୦୦୦/- - ୨ ନମ୍ବର<br>ଟ.୫,୦୦୦/- ରୁ ୧୦୦୦୦/- - ୧ ନମ୍ବର |

## ଗାଁ କଲ୍ୟାଣ ସମିତି ଓ ସ୍ୱାସ୍ଥ୍ୟ ଉପକେନ୍ଦ୍ର ସମ୍ପର୍କୀୟ କାର୍ଯ୍ୟକ୍ରମର ରୂପାୟନ

| | | | | |
|---|---|---|---|---|
| ୭. | ସ୍ୱାସ୍ଥ୍ୟ ଉପକେନ୍ଦ୍ର ଖୋଲା ପାଣ୍ଠିର ବିନିଯୋଗ (ଆକଳନ ସମୟ ମଧ୍ୟରେ) | ସ୍ୱାସ୍ଥ୍ୟ ଉପକେନ୍ଦ୍ର ଓ ରାକଡ ବହି ଓ ବିନିଯୋଗ ପ୍ରମାଣ ପତ୍ର । | ୧୦୦% ପାଣ୍ଠି ବିନିଯୋଗ<br>୭୧-୯୯% ବିନିଯୋଗ<br>୫୧-୭୦% ବିନିଯୋଗ<br>୨୧-୫୦% ବିନିଯୋଗ | -୫ ନମ୍ବର<br>- ୩ ନମ୍ବର<br>-୨ ନମ୍ବର<br>- ୧ ନମ୍ବର |
| ୮. | ସମସ୍ତ ସ୍ୱାସ୍ଥ୍ୟ ଉପକେନ୍ଦ୍ର ନିୟମିତ ଖୋଲା ରହିବା ସହିତ ଆବଶ୍ୟକୀୟ ସେବା ପ୍ରଦାନ ବ୍ୟବସ୍ଥା । | ସ୍ୱାସ୍ଥ୍ୟ ଉପକେନ୍ଦ୍ର ନଥିପତ୍ର ଓ ବ୍ୟକ୍ତିଗତ ଯାଞ୍ଚ । | ହଁ<br>ନାଁ | - ୫ ନମ୍ବର<br>- ୦ ନମ୍ବର |

## ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ କାର୍ଯ୍ୟକ୍ରମର ରୂପାୟନ

| | | | | |
|---|---|---|---|---|
| ୯. | ଗର୍ଭଧାରଣର ପ୍ରଥମ ତିନି ମାସ ମଧ୍ୟରେ ମହିଳାଙ୍କ ପଞ୍ଜିକରଣର ସ୍ଥିତି । | ଏ.ଏନ.ଏମ୍./ ମମତା ଦିବସ ବିବରଣୀ ପୁସ୍ତିକା | ସମସ୍ତ ଗର୍ଭବତୀ ମହିଳାଙ୍କ ପଞ୍ଜିକରଣ<br>୭୧-୯୯%<br>୫୧-୭୦%<br>୨୧-୫୦% | - ୫ ନମ୍ବର<br>- ୩ ନମ୍ବର<br>- ୨ ନମ୍ବର<br>- ୧ ନମ୍ବର |
| ୧୦. | ଆନୁଷ୍ଠାନିକ ପ୍ରସବର ସ୍ଥିତି । | ଏ.ଏନ୍.ଏମ୍ ବିବରଣୀ ପୁସ୍ତିକା | ସମସ୍ତ ପ୍ରସବ ଅନୁଷ୍ଠାନରେ ହୋଇଛି<br>୭୧-୯୯%<br>୫୧-୭୦%<br>୨୧-୫୦% | - ୫ ନମ୍ବର<br>- ୩ ନମ୍ବର<br>- ୨ ନମ୍ବର<br>- ୧ ନମ୍ବର |
| ୧୧. | କିଶୋରୀ ବାଳିକାମାନଙ୍କୁ ଲୌହସାର ଅନୁପୂରକ ଖାଦ୍ୟ ପ୍ରଦାନ ବିଷୟରେ ତଥ୍ୟ । | ଏ.ଏନ୍.ଏସ ବିବରଣୀ ପୁସ୍ତିକା | ସମସ୍ତ ବାଳିକାଙ୍କୁ ଦିଆଯାଇଛି<br>୭୧-୯୯%<br>୫୧-୭୦%<br>୨୧-୫୦% | - ୫ ନମ୍ବର<br>- ୩ ନମ୍ବର<br>- ୨ ନମ୍ବର<br>- ୧ ନମ୍ବର |
| ୧୨. | ମାତୃ ଓ ଶିଶୁ ମୃତ୍ୟୁର ସ୍ଥିତି । | ଏ.ଏନ୍.ଏମ./ ଅଙ୍ଗନୱାଡି କର୍ମୀଙ୍କ ବିବରଣ ପୁସ୍ତିକା | କୌଣସି ମୃତ୍ୟୁ ହୋଇନାହିଁ<br>ଯଦି କୌଣସି ମୃତ୍ୟୁ ହୋଇଛି | -୫ ନମ୍ବର<br>- ୦ ନମ୍ବର |
| ୧୩. | ଗର୍ଭବତୀ ମହିଳାଙ୍କ ରକ୍ତହୀନତା ସ୍ଥିତି | ଏ.ଏନ.ଏସ୍./ ମମତା ଦିବସ ବିବରଣୀ ପୁସ୍ତିକା | କୌଣସି ରକ୍ତହୀନ ମହିଳା ନାହାନ୍ତି<br>୧-୫୦%<br>୫୧-୮୦% | - ୫ ନମ୍ବର<br>- ୩ ନମ୍ବର<br>- ୧ନମ୍ବର |
| ୧୪. | ଆଶା କର୍ମୀଙ୍କ ଦ୍ୱାରା ନବଜାତ ଶିଶୁଙ୍କୁ ପରିଦର୍ଶନର ବିବରଣୀ । | ଏ.ଏନ୍.ଏମ୍ ବିବରଣୀ ପୁସ୍ତିକା | ସମସ୍ତ ନବଜାତ ଶିଶୁଙ୍କୁ ପରିଦର୍ଶନ<br>୭୧-୯୯%<br>୫୧-୭୦%<br>୨୧-୫୦% | - ୫ ନମ୍ବର<br>- ୩ ନମ୍ବର<br>- ୨ ନମ୍ବର<br>- ୧ ନମ୍ବର |
| ୧୫. | ଯୋଗ୍ୟ ବିବେଚିତ ଶିଶୁ ମାନଙ୍କର ସମ୍ପୂର୍ଣ୍ଣ ଟୀକାକରଣର ବିବରଣୀ । | ଏ.ଏନ୍.ଏମ୍/ ଟୀକାକରଣ ବିବରଣୀ ପୁସ୍ତିକା | ୧୦୦% ଶିଶୁଙ୍କର ଟୀକାକରଣ ହୋଇଛି<br>୭୧-୯୯%<br>୫୧-୭୦%<br>୨୧-୫୦% | - ୫ ନମ୍ବର<br>- ୩ ନମ୍ବର<br>- ୨ ନମ୍ବର<br>- ୧ ନମ୍ବର |

| | | | |
|---|---|---|---|
| **ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ କାର୍ଯ୍ୟକ୍ରମର ରୂପାୟନ** | | | |
| ୧୬. | ଶିଶୁମାନଙ୍କ ଅପପୁଷ୍ଟି ସ୍ଥିତିର ବିବରଣୀ | ଏନଏମ୍ / ମମତା ଦିବସ ବିବରଣୀ ପୁସ୍ତିକା | କୌଣସି ଅପପୁଷ୍ଟି ଶିଶୁ ନାହାନ୍ତି - ୫ ନମ୍ବର<br>୧-୫୦% ଅପପୁଷ୍ଟି ଶିଶୁ ଅଛନ୍ତି - ୩ ନମ୍ବର<br>୫୧-୮୦% ଅପପୁଷ୍ଟି ଶିଶୁ ଅଛନ୍ତି - ୧ ନମ୍ବର |
| ୧୭. | ସମସ୍ତ ହିତାଧିକାରୀ ପ୍ରତ୍ୟେକ ମମତା ଦିବସ ଓ ଟୀକାକରଣ କାର୍ଯ୍ୟ ଦିବସରେ ଅନ୍ତର୍ଭୁକ୍ତ ହୋଇଥିବାର ବିବରଣୀ । | ମମତା ଦିବସ ଓ ଟୀକାକରଣ ବିବରଣୀ ପୁସ୍ତିକା | ୧୦୦% ଅନ୍ତର୍ଭୁକ୍ତ - ୫ ନମ୍ବର<br>ଆଂଶିକ ୭୧-୯୯% - ୩ ନମ୍ବର<br>ଆଂଶିକ ୫୧-୭୦% - ୨ ନମ୍ବର<br>ଆଂଶିକ ୨୧-୫୦% - ୧ ନମ୍ବର |
| ୧୮. | ଜନ୍ମ ଓ ମୃତ୍ୟୁ ପ୍ରମାଣ ପତ୍ର ପ୍ରଦାନର ବିବରଣୀ | ଜନ୍ମ ଓ ମୃତ୍ୟୁ ବିବରଣୀ ପୁସ୍ତିକା | ୧୦୦% ପ୍ରମାଣ ପତ୍ର ପ୍ରଦାନ - ୫ ନମ୍ବର<br>୭୧-୯୯% - ୩ ନମ୍ବର<br>୫୧-୭୦% - ୨ ନମ୍ବର<br>୨୧-୫୦% - ୧ ନମ୍ବର |
| **ଗ୍ରାମ ପଞ୍ଚାୟତ ସ୍ତରୀୟ କାର୍ଯ୍ୟକ୍ରମର ରୂପାୟନ** | | | |
| ୧୯. | ଗ୍ରାମପଞ୍ଚାୟତ ସ୍ତରରେ ନିରାପଦ ପାନୀୟ ଜଳର ବ୍ୟବସ୍ଥା ରହିଛି । (ନଳକୂପ ଜଳ) | ବ୍ୟକ୍ତିଗତ ଯାଞ୍ଚ | ହଁ - ୫ ନମ୍ବର<br>ନା - ୦ ନମ୍ବର |
| ୨୦. | ଗ୍ରାମ ପଞ୍ଚାୟତ ସ୍ତରରେ ଗୋଷ୍ଠୀ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ କାର୍ଯ୍ୟକ୍ରମର ରୂପାୟନ (ଆକଳନ ସମୟ ମଧ୍ୟରେ) | ବ୍ୟକ୍ତିଗତ ଯାଞ୍ଚ ଓ ପଞ୍ଚାୟତ ବିବରଣୀ ପୁସ୍ତିକା | **ଗ୍ରାମ ପଞ୍ଚାୟତ ପାଣ୍ଠିର ବିନିଯୋଗ**<br>୭୧-୧୦୦% - ୫ ନମ୍ବର<br>୫୧-୭୦% - ୩ ନମ୍ବର<br>୩୧-୫୦% - ୨ ନମ୍ବର<br>୨୧-୩୦% - ୧ ନମ୍ବର |

- **"ସୁସ୍ଥ ପଞ୍ଚାୟତ ପୁରସ୍କାର" ପାଇବାକୁ ଯୋଗ୍ୟ ବିବେଚିତ ହେବା ପାଇଁ ଗ୍ରାମ ପଞ୍ଚାୟତ ଅଧିନସ୍ଥ ସମସ୍ତ ଗାଁ କଲ୍ୟାଣ ସମିତି ଗୁଡିକରେ ଅନ୍ତତଃ ୬ ମାସ ଧରି ପୂର୍ବ ବର୍ଣ୍ଣିତ ସୂଚକ ଅନୁଯାୟୀ ସଫଳତା ହାସଲ କରିବାକୁ ହେବ । ଏ ବିଷୟରେ ସବିଶେଷ ବିବରଣୀ, ସୁସ୍ଥ ପଞ୍ଚାୟତ ପୁରସ୍କାର" - ମାର୍ଗଦର୍ଶିକାରେ ଉଲ୍ଲେଖ କରାଯାଇଛି ।**
- **ସୁସ୍ଥ ପଞ୍ଚାୟତ ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ଗ୍ରାମ ପଞ୍ଚାୟତକୁ ପୁରସ୍କାର ଆକାରରେ ଟ. ୧୦,୦୦୦/- (ଦଶ ହଜାର ଟଙ୍କା), ଫଳକ ଓ ମାନପତ୍ର ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି ।**

# ଗାଁ କଲ୍ୟାଣ ସମିତି ବିବରଣୀ ପୁସ୍ତିକା ପରିଚାଳନା ସମ୍ବନ୍ଧୀୟ ସୂଚନାବଳୀ

## ପ୍ରଥମ ଭାଗ

## ଗାଁ କଲ୍ୟାଣ ସମିତିର ବୈଠକ ବିବରଣୀ

ଏହି ବିଭାଗରେ ଗାଁ କଲ୍ୟାଣ ସମିତି ଦ୍ୱାରା ଅନୁଷ୍ଠିତ ହେଉଥିବା ମାସିକ ବୈଠକରେ ଶିଶୁ, ମାତୃ, କୈଶୋର ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ଆଲୋଚନା କରିବା ସହିତ ସମ୍ପୂର୍ଣ୍ଣ ବିବରଣୀ ଯଥା ଆଲୋଚିତ ବିଷୟବସ୍ତୁ, ନିଆଯାଇଥିବା ନିଷ୍ପତ୍ତି, ସମ୍ପାଦନ କରିଥିବା ବିଭିନ୍ନ କାର୍ଯ୍ୟକ୍ରମ ତଥା ଗାଁ ସ୍ୱାସ୍ଥ୍ୟ ଯୋଜନା ଅନୁଯାୟୀ କାର୍ଯ୍ୟକ୍ରମ ସମ୍ପାଦନ କରିବା ନିମନ୍ତେ ଆବଶ୍ୟକ ଖର୍ଚ୍ଚ ରାଶିର ଅନୁମୋଦନ ଆଦି ବିଷୟରେ ଲିପିବଦ୍ଧ କରାଯିବ ।

# ଗାଁ କଲ୍ୟାଣ ସମିତିର ବୈଠକ ବିବରଣୀ

## ଶିଶୁ ସ୍ୱାସ୍ଥ୍ୟ ସୂଚନା

**ବୈଠକ ତାରିଖ:**________

**ସ୍ଥାନ:**________________

**ସମୟ:**________________

| | |
|---|---|
| ଗତ ମାସରେ ଜନ୍ମଗ୍ରହଣ କରିଥିବା ଶିଶୁ ସଂଖ୍ୟା | |
| ୦-୪୨ ଦିନ ମଧ୍ୟରେ କେତେ ଜଣ ଶିଶୁ ଅଛନ୍ତି | |
| ୦-୪୨ ଦିନ ମଧ୍ୟରେ ଶିଶୁଙ୍କ ମଧ୍ୟରୁ କେତେ ଜଣ ବିପଦ ସଙ୍କୁଳ ଅଛନ୍ତି | |
| ଜନ୍ମିତ ଶିଶୁ ମାନଙ୍କ ମଧ୍ୟରୁ ୨.୫ କି.ଗ୍ରା ରୁ କମ୍ ଓଜନ ଥିବା ଶିଶୁଙ୍କ ସଂଖ୍ୟା | |
| ୦-୫ ବର୍ଷ ମଧ୍ୟରେ ଅପପୁଷ୍ଟିର ଶିକାର ହୋଇଥିବା ଶିଶୁଙ୍କ ସଂଖ୍ୟା | |
| ୦-୫ ବର୍ଷ ମଧ୍ୟରେ କେତେ ଜଣ ଶିଶୁ କୌଣସି ରୋଗରେ ପିଡ଼ିତ ଅଛନ୍ତି | |
| ୦-୫ ବର୍ଷ ମଧ୍ୟରେ କେତେ ଜଣ ଶିଶୁ ମୃତ୍ୟୁବରଣ କରିଛନ୍ତି | |

| ମାତୃ ସ୍ୱାସ୍ଥ୍ୟ | | କୈଶୋର ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ | |
|---|---|---|---|
| ଗର୍ଭବତୀ ମହିଳାଙ୍କ ସଂଖ୍ୟା | | ୧୦-୧୯ ବର୍ଷ ମଧ୍ୟରେ କେତେ ଜଣ କୈଶୋର ରକ୍ତହୀନତାର ଶିକାର ହୋଇଛନ୍ତି | |
| ଗର୍ଭ ପଞ୍ଜିକରଣ କରିଥିବା ମହିଳାଙ୍କ ସଂଖ୍ୟା | | ମ୍ୟାଲେରିଆ ଓ ଝାଡ଼ାବାନ୍ତିରେ ଆକ୍ରାନ୍ତଙ୍କ ସଂଖ୍ୟା | |
| ରକ୍ତହୀନତାର ଶିକାର ହୋଇଥିବା ମହିଳା ସଂଖ୍ୟା | | ମଶାରି ବ୍ୟବହାର କରୁଥିବା ପରିବାର ସଂଖ୍ୟା | |
| ଗତ ମାସରେ କେତୋଟି ଘରୋଇ ପ୍ରସବ ହୋଇଛି | | ଘରୋଇ ପାଇଖାନା ବ୍ୟବହାର କରୁଥିବା ପରିବାର ସଂଖ୍ୟା | |
| ଗତ ମାସରେ କେତେ ଜଣ ଗର୍ଭବତୀ/ ପ୍ରସୂତୀ ମହିଳାଙ୍କ ମୃତ୍ୟୁ ହୋଇଛି | | ଅନ୍ୟାନ୍ୟ ରୋଗରେ ପିଡ଼ିତ ସଂଖ୍ୟା | |

**ଉପରୋକ୍ତ ସମସ୍ୟା ସହିତ ଅନ୍ୟାନ୍ୟ ବିଷୟବସ୍ତୁ ଉପରେ ଆଲୋଚନା:**

ନିଷ୍ପତ୍ତିର ବିବରଣୀ –

ଉପସ୍ଥିତ ବ୍ୟକ୍ତିଙ୍କ ନାମ ଓ ସ୍ୱାକ୍ଷର

ଆବାହିକାଙ୍କ ସ୍ୱାକ୍ଷର

ସଭାପତିଙ୍କ ସ୍ୱାକ୍ଷର

# ଦ୍ୱିତୀୟ ଭାଗ

## ଗାଁ କଲ୍ୟାଣ ସମିତିର ମାସିକ କାର୍ଯ୍ୟକ୍ରମ ଓ ଆର୍ଥିକ ବିବରଣୀ ଫର୍ଦ୍ଦ

### ଏହି ବିଭାଗରେ ଦିଆଯାଇଥିବା ବିବରଣୀ ଫର୍ଦ୍ଦକୁ ନିମ୍ନମତେ ପୂରଣ କରନ୍ତୁ

- ସମିତି ଦ୍ୱାରା ଆୟୋଜିତ ମାସିକ ବୈଠକର ତାରିଖ, ଅଂଶ ଗ୍ରହଣକାରୀଙ୍କ ସଂଖ୍ୟା ଓ ଗାଁ ସ୍ୱାସ୍ଥ୍ୟ ଯୋଜନା ଅନୁସାରେ ଆଲୋଚିତ ବିଷୟ ବସ୍ତୁର ମୁଖ୍ୟାଂଶ ନିର୍ଦ୍ଧାରିତ ସ୍ଥାନରେ ଲେଖନ୍ତୁ ।

- ଗାଁ ସ୍ୱାସ୍ଥ୍ୟ ଯୋଜନା ଅନୁସାରେ ଅନୁମୋଦନ ଲାଭ କରିଥିବା କାର୍ଯ୍ୟକ୍ରମ ଏବଂ ସେଥିମଧ୍ୟରୁ ସମ୍ପାଦିତ ହୋଇଥିବା କାର୍ଯ୍ୟ ତଥା ଏଥିପାଇଁ ହୋଇଥିବା ଆର୍ଥିକ ବ୍ୟୟର ପରିମାଣ ସୂଚିତ ସ୍ଥାନରେ ନିର୍ଭୁଲ ଭାବରେ ଲେଖନ୍ତୁ ।

- ଆର୍ଥିକ ବିବରଣୀ ଲିପିବଦ୍ଧ ସମୟରେ ସମିତିର ପୂର୍ବମାସ ଶେଷ ସୁଦ୍ଧା ବଳକା ରାଶିର ପରିମାଣ, ବିବରଣୀ ଲେଖାଯାଉଥିବା ମାସ ମାନଙ୍କରେ ମିଳିଥିବା ଅନୁଦାନ ଏବଂ ପ୍ରତ୍ୟେକ ମାସରେ ହୋଇଥିବା ସମୁଦାୟ ଖର୍ଚ୍ଚ ଓ ଅବଶିଷ୍ଟ ବଳକା ରାଶିର ପରିମାଣ ସୂଚିତ ସ୍ଥାନରେ ସଠିକ୍ ଭାବରେ ଲେଖନ୍ତୁ ।

- ସମିତିର ମାସିକ କାର୍ଯ୍ୟକ୍ରମ ଓ ଆର୍ଥିକ ବିବରଣୀ ଫର୍ଦ୍ଦ ପ୍ରସ୍ତୁତ ସମୟରେ ବ୍ୟାଙ୍କ ଜମାଖାତା ସହ ଆର୍ଥିକ ବିବରଣୀର ଯେପରି ମେଳ ରହେ ତାହା ସୁନିଶ୍ଚିତ କରିବା ସହିତ ଏହାର ଅସଲ ଫର୍ଦ୍ଦକୁ ବ୍ଲକ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ପ୍ରଦାନ କରନ୍ତୁ ଓ ନକଲକୁ ପୁସ୍ତିକା ସହ ସଂଲଗ୍ନ କରି ରଖନ୍ତୁ ।

## ଅସଲ

# ଗାଁ କଲ୍ୟାଣ ସମିତିର ମାସିକ କାର୍ଯ୍ୟକ୍ରମ ଓ ଆର୍ଥିକ ବିବରଣୀ ଫର୍ଦ୍ଦ

(ଆବାହିକାଙ୍କ ଦ୍ୱାରା ବ୍ଲକ୍ ସ୍ୱାସ୍ଥ୍ୟଅଧିକାରୀଙ୍କୁ ପ୍ରଦାନ କରାଯିବ)

ଗାଁ କଲ୍ୟାଣ ସମିତିର ନାମ–                                ଗ୍ରାମ ପଞ୍ଚାୟତ–

ସ୍ୱାସ୍ଥ୍ୟକେନ୍ଦ୍ର –                                ବ୍ଲକ –

ତ୍ରୟ ମାସିକ ଗାଁ ସାସ୍ଥ୍ୟ ଯୋଜନା ପ୍ରସ୍ତୁତି ସମୟ ଓ ବର୍ଷ :– ଅପ୍ରେଲ / ଜୁଲାଇ / ଅକ୍ଟୋବର / ଜାନୁୟାରୀ

ବିନିଯୋଗ ପ୍ରମାଣ ପତ୍ର ପ୍ରଦାନ କରାଯିବା ତାରିଖ : ____________________

### ବୈଠକର ବିବରଣୀ

| ବୈଠକ ତାରିଖ | ଅଂଶଗ୍ରହଣକାରୀଙ୍କ ସଂଖ୍ୟା | ଗାଁ ସାସ୍ଥ୍ୟ ଯୋଜନା ଅନୁସାରେ ଆଲୋଚିତ ମୁଖ୍ୟ ବିଷୟ |
|---|---|---|
| | | |
| | | |

### ଗାଁ ସାସ୍ଥ୍ୟ ଯୋଜନା ଅନୁସାରେ ସଂପାଦିତ କାର୍ଯ୍ୟର ବିସ୍ତୃତ ବିବରଣୀ

| ଗାଁ ସାସ୍ଥ୍ୟ ଯୋଜନା ଅନୁସାରେ ପ୍ରସ୍ତାବିତ କାର୍ଯ୍ୟର ନାମ | ଗାଁ ସାସ୍ଥ୍ୟ ଯୋଜନା ଅନୁସାରେ ସଂପାଦିତ କାର୍ଯ୍ୟର ନାମ | ଖର୍ଚ୍ଚ ରାଶିର ପରିମାଣ (ଟଙ୍କା) |
|---|---|---|
| | | |
| | | |
| | | |
| | | |
| | | |
| | | |
| | | |
| | | |
| | ମୋଟ୍ ଖର୍ଚ୍ଚ ରାଶିର ପରିମାଣ | |

### ଆର୍ଥିକ ବିବରଣୀ

| | |
|---|---|
| ଗତମାସ ଆରମ୍ଭରେ ବଳକା ରାଶିର ପରିମାଣ | ହାତରେ........... ବ୍ୟାଙ୍କଜମା ଖାତାରେ............ମୋଟ........... |
| ଗତ ମାସରେ ପ୍ରାପ୍ତ ରାଶି (ଖୋଲାପାଣି / ଅନ୍ୟାନ୍ୟ ଉତ୍ସରୁ ଅନୁଦାନ) ର ପରିମାଣ ଓ ତାରିଖ | ଟ................................ ତାରିଖ .................................. |
| ଗତ ମାସରେ ଜମା ଖାତାରୁ ଉଠାଯାଇଥିବା ରାଶିର ପରିମାଣ ଓ ତାରିଖ | ଟ................................ ତାରିଖ .................................. |
| ଗତ ମାସରେ ସମୁଦାୟ ଖର୍ଚ୍ଚ ରାଶିର ପରିମାଣ | ଟ................................ |
| ଅବଶିଷ୍ଟ ବଳକା ରାଶିର ପରିମାଣ | ହାତରେ........... ବ୍ୟାଙ୍କଜମା ଖାତାରେ............ମୋଟ........... |

ଆବାହିକାଙ୍କ ସିଲ୍ ଓ ସ୍ୱାକ୍ଷର                                ସଭାପତିଙ୍କ ସିଲ୍ ଓ ସ୍ୱାକ୍ଷର

## ନକଲ

# ଗାଁ କଲ୍ୟାଣ ସମିତିର ମାସିକ କାର୍ଯ୍ୟକ୍ରମ ଓ ଆର୍ଥିକ ବିବରଣୀ ଫର୍ଦ୍ଦ

(ଏହି ଫର୍ଦ୍ଦକୁ ସମ୍ପୂର୍ଣ୍ଣ ପୂରଣ କରି ବିବରଣୀ ପୁସ୍ତିକା ସହ ସଂଲଗ୍ନ କରି ରଖନ୍ତୁ)

ଗାଁ କଲ୍ୟାଣ ସମିତିର ନାମ– ଗ୍ରାମ ପଞ୍ଚାୟତ–

ସ୍ୱାସ୍ଥ୍ୟକେନ୍ଦ୍ର – ବ୍ଲକ –

ବ୍ୟାଙ୍କ ଜମାଖାତା ନମ୍ବର –

ତ୍ରୟ ମାସିକ ଗାଁ ସାସ୍ଥ୍ୟ ଯୋଜନା ପ୍ରସ୍ତୁତି ସମୟ ଓ ବର୍ଷ :- ଅପ୍ରେଲ / ଜୁଲାଇ / ଅକ୍ଟୋବର / ଜାନୁୟାରୀ

ବିନିଯୋଗ ପ୍ରମାଣ ପତ୍ର ପ୍ରଦାନ କରାଯିବା ତାରିଖ : ____________________

## ବୈଠକର ବିବରଣୀ

| ବୈଠକ ତାରିଖ | ଅଂଶଗ୍ରହଣକାରୀଙ୍କ ସଂଖ୍ୟା | ଗାଁ ସାସ୍ଥ୍ୟ ଯୋଜନା ଅନୁସାରେ ଆଲୋଚିତ ବିଷୟ |
|---|---|---|
| | | |
| | | |

## ଗାଁ ସାସ୍ଥ୍ୟ ଯୋଜନା ଅନୁସାରେ ସଂପାଦିତ କାର୍ଯ୍ୟର ବିସ୍ତୃତ ବିବରଣୀ

| ଗାଁ ସାସ୍ଥ୍ୟ ଯୋଜନା ଅନୁସାରେ ପ୍ରସ୍ତାବିତ କାର୍ଯ୍ୟର ନାମ | ଗାଁ ସାସ୍ଥ୍ୟ ଯୋଜନା ଅନୁସାରେ ସଂପାଦିତ କାର୍ଯ୍ୟର ନାମ | ଖର୍ଚ୍ଚ ରାଶିର ପରିମାଣ (ଟଙ୍କା) |
|---|---|---|
| | | |
| | | |
| | | |
| | | |
| | | |
| | | |
| | | |
| | | |
| | ମୋଟ୍ ଖର୍ଚ୍ଚ ରାଶିର ପରିମାଣ | |

## ଆର୍ଥିକ ବିବରଣୀ

| | |
|---|---|
| ଗତମାସ ଆରମ୍ଭରେ ବଳକା ରାଶିର ପରିମାଣ | ହାତରେ........... ବ୍ୟାଙ୍କ୍‌ଜମା ଖାତାରେ............ମୋଟ........... |
| ଗତ ମାସରେ ପ୍ରାପ୍ତ ରାଶି (ଖୋଲାପାଣ୍ଠି / ଅନ୍ୟାନ୍ୟ ଉତ୍ସରୁ ଅନୁଦାନ) ର ପରିମାଣ ଓ ତାରିଖ | ଟ.............................. ତାରିଖ ................................ |
| ଗତ ମାସରେ ଜମା ଖାତାରୁ ଉଠାଯାଇଥିବା ରାଶିର ପରିମାଣ ଓ ତାରିଖ | ଟ.............................. ତାରିଖ ................................ |
| ଗତ ମାସରେ ସମୁଦାୟ ଖର୍ଚ୍ଚ ରାଶିର ପରିମାଣ | ଟ.............................. |
| ଅବଶିଷ୍ଟ ବଳକା ରାଶିର ପରିମାଣ | ହାତରେ........... ବ୍ୟାଙ୍କ୍‌ଜମା ଖାତାରେ............ମୋଟ........... |

ଆବାହିକାଙ୍କ ସିଲ୍ ଓ ସ୍ୱାକ୍ଷର ସଭାପତିଙ୍କ ସିଲ୍ ଓ ସ୍ୱାକ୍ଷର

# ତୃତୀୟ ଭାଗ

## ଗାଁ କଲ୍ୟାଣ ସମିତି
## ବିନିଯୋଗ ପ୍ରମାଣ ପତ୍ର

ଗାଁ କଲ୍ୟାଣ ସମିତି ଦ୍ୱାରା ଗାଁ ସ୍ୱାସ୍ଥ୍ୟ ଯୋଜନା ଆଧାରରେ ସମ୍ପାଦନ କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ଓ ସେଥିପାଇଁ ହୋଇଥିବା ସମସ୍ତ ଖର୍ଚ୍ଚକୁ ଦେୟ ଭାଉଚର ଆଧାରରେ ବିନିଯୋଗ ପ୍ରମାଣ ପତ୍ର ପ୍ରସ୍ତୁତ କରନ୍ତୁ । ଏହାର ପ୍ରଥମ ଭାଗଟିକୁ ଅସଲ ବିନିଯୋଗ ପତ୍ର ରୂପେ ବ୍ୟବହାର କରାଯାଇ ବ୍ଲକ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ପ୍ରଦାନ କରନ୍ତୁ ଓ ଏହାର ୨ୟ ଭାଗଟିକୁ ଅବିକଳ ନକଲ ଭାବେ ସମିତିର ନଥିରୂପେ ବିବରଣୀ ପୁସ୍ତିକା ସହ ସଂଲଗ୍ନ କରି ରଖନ୍ତୁ ।

ଅସଲ

## ଗାଁ କଲ୍ୟାଣ ସମିତିର ନାମ________________________________

## ବିନିଯୋଗ ପ୍ରମାଣ ପତ୍ର (ମାସିକ)

**(ଆବାହିକାଙ୍କ ଦ୍ୱାରା ବ୍ଲକ୍ ସ୍ୱାସ୍ଥ୍ୟଅଧିକାରୀଙ୍କୁ ପ୍ରତି ମାସରେ ପ୍ରଦାନ କରାଯିବ)**

ଏତଦ୍ୱାରା ପ୍ରମାଣ କରାଯାଉଛି ଯେ ଗାଁ କଲ୍ୟାଣ ସମିତିକୁ ପ୍ରଦାନ କରାଯାଇଥିବା ଅନୁଦାନରୁ

_______________ ମାସରେ _________________ ଟଙ୍କା

ବିଭିନ୍ନ କାର୍ଯ୍ୟରେ ବିନିଯୋଗ କରାଗଲା ।

**ଆବାହିକାଙ୍କ ସିଲ୍ ଓ ସ୍ୱାକ୍ଷର** **ସଭାପତିଙ୍କ ସିଲ୍ ଓ ସ୍ୱାକ୍ଷର**

---

ନକଲ

## ଗାଁ କଲ୍ୟାଣ ସମିତିର ନାମ________________________________

## ବିନିଯୋଗ ପ୍ରମାଣ ପତ୍ର (ମାସିକ)

**(ଆବାହିକା ଏହାକୁ ପୂରଣ କରି ବିବରଣୀ ପୁସ୍ତିକା ସହ ସଂଲଗ୍ନ କରି ରଖନ୍ତୁ)**

ଏତଦ୍ୱାରା ପ୍ରମାଣ କରାଯାଉଛି ଯେ ଗାଁ କଲ୍ୟାଣ ସମିତିକୁ ପ୍ରଦାନ କରାଯାଇଥିବା ଅନୁଦାନରୁ

_______________ ମାସରେ _________________ ଟଙ୍କା

ବିଭିନ୍ନ କାର୍ଯ୍ୟରେ ବିନିଯୋଗ କରାଗଲା ।

**ଆବାହିକାଙ୍କ ସିଲ୍ ଓ ସ୍ୱାକ୍ଷର** **ସଭାପତିଙ୍କ ସିଲ୍ ଓ ସ୍ୱାକ୍ଷର**

# ଚତୁର୍ଥ ଭାଗ

# ଗାଁ କଲ୍ୟାଣ ସମିତି
# ବାର୍ଷିକ ବିବରଣୀ ଫର୍ଦ୍ଦ

ଗାଁ କଲ୍ୟାଣ ସମିତି ଦ୍ୱାରା ଗତ ଆର୍ଥିକ ବର୍ଷରେ ହୋଇଥିବା ସମସ୍ତ ଖର୍ଚ୍ଚ ରାଶିର ପରିମାଣକୁ ଏହି ବିନିଯୋଗ ପ୍ରମାଣ ପତ୍ର ଫର୍ଦ୍ଦ ମାଧ୍ୟମରେ ପ୍ରସ୍ତୁତ କରି ବ୍ଲକ୍ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ବାର୍ଷିକ ଭିତ୍ତିରେ ଏକକାଳୀନ ପ୍ରଦାନ କରନ୍ତୁ ଓ ଏହାର ୨ୟ ଭାଗଟିକୁ ଅବିକଳ ନକଲ ଭାବେ ସମିତିର ନଥିରୂପେ ବିବରଣୀ ପୁସ୍ତିକା ସହ ସଂଲଗ୍ନ କରି ରଖନ୍ତୁ ।

## ବିନିଯୋଗ ପ୍ରମାଣ ପତ୍ର (ବାର୍ଷିକ) ଅସଲ

(ଆବାହିକାଙ୍କ ଦ୍ୱାରା ବ୍ଲକ୍ ସ୍ୱାସ୍ଥ୍ୟଅଧିକାରୀଙ୍କୁ ପ୍ରତି ବର୍ଷ ଶେଷରେ ପ୍ରଦାନ କରାଯିବ)

**ଗାଁ କଲ୍ୟାଣ ସମିତିର ନାମ :.......................................** **ଆର୍ଥିକ ବର୍ଷ .............**

**ବ୍ଲକ୍‌ର ନାମ :..................................................**

**ବାର୍ଷିକ ବିନିଯୋଗ ପ୍ରମାଣ ପତ୍ର ପ୍ରଦାନ କରିବାର ତାରିଖ ଓ ବର୍ଷ :-**

| ଆର୍ଥିକ ବର୍ଷ ଆରମ୍ଭରେ ପ୍ରାରମ୍ଭିକ ଜମା ରାଶିର ପରିମାଣ | ଚଳିତ ବର୍ଷରେ ପ୍ରାପ୍ତ ରାଶିର ପରିମାଣ (ଖୋଲାପାଣ୍ଠି / ଅନ୍ୟାନ୍ୟ ଉତ୍ସରୁ ଅନୁଦାନ) | ଚଳିତ ବର୍ଷ ମୋଟ ଖର୍ଚ୍ଚ ରାଶିର ପରିମାଣ | ଅବଶିଷ୍ଟ ବଳକା ରାଶିର ପରିମାଣ |
|---|---|---|---|
| | | | |

ଏତଦ୍ୱାରା ପ୍ରମାଣ କରାଯାଉଛି ଯେ ଗାଁ କଲ୍ୟାଣ ସମିତି ପାଖରେ ଉପଲବ୍ଧ ମୋଟ୍ ରାଶିରୁ ବର୍ଷ .....................ରେ

...........................................................................ଟଙ୍କା ବିଭିନ୍ନ କାର୍ଯ୍ୟରେ ବିନିଯୋଗ କରାଯାଇଛି ।

**ଆବାହିକାଙ୍କ ସିଲ୍ ଓ ସ୍ୱାକ୍ଷର** **ସଭାପତିଙ୍କ ସିଲ୍ ଓ ସ୍ୱାକ୍ଷର**

## ବିନିଯୋଗ ପ୍ରମାଣ ପତ୍ର (ବାର୍ଷିକ) ନକଲ

(ଏହାକୁ ପୂରଣ କରି ବିବରଣୀ ପୁସ୍ତିକା ସହ ସଂଲଗ୍ନ କରି ରଖନ୍ତୁ)

**ଗାଁ କଲ୍ୟାଣ ସମିତିର ନାମ :.......................................** **ଆର୍ଥିକ ବର୍ଷ .............**

**ବ୍ଲକ୍‌ର ନାମ :..................................................**

**ବାର୍ଷିକ ବିନିଯୋଗ ପ୍ରମାଣ ପତ୍ର ପ୍ରଦାନ କରିବାର ତାରିଖ ଓ ବର୍ଷ :-**

| ଆର୍ଥିକ ବର୍ଷ ଆରମ୍ଭରେ ପ୍ରାରମ୍ଭିକ ଜମା ରାଶିର ପରିମାଣ | ଚଳିତ ବର୍ଷରେ ପ୍ରାପ୍ତ ରାଶିର ପରିମାଣ (ଖୋଲାପାଣ୍ଠି / ଅନ୍ୟାନ୍ୟ ଉତ୍ସରୁ ଅନୁଦାନ) | ଚଳିତ ବର୍ଷ ମୋଟ ଖର୍ଚ୍ଚ ରାଶିର ପରିମାଣ | ଅବଶିଷ୍ଟ ବଳକା ରାଶିର ପରିମାଣ |
|---|---|---|---|
| | | | |

ଏତଦ୍ୱାରା ପ୍ରମାଣ କରାଯାଉଛି ଯେ ଗାଁ କଲ୍ୟାଣ ସମିତି ପାଖରେ ଉପଲବ୍ଧ ମୋଟ୍ ରାଶିରୁ ବର୍ଷ .....................ରେ

...........................................................................ଟଙ୍କା ବିଭିନ୍ନ କାର୍ଯ୍ୟରେ ବିନିଯୋଗ କରାଯାଇଛି ।

**ଆବାହିକାଙ୍କ ସିଲ୍ ଓ ସ୍ୱାକ୍ଷର** **ସଭାପତିଙ୍କ ସିଲ୍ ଓ ସ୍ୱାକ୍ଷର**

## ପଞ୍ଚମ ଭାଗ

# ଗାଁ କଲ୍ୟାଣ ସମିତି
# ରୋକଡ଼ ବହି
## (କ୍ୟାସ ବୁକ୍)

ଗାଁ କଲ୍ୟାଣ ସମିତିକୁ ବିଭିନ୍ନ ସୂତ୍ରରୁ ମିଳୁଥିବା ଅନୁଦାନ ଏବଂ ସମିତି ଦ୍ୱାରା ବିଭିନ୍ନ କାର୍ଯ୍ୟପାଇଁ ହେଉଥିବା ବ୍ୟୟର ସଠିକ୍ ହିସାବ ରଖିବା ନିମନ୍ତେ ଏହି ରୋକଡ ବହି / କ୍ୟାସବୁକ୍‌କୁ ଆବାହିକା (ଅଙ୍ଗନୱାଡ଼ି କର୍ମୀ) ଆଶାଙ୍କ ସହାୟତାରେ ପରିଚାଳନା କରିବେ । ସମିତିକୁ ମିଳୁଥିବା ଅନୁଦାନ ଓ ସମସ୍ତ ଖର୍ଚ୍ଚର ବିବରଣୀକୁ ତାରିଖ ଅନୁସାରେ ଦିଆଯାଇଥିବା ସ୍ତମ୍ଭରେ ନାଲି ଅକ୍ଷରରେ ଲେଖିବା ସଙ୍ଗେ ସଙ୍ଗେ ବିସ୍ତୃତ ବିବରଣୀକୁ ସାଧାରଣ କାଳିରେ ଲେଖନ୍ତୁ ।

# ଗାଁ କଲ୍ୟାଣ ସମିତି
## ରୋକଡ଼ ବହି

| ଆୟ | | |
|---|---|---|
| ତାରିଖ | ବିବରଣୀ | ପରିମାଣ (ଟଙ୍କା) |
| | | |
| | | |
| | | |
| | | |
| | | |
| | | |
| | | |
| | | |
| | | |
| | | |
| | | |
| | | |
| | | |
| | | |
| | | |
| | | |
| | | |
| | | |
| | | |
| | | |
| | | |
| | | |
| | | |
| | | |
| | | |
| | | |
| | | |
| | | |
| | | |
| | | |

# ଗାଁ କଲ୍ୟାଣ ସମିତି
## ରୋକଡ଼ ବହି

| ବ୍ୟୟ | | | |
|---|---|---|---|
| ତାରିଖ | ବିବରଣୀ | ଭାଉଚର ସଂଖ୍ୟା | ପରିମାଣ (ଟଙ୍କା) |
| | | | |
| | | | |
| | | | |
| | | | |
| | | | |
| | | | |
| | | | |
| | | | |
| | | | |
| | | | |
| | | | |
| | | | |
| | | | |
| | | | |
| | | | |
| | | | |
| | | | |
| | | | |
| | | | |
| | | | |
| | | | |
| | | | |
| | | | |
| | | | |
| | | | |
| | | | |
| | | | |
| | | | |
| | | | |
| | | | |

# ଷଷ୍ଠ ଭାଗ

# ଗାଁ କଲ୍ୟାଣ ସମିତି
# ଦେୟ ଭାଉଚର

ଗାଁ କଲ୍ୟାଣ ସମିତି ଦ୍ୱାରା ସମ୍ପାଦିତ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ନିମନ୍ତେ ସେବା ପ୍ରଦାନକାରୀ ବ୍ୟକ୍ତି ବା ସଂସ୍ଥାକୁ ଯେଉଁ ଅର୍ଥ ପ୍ରଦାନ କରାଯାଇଥାଏ ତାହାର ନଥିକରଣ ନିମନ୍ତେ ଏହି ଦେୟ ଭାଉଚରକୁ ପୂରଣ କରି ନିଜ ପାଖରେ ରଖନ୍ତୁ ।

## ଗାଁ କଲ୍ୟାଣ ସମିତି ____________________

### ଦେୟ ଭାଉଚର

ଭାଉଚର ସଂଖ୍ୟା__________

__________ ତାରିଖ__________

ହିସାବ ଶୀର୍ଷ ____________________

ଶ୍ରୀ / ଶ୍ରୀମତୀ ____________________ଙ୍କୁ

____________________ କାର୍ଯ୍ୟ ବାବଦରେ

____________________ ଟଙ୍କା ନଗଦ / ଚେକ୍ ନଂ

__________ତାରିଖ __________ ରେ ପ୍ରଦାନ କରାଗଲା ।

ସଂଲଗ୍ନିତ ଉପଭାଉଚର ସଂଖ୍ୟା__________ ।

**ଆବାହିକାଙ୍କ ସିଲ୍ ଓ ସ୍ୱାକ୍ଷର** **ସଭାପତିଙ୍କ ସିଲ୍ ଓ ସ୍ୱାକ୍ଷର**


## ଗାଁ କଲ୍ୟାଣ ସମିତି ____________________

### ଦେୟ ଭାଉଚର

ଭାଉଚର ସଂଖ୍ୟା__________

__________ ତାରିଖ__________

ହିସାବ ଶୀର୍ଷ ____________________

ଶ୍ରୀ / ଶ୍ରୀମତୀ ____________________ଙ୍କୁ

____________________ କାର୍ଯ୍ୟ ବାବଦରେ

____________________ ଟଙ୍କା ନଗଦ / ଚେକ୍ ନଂ

__________ତାରିଖ __________ ରେ ପ୍ରଦାନ କରାଗଲା ।

ସଂଲଗ୍ନିତ ଉପଭାଉଚର ସଂଖ୍ୟା__________ ।

**ଆବାହିକାଙ୍କ ସିଲ୍ ଓ ସ୍ୱାକ୍ଷର** **ସଭାପତିଙ୍କ ସିଲ୍ ଓ ସ୍ୱାକ୍ଷର**

## ଗାଁ କଲ୍ୟାଣ ସମିତି ____________________

### ଦେୟ ଭାଉଚର

ଭାଉଚର ସଂଖ୍ୟା__________

__________ ତାରିଖ__________

ହିସାବ ଶୀର୍ଷ ____________________

ଶ୍ରୀ / ଶ୍ରୀମତୀ ____________________ଙ୍କୁ

____________________ କାର୍ଯ୍ୟ ବାବଦରେ

____________________ ଟଙ୍କା ନଗଦ / ଚେକ୍ ନଂ

__________ତାରିଖ __________ ରେ ପ୍ରଦାନ କରାଗଲା ।

ସଂଲଗ୍ନିତ ଉପଭାଉଚର ସଂଖ୍ୟା__________ ।

**ଆବାହିକାଙ୍କ ସିଲ୍ ଓ ସ୍ୱାକ୍ଷର** **ସଭାପତିଙ୍କ ସିଲ୍ ଓ ସ୍ୱାକ୍ଷର**

## ଗାଁ କଲ୍ୟାଣ ସମିତି ____________________

### ଦେୟ ଭାଉଚର

ଭାଉଚର ସଂଖ୍ୟା__________

__________ ତାରିଖ__________

ହିସାବ ଶୀର୍ଷ ____________________

ଶ୍ରୀ / ଶ୍ରୀମତୀ ____________________ଙ୍କୁ

____________________ କାର୍ଯ୍ୟ ବାବଦରେ

____________________ ଟଙ୍କା ନଗଦ / ଚେକ୍ ନଂ

__________ତାରିଖ __________ ରେ ପ୍ରଦାନ କରାଗଲା ।

ସଂଲଗ୍ନିତ ଉପଭାଉଚର ସଂଖ୍ୟା__________ ।

**ଆବାହିକାଙ୍କ ସିଲ୍ ଓ ସ୍ୱାକ୍ଷର** **ସଭାପତିଙ୍କ ସିଲ୍ ଓ ସ୍ୱାକ୍ଷର**

## “ଗାଁ କଲ୍ୟାଣ ସମିତି ପାଣ୍ଠି ଆମର - କରିବା ଏହାର ସଦ୍ ବ୍ୟବହାର”

| ଗାଁ କଲ୍ୟାଣ ସମିତି ନିଶ୍ଚିତ କରିବ । | ଗାଁ କଲ୍ୟାଣ ସମିତି କରିବ ନାହିଁ । |
|---|---|
| ୧. ସମିତିର ନିୟମିତ ମାସିକ ବୈଠକ ଅନୁଷ୍ଠିତ କିରବା ସହିତ ଗାଁ ସ୍ୱାସ୍ଥ୍ୟ ଯୋଜନା ପ୍ରସ୍ତୁତ କରିବ ।<br>୨. ସମିତିର ସମସ୍ତ ଖର୍ଚ୍ଚ ଗାଁ ସ୍ୱାସ୍ଥ୍ୟ ଯୋଜନା ଆଧାରରେ ଓ ଅନୁମୋଦନ କ୍ରମେ ହେବା ସହିତ ଏହା ବିବରଣୀ ପୁସ୍ତିକାରେ ଲିପିବଦ୍ଧ ହେବ ଓ ସ୍ୱାସ୍ଥ୍ୟକାନ୍ଥରେ ଲେଖାଯିବ ।<br>୩. ଖୋଲାପାଣ୍ଠିକୁ ବ୍ୟବହାର କରି ସମିତି ସମ୍ପାଦିତ କରୁଥିବା ସମସ୍ତ କାର୍ଯ୍ୟକ୍ରମର ବ୍ୟୟ କେବଳ ସମିତି ଦ୍ୱାରା କରାଯିବ ।<br>୪. ସମିତି ଖୋଲାପାଣ୍ଠିର ସମସ୍ତ ଅର୍ଥ ଉଠାଣ ଓ ଖର୍ଚ୍ଚ ସମିତିର ବିବରଣୀ ପୁସ୍ତିକା ଓ ଜମାଖାତାରେ ଲିପିବଦ୍ଧ କରାଯିବ ।<br>୫. କାର୍ଯ୍ୟକ୍ରମ ଯୋଜନା ବିନା ବ୍ୟାଙ୍କ୍‌ରୁ ଅର୍ଥ ଉଠାଯାଇ ପାରିବ ନାହିଁ ଓ ଉଠାଯାଇ ଥିବା ରାଶି ୧୫ ଦିନ ଭିତରେ ଖର୍ଚ୍ଚ କରାଯିବ ।<br>୬. ଜରୁରୀକାଳୀନ ପରିସ୍ଥିତି ନଥିଲେ ସମିତି ଏକକାଳୀନ ଅନୁଦାନ ରାଶି (୧୦,୦୦୦) ଟଙ୍କାର ଶତକଡ଼ା ୨୫ଭାଗରୁ ଅଧିକ ଖର୍ଚ୍ଚ କରିପାରିବ ନାହିଁ ।<br>୭. ସମସ୍ତ ଖର୍ଚ୍ଚ ରାଶିର ରସିଦ୍ ଓ ଅନ୍ୟାନ୍ୟ କାଗଜପତ୍ର ସମିତିର ଆବାହିକାଙ୍କ ଦ୍ୱାରା ପରିଚାଳିତ ହେବ ।<br>୮. ସମିତି କରୁଥିବା ସମସ୍ତ ଖର୍ଚ୍ଚର ଲିଖିତ ବିବରଣୀ ପ୍ରତ୍ୟେକ ମାସରେ ଓ ନିର୍ଦ୍ଧାରିତ ଫର୍ମାଟ୍‌ରେ ବ୍ଲକ୍ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଦାଖଲ କରାଯିବ । | ଗାଁ କଲ୍ୟାଣ ସମିତିର ଖୋଲାପାଣ୍ଠି ନିମ୍ନଲିଖିତ କାର୍ଯ୍ୟପାଇଁ ଖର୍ଚ୍ଚ ହେବ ନାହିଁ ।<br>୧. କୌଣସି ନିର୍ମାଣଭିତ୍ତିକ କାର୍ଯ୍ୟ ।<br>୨. କୌଣସି ଧାର୍ମିକ ଓ ସାମାଜିକ ଅନୁଷ୍ଠାନକୁ ଦାନ ଆକାରରେ ।<br>୩. କୌଣସି ବସ୍ତୁ ବା ସାମଗ୍ରୀର କ୍ରୟ ନିମନ୍ତେ ଖର୍ଚ୍ଚ ରାଶି ବାର୍ଷିକ ୧୦୦୦ଟଙ୍କା ମଧ୍ୟରେ ସୀମିତ ରହିବ (ଆଶା ସାଇକେଲ ବ୍ୟତୀତ) ।<br>୪. କୌଣସି ବ୍ୟକ୍ତି ବା ଅନୁଷ୍ଠାନକୁ ଋଣ ଆକାରରେ ଅର୍ଥ ପ୍ରଦାନ ।<br>୫. କୌଣସି ଔଷଧ ଓ ସ୍ୱାସ୍ଥ୍ୟ ଉପକରଣର କ୍ରୟ ।<br>୬. କୌଣସି ପ୍ରକାରର ଚୁକ୍ତିଭିତ୍ତିକ କିମ୍ବା ମାସିକ ଆକାରରେ ନିଯୁକ୍ତି ।<br>୭. ସରକାର କିମ୍ବା କୌଣସି ବେସରକାରୀ ଅନୁଷ୍ଠାନ ସମ୍ପାଦନ କରିଥିବା ବିକାଶମୂଳକ କାର୍ଯ୍ୟରେ ସମିତି ଅର୍ଥର ପୁନଃ ବିନିଯୋଗ । |

# “ବିଶ୍ୱାସ”- ସ୍ୱଚ୍ଛତା ଅଭିଯାନ ଅନ୍ତର୍ଗତ ଉନ୍ନତ ଜଳ, ପରିମଳ, ପରିଷ୍କାର ଓ ପରିଚ୍ଛନ୍ନତା ନିମନ୍ତେ ଗାଁ କଲ୍ୟାଣ ସମିତି ମାଧ୍ୟମରେ ୧୧ ମାସିକ ଅଭିଯାନ

# ସ୍ୱଚ୍ଛତା ଅଭିଯାନର ପୃଷ୍ଠଭୂମି

## ସ୍ୱଚ୍ଛତା ଏବଂ ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ ଗାଁ କଲ୍ୟାଣ ସମିତି ମାଧ୍ୟମରେ ବିଶ୍ୱାସ ଅଭିଯାନ

ଗୋଷ୍ଠୀ ସ୍ତରରେ ସାମୁହିକ ଉଦ୍ୟମରେ ଜଳ, ପରିମଳ ଓ ପରିଚ୍ଛନ୍ନତା ଅବସ୍ଥାରେ ଉନ୍ନତି ଆଣିବା ତଥା ଉତ୍ତମ ସ୍ୱାସ୍ଥ୍ୟ ଓ ଉନ୍ନତ ଜୀବନ ଶୈଳୀର ବିକାଶ ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ । ଅଭିଯାନ କାର୍ଯ୍ୟକ୍ରମ ସ୍ୱଚ୍ଛ ଭାରତ ମିଶନ ସହ ସମନ୍ୱୟ ରକ୍ଷା କରି ପାଳନ କରାଯିବ ଏବଂ ସ୍ୱଚ୍ଛ ଭାରତ - ସୁସ୍ଥ ଭାରତର ଉଦ୍ଦେଶ୍ୟକୁ ସଫଳ କରିବା ଦିଗରେ କାର୍ଯ୍ୟ କରିବ ।

ଏହି ଅଭିଯାନ ଗାଁ କଲ୍ୟାଣ ସମିତି ସ୍ତରରେ ଅନୁଷ୍ଠିତ ହେବ । ପ୍ରତ୍ୟେକ ଗାଁ କଲ୍ୟାଣ ସମିତି ନିଜ ନିଜ ଗାଁରେ ଏହି ଅଭିଯାନକୁ ସଫଳ ଭାବରେ ପରିଚାଳନା କରିବାର ଦାୟିତ୍ୱ ବହନ କରିବେ । ଗ୍ରାମ ପଞ୍ଚାୟତ, ଅଭିଯାନ ଦିବସ ଗୁଡ଼ିକୁ ଅନୁଧ୍ୟାନ କରିବା ସହିତ ଗାଁ କଲ୍ୟାଣ ସମିତି ଗୁଡ଼ିକୁ ଅଭିଯାନର ସଫଳ ଆୟୋଜନ କରିବାରେ ସହଯୋଗ କରିବେ ।

ବିଶ୍ୱାସ ଅଭିଯାନ, ସ୍ୱଚ୍ଛ ଭାରତ ମିଶନ୍‌ର କାର୍ଯ୍ୟଧାରା ଓ ରୂପରେଖ ସହ ସମାନ୍ତରାଳ ଭାବେ କାର୍ଯ୍ୟକରିବ । ସ୍ୱଚ୍ଛ ଭାରତ ମିଶନ୍‌ର ପରିକଳ୍ପନା ଯଥା:- ସଚେତନତା ସୃଷ୍ଟି କରିବା ଦିଗରେ ଗୋଷ୍ଠୀ ସ୍ତରୀୟ ଅନୁଷ୍ଠାନଗୁଡ଼ିକର ସହାୟତା ନେବା, ଗୋଷ୍ଠୀ ସ୍ତରରେ ଜଳ ପରିମଳ ଓ ପରିଚ୍ଛନ୍ନତା ସ୍ଥିତିର ବଶ୍ଲେଷଣ କରିବା ଏବଂ ଗୋଷ୍ଠୀଗତ କାର୍ଯ୍ୟ ପାଇଁ ସକ୍ରୀୟତା ସୃଷ୍ଟି କରିବା ଆଦି ଏହି ଅଭିଯାନରେ ପ୍ରତିଫଳିତ ହେବ । ଗୋଷ୍ଠୀର ସକ୍ରିୟ ସହଭାଗିତା ପାଇଁ ଏହି ଅଭିଯାନରେ ବିଭିନ୍ନ ସହଭାଗୀ ସାଧନ ଓ ପ୍ରକ୍ରିୟା ଯଥା:- ଗ୍ରାମ୍ୟ ସାମାଜିକ ସମ୍ବଳ ଚିହ୍ନଟୀକରଣ, ଗ୍ରାମ୍ୟ ଭ୍ରମଣ ଏବଂ ବିଭିନ୍ନ ପରିମଳ ସର୍ବେକ୍ଷଣର ବ୍ୟବହାର କରାଯିବ ।

ଗାଁ କଲ୍ୟାଣ ସମିତି, ସମୁହ କାର୍ଯ୍ୟ ପାଇଁ ଆଗ୍ରହ ରଖିଥିବା ଓ ସମ୍ପୃକ୍ତ ବିଷୟରେ ଜ୍ଞାନ ରଖିଥିବା ବ୍ୟକ୍ତି ମାନଙ୍କ ମଧ୍ୟରୁ (ଗାଁ କଲ୍ୟାଣ ସମିତି କିମ୍ବା ଗୋଷ୍ଠୀ ଅନ୍ୟ ସଦସ୍ୟ) ସ୍ୱଚ୍ଛତା ଦୂତ ମାନଙ୍କର ଚୟନ କରିବେ ।

ଅଭିଯାନ ବର୍ଷର ପ୍ରଥମ ମାସ, ଗୋଷ୍ଠୀ ସ୍ତରରେ ସମୁହ ଭାଗିଦାରୀକୁ ଗୁରୁତ୍ୱ ଦେବ ଏବଂ ଅନ୍ୟ ମାସ ଗୁଡ଼ିକ ଏକ ସ୍ୱତନ୍ତ୍ର ବିଷୟବସ୍ତୁ ଉପରେ କେନ୍ଦ୍ରିତ ହେବ । ପ୍ରତ୍ୟେକ ଅଭିଯାନ ଦିବସର ୧୦-୧୫ ଦିନ ପୂର୍ବରୁ ଏହି ଦିବସର ପ୍ରସ୍ତୁତ ପର୍ବ ଆରମ୍ଭ ହେବ । ଏହି ପ୍ରସ୍ତୁତିକରଣ ଦିବସରେ ମୁଖ୍ୟତଃ ଅଭିଯାନ ଦିବସରେ ସମ୍ପୃକ୍ତ ବ୍ୟକ୍ତି କିମ୍ବା ଦଳକୁ ସାମିଲ କରିବା ନିମନ୍ତେ ପ୍ରବର୍ତ୍ତାଇବା ଓ ଅଭିଯାନ ପାଇଁ ଆବଶ୍ୟକୀୟ ଉପକରଣ ଗୁଡ଼ିକୁ ପ୍ରସ୍ତୁତ ରଖିବା ଉପରେ ଗୁରୁତ୍ୱ ଦେବ ।

ପ୍ରତ୍ୟେକ ଅଭିଯାନ ଦିବସରେ କେତେଗୁଡ଼ିଏ କାର୍ଯ୍ୟକ୍ରମ ଓ ତଦାରଖ ଯୋଜନା ରହିଛି ଯାହା ଗୋଷ୍ଠୀର ସକ୍ରୀୟ ସହଭାଗିତାର ଆବଶ୍ୟକତା ସଙ୍ଗେ ସଙ୍ଗେ ଅନ୍ୟାନ୍ୟ ସରକାରୀ ଓ ବେସରକାରୀ କାର୍ଯ୍ୟକ୍ରମ ସହ ସଂପୃକ୍ତିକରଣର ଆବଶ୍ୟକତା ରହିଛି ।

## ସମନ୍ୱିତ ଅଭିଯାନ

ଗ୍ରାମ ପଞ୍ଚାୟତ ଓ ଗାଁ କଲ୍ୟାଣ ସମିତି ଏହି ଅଭିଯାନକୁ ସହାୟତା ଓ ତଦାରଖ କରିବେ । ଏହାର ପରିଯୋଜନା ଓ ରୂପାୟନ ଗ୍ରାମ୍ୟସ୍ତରରେ ହେବ । ସ୍ୱଚ୍ଛ ଭାରତ ମିଶନ ସହ ଏହି ଅଭିଯାନର ଏକ ମଜବୁତ ସମ୍ପର୍କ ରହିବ । ଅଭିଯାନ ପାଇଁ ଆବଶ୍ୟକୀୟ ସମ୍ବଳ ସ୍ୱଚ୍ଛ ଭାରତ ମିଶନ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅନ୍ତର୍ଗତ କାର୍ଯ୍ୟକ୍ରମ ସହ ମିଳିତ ଯୋଜରେ ସମ୍ପୂର୍ଣ୍ଣ କରାଯିବ ।

ଅଭିଯାନ ପାଇଁ ଆବଶ୍ୟକୀୟ ସହାୟତା ନିମ୍ନଲିଖିତ କାର୍ଯ୍ୟକ୍ରମରୁ ବିନିଯୋଗ ହୋଇପାରିବ ।

୧. ସ୍ୱଚ୍ଛ ଭାରତ ମିଶନ୍ କାର୍ଯ୍ୟକ୍ରମ ଅନ୍ତର୍ଗତ ଘରେ ପାଇଖାନା ତିଆରି କରିବା ପାଇଁ ଟ. ୧୨୦୦୦/- ଅର୍ଥରାଶି (ଏହି କାର୍ଯ୍ୟକ୍ରମରେ ସ୍କୁଲ ଏବଂ ଅଙ୍ଗନୱାଡ଼ିରେ ପାଇଖାନା ତିଆରି ମଧ୍ୟ ଅନ୍ତର୍ଭୁକ୍ତ)

୨. ପ୍ରତ୍ୟେକ ଗ୍ରାମ ପଞ୍ଚାୟତ ନିମନ୍ତେ ସ୍ୱଚ୍ଛ ଭାରତ ମିଶନ୍ କାର୍ଯ୍ୟକ୍ରମ ଅନ୍ତର୍ଗତ କଠିନ ଓ ତରଳ ବର୍ଜ୍ୟ ବସ୍ତୁ ପରିଚାଳନା ନିମନ୍ତେ ସମ୍ବଳ ଉପଲବ୍ଧ ରହିଛି ।

୭ ଲକ୍ଷ.......................୧୫୦ ଘର ପାଇଁ

୧୨ ଲକ୍ଷ ................... ୩୦୦ ଘର ପାଇଁ

୧୫ ଲକ୍ଷ ................... ୫୦୦ ଘର ପାଇଁ

୨୦ ଲକ୍ଷ ...................୫୦୦ ରୁ ଅଧିକ ଘର ପାଇଁ

୩. ସ୍ୱଚ୍ଛ ଭାରତ ମିଶନ୍ କାର୍ଯ୍ୟକ୍ରମ ଅନ୍ତର୍ଗତ କୌଣସି କାର୍ଯ୍ୟକ୍ରମ ଆରମ୍ଭ ଓ ଦକ୍ଷତା ବୃଦ୍ଧି ପାଇଁ ସୂଚନା ଶିକ୍ଷା ସଂଚାର ନିମନ୍ତେ ଉପଲବ୍ଧ ରାଶି (ରାଜ୍ୟର ସମୁଦାୟ ପ୍ରକଳ୍ପ ମୂଲ୍ୟର ୫% ମୂଲ୍ୟ ଯାହା ରାଜ୍ୟ ସ୍ତରରେ ଉପଲବ୍ଧ)

୪. ଗାଁ କଲ୍ୟାଣ ସମିତିର ଟ.୧୦୦୦୦/- ଖୋଲା ପାଣ୍ଠି

୫. ସମନ୍ୱିତ ଶିଶୁ ବିକାଶ ଯୋଜନା, ପଂଚାୟତ ବିଭାଗ କିମ୍ବା ପଂଚାୟତର ନିଜସ୍ୱ ସମ୍ବଳ ଇତ୍ୟାଦି ।

**ଗ୍ରାମ ପଞ୍ଚାୟତର ଅଭିଯାନ ସହ ସମନ୍ୱୟ**

କ୍ଷେତ୍ର ସ୍ତରରେ ଏହି ଅଭିଯାନ ଗ୍ରାମ ପଞ୍ଚାୟତ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବ । ଗ୍ରାମ ପଞ୍ଚାୟତ ଏହି ଅଭିଯାନର ସଫଳ ରୂପାୟନ ନିମନ୍ତେ ସହଯୋଗ କରିବା ସହ ଏହାର ତଦାରଖ କରିବ । ଜିଲ୍ଲା ସ୍ତରରେ ମଧ୍ୟ ଏହି ଅଭିଯାନକୁ ସହାୟତା ତଥା ତଦାରଖ ନିମନ୍ତେ ମୁଖ୍ୟ ସଦସ୍ୟ ଭାବେ ଜିଲ୍ଲା ସ୍ତରୀୟ ପଞ୍ଚାୟତ ବିଭାଗର ପ୍ରତିନିଧି ରହିବେ ।

ଅଭିଯାନ ଦିବସର ସଫଳତା ଏବଂ ଉପଲବଧି ତତ୍ ସହିତ ଆବଶ୍ୟକୀୟ ସମ୍ବଳ, ଭିତ୍ତିଭୂମି ଏବଂ ସୁବିଧା ଗୁଡ଼ିକ ଗ୍ରାମ ସଭାରେ ଉପସ୍ଥାପନା କରାଯିବ । ଯାହାକି ବର୍ଷସାରା ଚାଲୁଥିବା ଅଭିଯାନ ଦିବସର ଶେଷ ମାସିକ ଦିବସ ଅଟେ । ଗ୍ରାମ ସଭାର ଅନୁମୋଦନ କ୍ରମେ ଆବଶ୍ୟକ ଥିବା ସମ୍ବଳ ଏବଂ ସହାୟତା ପାଇଁ ଗ୍ରାମ ପଞ୍ଚାୟତ ସ୍ତରରେ ଉପସ୍ଥାପନା କରାଯିବ ଏବଂ ଏହା ପଞ୍ଚାୟତର ବାର୍ଷିକ ଯୋଜନା ଦିବସରେ ଉପସ୍ଥାପିତ ହେବ ।

**ସୂଚନା ଶିକ୍ଷା ଏବଂ ବ୍ୟବହାର ପରିବର୍ତ୍ତନ କାର୍ଯ୍ୟନିତି ଏବଂ ଅଭିଯାନ ଦିବସର ସାଧନ**

ଅଭିଯାନ ଦିବସର ସୂଚନା ଶିକ୍ଷା ଯୋଗାଯୋଗଏବଂ ବ୍ୟବହାର ପରିବର୍ତ୍ତନ କାର୍ଯ୍ୟନିତି ଗୁଡ଼ିକ ସ୍ଥାନୀୟ ପ୍ରସଙ୍ଗ ଉପରେ ଆଧାରିତ ହେବ ଆବଶ୍ୟକ ।

➢ ଅଭିଯାନ ଦିବସ ଗୁଡ଼ିକରେ ପୋଷ୍ଟର ଏବଂ ଅଭିଯାନ ଦିବସ ସମ୍ପର୍କିତ ସୂଚନା ପତ୍ରିକା ଗୁଡ଼ିକ ପ୍ରଦର୍ଶିତ ହେବ । ସ୍ୱଚ୍ଛ ଭାରତ ମିଶନ୍‌ର ଯୋଗାଯୋଗ ସାମଗ୍ରୀ ଗୁଡ଼ିକ ପ୍ରତ୍ୟେକ ଅଭିଯାନ ଦିବସ ଗୁଡ଼ିକରେ ସକ୍ରିୟ ଭାବେ ବ୍ୟବହାର କରାଯିବ ।

➢ ଅଭିଯାନ ଦିବସର ସନ୍ଧ୍ୟାରେ ଦିବସର ମୁଖ୍ୟ ବିଷୟବସ୍ତୁକୁ ନେଇ ପ୍ରସ୍ତୁତ ନାଟକ ଗୋଷ୍ଠୀ ସଦସ୍ୟଙ୍କ ଦ୍ୱାରା ପ୍ରଦର୍ଶିତ ହେବ ।

➢ କୌଣସି ସରକାରୀ କିମ୍ବା ବାହ୍ୟ ସଂସ୍ଥା ଦ୍ୱାରା ପ୍ରସ୍ତୁତ ଚଳଚିତ୍ର/ଭିଡ଼ିଓ ଯାହା ଅଭିଯାନ ଦିବସର ମୁଖ୍ୟ ବିଷୟବସ୍ତୁ ସହ ସମ୍ପର୍କିତ ଥିବ ସେଗୁଡ଼ିକ ପ୍ରଦର୍ଶିତ ହେବ ।

➢ ଅନ୍ୟାନ୍ୟ ସାମାଜିକ ଗଣମାଧ୍ୟମକୁ ମଧ୍ୟ ଏହି ଅଭିଯାନରେ ବ୍ୟବହାର କରାଯାଇ ପାରିବ । ଯେପରିକି ଅଭିଯାନ ଦିବସର ମୁଖ୍ୟ ଦଳ ଏବଂ ଅନ୍ୟ ସକ୍ରିୟ ସଦସ୍ୟ ମାନେ ଏକ **ହ୍ୱାଟସ୍ ଆପ୍ ଗ୍ରୁପ୍** ବ୍ୟବହାର କରି ଅଭିଯାନ ସମ୍ବନ୍ଧୀୟ ତଥ୍ୟକୁ ନିୟମିତ ଭାବେ ବିନିମୟ କରିପାରିବେ ।

➢ ଏହି ଅଭିଯାନରେ ଅନେକଗୁଡ଼ିଏ ସହଭାଗୀ ସାଧନ ଯଥା ଗୋଷ୍ଠୀ ସଦସ୍ୟଙ୍କ ଦ୍ୱାରା ସାମାଜିକ ଏବଂ ସମ୍ବଳ ମାନଚିତ୍ର ପ୍ରସ୍ତୁତି, ସ୍ୱଚ୍ଛତା ସର୍ବେକ୍ଷଣ ଇତ୍ୟାଦି ବ୍ୟବହାର ହେବ ।

ଗାଁ କଲ୍ୟାଣ ସମିତିର କାର୍ଯ୍ୟକୁ ଅଧିକ ବ୍ୟାପକ କରିବା ଉଦ୍ଦେଶ୍ୟରେ ବିଶ୍ୱାସ **"VISHWAS"** ନାମରେ (ଏକ ସ୍ୱଚ୍ଛତା ଓ ଉତ୍ତମ ଅଭିଯାନ କାର୍ଯ୍ୟକ୍ରମ କରିବା ସହିତ ଗୋଷ୍ଠୀ ସ୍ତରରେ ସାମୁହିକ ଉଦ୍ୟମରେ କିପରି ଉନ୍ନତ ଜଳ, ପରିମଳ, ପରିଷ୍କାର ଓ ପରିଚ୍ଛନ୍ନତା ଉପରେ) ଗୁରୁତ୍ୱ ଦେବା ସହିତ ଏହାର ପ୍ରଭାବ କିପରି ସ୍ୱାସ୍ଥ୍ୟ ଓ ଉନ୍ନତ ଜୀବନଶୈଳୀ ଉପରେ ପଡିଥାଏ ସେ ବିଷୟରେ ଗୁରୁତ୍ୱ ଦେବା ।

ଏହି "ବିଶ୍ୱାସ" କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଓ ଲକ୍ଷ୍ୟ ହେଉଛି ପ୍ରତ୍ୟେକ ଗାଁ କଲ୍ୟାଣ ସମିତି ଅନ୍ତର୍ଗତ ଗାଁ ଗୁଡିକରେ ୧୧ ମାସିକ ଅଭିଯାନ କାର୍ଯ୍ୟକ୍ରମ ଆୟୋଜନ କରିବା ।

**ସ୍ୱଚ୍ଛତା ଅଭିଯାନର ମୂଖ୍ୟ ଉଦ୍ଦେଶ୍ୟ:-**

- ଜଳ ପରିମଳ ଓ ପରିଚ୍ଛନ୍ନତା ଉପରେ ସଚେତନ କରିବା ସହିତ ତାର ସମସ୍ୟା ଗୁଡିକର ସମାଧାନ କରିବା ପାଇଁ ନିଜ ସ୍ତରରେ କାର୍ଯ୍ୟପନ୍ଥା ସ୍ଥିର କରିବା ।
- ଯୋଜନା ପ୍ରସ୍ତୁତି ଓ କାର୍ଯ୍ୟକ୍ରମ ଗୁଡ଼ିକର ସଫଳ ରୁପାୟନ ପାଇଁ ଗୋଷ୍ଠୀ ସ୍ତରରେ ସହଭାଗିତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ସଚେତନତା ସୃଷ୍ଟିକରିବା ।
- ବିଶ୍ୱାସ କାର୍ଯ୍ୟକ୍ରମର ନିୟମ ଓ ଆଦର୍ଶକୁ ଅଧିକ ଲୋକାଭିମୁଖି କରିବା ପାଇଁ ଗାଁ କଲ୍ୟାଣ ସମିତି ନିଜସ୍ୱ ଦକ୍ଷତା ବୃଦ୍ଧି କରିବା ।

**କାର୍ଯ୍ୟକ୍ରମ ପରିଚାଳନା:**

ଦଶ ମାସ ଧରି ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସହିତ ଅଭିଯାନର ଦକ୍ଷତା ଓ ବିଭିନ୍ନ କାର୍ଯ୍ୟକ୍ରମ ଯଥା :- ପଥପ୍ରାନ୍ତ ସଭା , ଶୋଭାଯାତ୍ରା , ନମୂନା ପ୍ରଦର୍ଶନ , ପୋଷ୍ଟର , କାନ୍ଥରେ ସ୍ୱାସ୍ଥ୍ୟ ବାର୍ତ୍ତା ଲେଖିବା, ସ୍ୱଚ୍ଛତା ମେଳା , ଘରକୁ ଘର ପରିଭ୍ରମଣ କରି ସଚେତନତା ସୃଷ୍ଟି , ବକ୍ତୃତା ପ୍ରଦାନ ଇତ୍ୟାଦି ବିଷୟରେ ଆଲୋଚନା କରିବା, ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସ୍ୱେଚ୍ଛାସେବୀ ଚିହ୍ନଟ କରିବା

ନିମ୍ନରେ ଏଗାର ମାସରେ ପାଳିବାକୁ ଥିବା ମାସିକ ଅଭିଯାନ ଦିବସଗୁଡ଼ିକ ସମ୍ପର୍କରେ ଆଲୋଚନା କରାଗଲା । ଏଗାରଟି ମାସିକ ଦିବସ ଯଥା:-

୧. ସ୍ୱଚ୍ଛତା ଅଭିଯାନ ପାଇଁ ବାର୍ଷିକ ଯୋଜନା ପ୍ରସ୍ତୁତ କରିବା
୨. ଗାଁ ସ୍ୱାସ୍ଥ୍ୟ ପରିମଳ ଦିବସ
୩. ଖୋଲାରେ ମଳତ୍ୟାଗ ମୁକ୍ତ ଗାଁ ଦିବସ
୪. ହାତ ଧୋଇବା ଦିବସ
୫. ବିଦ୍ୟାଳୟ ଓ ଅଙ୍ଗନୱାଡି ପରିମଳ ଦିବସ
୬. ବ୍ୟକ୍ତିଗତ ଓ ଗୃହ ପରିଚ୍ଛନ୍ନତା ଦିବସ
୭. ତରଳ ଓ କଠିନ ବର୍ଯ୍ୟବସ୍ତୁ ପରିଚାଳନା ଦିବସ
୮. ସ୍ୱାସ୍ଥ୍ୟ ସଚେତନତା / ଉତ୍ତମ ସ୍ୱାସ୍ଥ୍ୟ ଦିବସ
୯. ରୋଗ ବାହକ ନିୟନ୍ତ୍ରଣ ଦିବସ
୧୦. ସ୍ୱଚ୍ଛତା ଚମ୍ପିଆନ ଦିବସ ପାଳନ
୧୧. ପରିମଳ ଓ ପରିଷ୍କାର ବିଷୟରେ ଗ୍ରାମସଭା କରିବା

## ପ୍ରଥମ ଅଭିଯାନ ଦିବସ:- ସ୍ୱଚ୍ଛତା ଅଭିଯାନ ପାଇଁ ବାର୍ଷିକ ଯୋଜନା ପ୍ରସ୍ତୁତ ଦିବସ

ବାର୍ଷିକ ଯୋଜନା ପ୍ରସ୍ତୁତ ଦିବସ ହେଉଛି ୧୧ ମାସିକ ଦିବସ ପାଳନର ପ୍ରଥମ ଦିବସ । ମାସିକ ଅଭିଯାନ ଦିବସଗୁଡ଼ିକ ଗାଁ କଲ୍ୟାଣ ସମିତି ସ୍ୱଚ୍ଛତା ଅଭିଯାନ ଯୋଜନା ପ୍ରସ୍ତୁତିର ମୁଖ୍ୟ ଉଦ୍ଦେଶ୍ୟ ଅଟେ । ଗାଁ କଲ୍ୟାଣ ସମିତି ସ୍ୱଚ୍ଛତା ଅଭିଯାନର ମୂଖ୍ୟ ଉଦ୍ଦେଶ୍ୟ ହେଉଛି ମାସିକ ଅଭିଯାନ ଦିବସ ଗୁଡ଼ିକ ପାଇଁ ଯୋଜନା ପ୍ରସ୍ତୁତ କରିବା । ଅଭିଯାନ ଦିବସକୁ ସଫଳ କରିବା ପାଇଁ ଏକ ମାସ ପୂର୍ବରୁ ଖସଡ଼ା ପ୍ରସ୍ତୁତ କରିବା ସହିତ ଅଭିଯାନ ଦିବସକୁ ସଫଳ ଭାବରେ ଆୟୋଜନ କରିବା ପାଇଁ ଆବଶ୍ୟକ ସମ୍ବଳ ଓ ସହଯୋଗକୁ ଗୁରୁତ୍ୱ ଦେବା ।

**ଅଭିଯାନ ଦିବସ ପାଳନର ଉଦ୍ଦେଶ୍ୟ:-**

୧. ସ୍ୱଚ୍ଛତା ଅଭିଯାନ ଯୋଜନାର ସଂରଚନା ଓ ରୂପାୟନ ପ୍ରକ୍ରିୟା ସମ୍ପର୍କରେ ଗୋଷ୍ଠୀକୁ ଜଣାଇବା ଏବଂ ପ୍ରକ୍ରିୟା ସମ୍ବନ୍ଧରେ ଗୋଷ୍ଠୀର ସହମତି ନେବା (ଯେପରିକି:- ଦିନ, ତାରିଖ, ସ୍ଥାନ ଇତ୍ୟାଦି)

୨. ଗାଁ କଲ୍ୟାଣ ସମିତି,ଗୋଷ୍ଠୀ ସଦସ୍ୟ ଓ ଗ୍ରାମର ଆଗଧାଡ଼ିର ସଦସ୍ୟ ମାନଙ୍କ ମଧ୍ୟରୁ ସ୍ୱେଚ୍ଛାସେବୀଙ୍କର ଏକ ଦଳ ସୃଷ୍ଟି କରିବା ।

୩. ଗୋଷ୍ଠୀର ଜଳ, ପରିମଳ ଓ ସ୍ୱାସ୍ଥ୍ୟ ସମସ୍ୟା ଉପରେ ଦଳଗତ ବିଶ୍ଳେଷଣ କରିବା ସଙ୍ଗେ ସଙ୍ଗେ ଅଭିଯାନ ଦିବସ ପାଇଁ କାର୍ଯ୍ୟ ଯୋଜନା, ତଦାରଖ ପ୍ରକ୍ରିୟା ପ୍ରସ୍ତୁତ କରିବା ।

**ଅଭିଯାନ ଦିବସରେ ହେବାକୁ ଥିବା ପ୍ରସ୍ତୁତି କାର୍ଯ୍ୟକ୍ରମ:-**

୧. ସ୍ୱାସ୍ଥ୍ୟ ଓ ପରିମଳ ଉପରେ କାର୍ଯ୍ୟରତ / ଅଭିଜ୍ଞ ବ୍ୟକ୍ତିବିଶେଷଙ୍କ ତାଲିକା ପ୍ରସ୍ତୁତ କରିବା

୨. ସ୍ୱାସ୍ଥ୍ୟ ଓ ପରିମଳ ଉପରେ କାର୍ଯ୍ୟରତ ବ୍ୟକ୍ତିବିଶେଷଙ୍କୁ ଗାଁ କଲ୍ୟାଣ ସମିତିର ସ୍ୱଚ୍ଛତା ଅଭିଯାନ ବୈଠକକୁ ଆମନ୍ତ୍ରଣ କରିବା ସହିତ ସେମାନଙ୍କ ସହିତ ବାର୍ଷିକ ଯୋଜନା ପ୍ରସ୍ତୁତି ଓ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିବା ।

୩. ଗୋଷ୍ଠୀ ସ୍ତରରେ ଛୋଟ ଛୋଟ ସଭାର ଆୟୋଜନ କରିବା ସହିତ ଘରକୁ ଘର ବୁଲି ବାର୍ଷିକ ଯୋଜନାର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ବିଷୟରେ ସୁଚନା ପ୍ରଦାନ କରିବା ଓ ଗାଁର ସମସ୍ତ ଜନସାଧାରଣଙ୍କ ଯୋଗଦାନ ପାଇଁ ପଦକ୍ଷେପ ନେବା ।

୪. ଗାଁର ପରିଷ୍କାର, ପରିଚ୍ଛନ୍ନତା ଓ ପରିମଳ ବ୍ୟବସ୍ଥାର ସମୀକ୍ଷା କରିବା ସହିତ ଜନସାଧାରଣ ସମ୍ମୁଖୀନ ହେଉଥିବା ମୁଖ୍ୟ ସମସ୍ୟାକୁ ଚିହ୍ନଟ କରି ପ୍ରାଥମିକତା ଭିତ୍ତିରେ କାର୍ଯ୍ୟକ୍ରମ ଗୁଡିକର ତାଲିକା ପ୍ରସ୍ତୁତ କରିବା ।

୫. ମାସିକ ଅଭିଯାନ ଦିବସ ଗୁଡିକର ସମ୍ପୁର୍ଣ୍ଣ ତାଲିକାକୁ ସ୍ୱଚ୍ଛତା ଅଭିଯାନ ଯୋଜନାରେ ସାମିଲ କରିବା ସହିତ ପ୍ରତ୍ୟେକ ଦିବସର କାର୍ଯ୍ୟକ୍ରମ ଗୁଡିକୁ ସଂକ୍ଷିପ୍ତ ଭାବରେ ପ୍ରସ୍ତୁତ କରି ବାର୍ଷିକ ଯୋଜନା ଦିବସରେ ଉପସ୍ଥାପନ କରିବା ।

୬. ସଚେତନତା ପାଇଁ ପଥପ୍ରାନ୍ତ ନାଟକ, ଶୋଭାଯାତ୍ରା, ସୂଚନା, ଶିକ୍ଷା ଓ ସଞ୍ଚାରଣ ପତ୍ରିକା ପ୍ରଦର୍ଶନ ଆଦି ଆୟୋଜନ ନିମନ୍ତେ ପ୍ରସ୍ତୁତ କରିବା

**କାର୍ଯ୍ୟକ୍ରମ ଆୟୋଜନ ହେବାର ସ୍ଥାନ:-**

ଗାଁ ଲୋକମାନଙ୍କ ସହିତ ସରକାରୀ ବିଭାଗର ଆଗଧାଡିର କର୍ମଚାରୀଙ୍କ ଯୋଗଦାନକୁ ନିଶ୍ଚିତ କରିବା ପାଇଁ ବାର୍ଷିକ ଯୋଜନା ପ୍ରସ୍ତୁତି ଦିବସକୁ ସ୍ୱାସ୍ଥ୍ୟ ଉପକେନ୍ଦ୍ର, ପଂଚାୟତ ଗୃହ, ଅଙ୍ଗନୱାଡି କେନ୍ଦ୍ର କିମ୍ବା ସ୍କୁଲ୍‌ରେ ଆୟୋଜନ କରିବା ।

ବାର୍ଷିକ ଯୋଜନା ଅବକାଶରେ ସମସ୍ତଙ୍କ ସହଯୋଗରେ ସ୍ୱଚ୍ଛତା ପାଇଁ ଶପଥ ନେବା ଓ ସଚେତନତା ଶୋଭାଯାତ୍ରା ଆୟୋଜନ କରିବା । ଯେତେବେଳେ ପ୍ରତ୍ୟେକ ପରିବାର ଗୋଷ୍ଠୀ, ସାହି ବା ପଡାର ସମସ୍ତ ଜନସାଧାରଣ ସ୍ୱଚ୍ଛତା ଅଭିଯାନକୁ ଆପଣେଇବା

ସହିତ ନିଜେ ନିଜର ପରିମଳ ପରିଷ୍କାର ଓ ପରିଚ୍ଛନ୍ନତା ପ୍ରତି ବ୍ୟବହାରରେ ପରିବର୍ତ୍ତନ ଆଣିବେ, ସେତେବେଳେ ଆମେ ପ୍ରକୃତରେ ସ୍ୱଚ୍ଛତା ଅଭିଯାନର ସଫଳତାକୁ ହୃଦୟଙ୍ଗମ କରିପାରିବା ।

**ବାର୍ଷିକ ଯୋଜନା ପ୍ରସ୍ତୁତି ଅବକାଶରେ ଆଲୋଚନା ହେବାକୁ ଥିବା କାର୍ଯ୍ୟକ୍ରମ :-**

ସର୍ବପ୍ରଥମେ ସ୍ୱଚ୍ଛତା ଅଭିଯାନର ଯୋଜନା ବିଷୟରେ ଆଲୋଚନା କରିବା , ସମସ୍ତଙ୍କ ମିଳିତ ଉଦ୍ୟମରେ ଗାଁର ସାମାଜିକ ଓ ଭୌଗଳିକ ମାନଚିତ୍ର ପ୍ରସ୍ତୁତ କରିବା ଓ ମାନଚିତ୍ରରେ ସାମିଲ ହେବାକୁ ଥିବା ବିଷୟବସ୍ତୁ ଯଥା :-

- ❖ ସାହି, ପଡା ଓ ବସବାସ କରୁଥିବା ଜନସାଧାରଣଙ୍କ ସାମାଜିକ ସ୍ଥିତି ସହିତ ପଛୁଆ ବର୍ଗର ଅବସ୍ଥିତି
- ❖ ବାହାରେ ମଳତ୍ୟାଗ କରୁଥିବା ସ୍ଥାନ
- ❖ ପାଣି ଯାଉଥିବା ନାଳ ବା ଡ୍ରେନ୍ ଓ ପାଣିଜମି ରହୁଥିବା ସ୍ଥାନ ଗୁଡିକ ଚିହ୍ନଟ କରିବା
- ❖ ପାନୀୟ ଉତ୍ସ, ଗାଁ ପୋଖରୀ ଓ ନଦୀ
- ❖ ମଇଳା ଓ ଆବର୍ଜନା ଜମା ହେଉଥିବା ସ୍ଥାନ
- ❖ ପାଇଖାନା ଥିବା ଓ ନଥିବା ପରିବାର ଓ ଗୋଷ୍ଠୀ ସ୍ତରୀୟ ପାଇଖାନା ଇତ୍ୟାଦି
- ❖ ଗାଁ ରେ ଥିବା ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ରରେ କାର୍ଯ୍ୟକ୍ଷମ ଥିବା ପାଇଖାନା ଓ ପାନୀୟ ଉତ୍ସ

**ଆଲୋଚିତ ହେବାକୁ ଥିବା ମୁଖ୍ୟ ବିଷୟବସ୍ତୁ:-**

- ❖ ଋତୁ ଜନିତ ରୋଗ ଗୁଡିକ ବିଷୟରେ ସମ୍ୟକ ଆଲୋଚନା କରିବା ସଙ୍ଗେ ସଙ୍ଗେ ଜଳ , ପରିମଳ ଓ ଋତୁ ଜନିତ ରୋଗର ପ୍ରକାର ଭେଦକୁ ଚିହ୍ନଟ କରି ସମ୍ମୁଖିନ ହେଉଥିବା ସମସ୍ୟା ବିଷୟରେ ଆଲୋଚନା କରିବା ।
- ❖ ପରିଷ୍କାର, ପରିମଳ ଓ ପରିଚ୍ଛନ୍ନତାର ପ୍ରଚଳିତ ପ୍ରଥା ବିଷୟରେ ଆଲୋଚନା କରିବା ସହିତ ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ରରେ ପ୍ରସ୍ତୁତ ହେଉଥିବା ମଧ୍ୟାହ୍ନ ଭୋଜନ ଓ ଗରମ ଖାଦ୍ୟ ଉପରେ ଆଲୋଚନା କରିବା ।
- ❖ ଜଳ, ପରିମଳ ଓ ପରିଷ୍କାର ପରିଚ୍ଛନ୍ନତାର ମୁଖ୍ୟ ସମସ୍ୟା ଗୁଡିକ ଚିହ୍ନଟ କରିବା ସହିତ ଏହା କିପରି ଗୋଷ୍ଠୀ ଓ ପରିବାର ସ୍ତରରେ ପ୍ରଭାବ ପଡିଥାଏ । ସେ ବିଷୟରେ ଆଲୋଚନା କରିବା ।
- ❖ ଚିହ୍ନିତ ହୋଇଥିବା ଜଳ, ପରିମଳ ଓ ପରିଚ୍ଛନ୍ନତା ଜନିତ ସମସ୍ୟାଗୁଡ଼ିକ ପ୍ରାଧାନ୍ୟତା ଭିତ୍ତିରେ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରାଯିବ ଓ କାର୍ଯ୍ୟପନ୍ଥା ଗୁଡ଼ିକ ବିସ୍ତୃତ ଭାବେ ଆଲୋଚନା କରାଯିବ ।
- ❖ ଅଭିଯାନର କାର୍ଯ୍ୟକ୍ରମ ଗୁଡିକୁ ଗାଁ କଲ୍ୟାଣ ସମିତିର ସଭ୍ୟ ସଭ୍ୟା ଓ ଗୋଷ୍ଠୀ ମଧ୍ୟରେ ଦାୟିତ୍ୱ ପ୍ରଦାନ କରିବା
- ❖ ସହଯୋଗ ପାଇଁ ଯୋଜନା ପ୍ରସ୍ତୁତ କରିବା ସହିତ ତତ୍ ସମ୍ପର୍କିତ ସରକାରୀ ବିଭାଗ ସହିତ ଆଲୋଚନା କରି ନିର୍ଦ୍ଦିଷ୍ଟ ପଦକ୍ଷେପ ନେବାର ଆବଶ୍ୟକତା ରହିଛି । ମୁଖ୍ୟତଃ ମହିଳା ଶିଶୁ ବିଭାଗ ପଞ୍ଚାୟତିରାଜ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ଶିକ୍ଷା ବିଭାଗ ଗୁଡିକରେ ସହଯୋଗର ଆବଶ୍ୟକତା ରହିଛି ।
- ❖ ଅଭିଯାନର ମୁଖ୍ୟ ପ୍ରଣାଳୀ ଗୁଡିକକୁ ଆଲୋଚନା କରି ନିର୍ଦ୍ଧାରଣ କରିବା ସହିତ IEC , IPC ଉପରେ ଆଲୋଚନା କରିବା
- ❖ କାର୍ଯ୍ୟକ୍ରମ ଗୁଡିକର ତଦାରଖ ଓ ସହଯୋଗ ପାଇଁ ଗାଁ କଲ୍ୟାଣ ସମିତି ସଭ୍ୟ , ସଭ୍ୟା ଓ ଗୋଷ୍ଠୀ ସ୍ତରରେ ଦାୟିତ୍ୱ ପ୍ରଦାନ କରିବା ।

- ସ୍ୱଚ୍ଛତାଦୂତ ଓ ସ୍ୱେଚ୍ଛାସେବୀ ଚୟନର ଉଦ୍ଦେଶ୍ୟ ବା ଅଭିପ୍ରାୟ ସମ୍ପର୍କରେ ଜନସାଧାରଣଙ୍କୁ ସମ୍ୟକ ଧାରଣା ଦେବା ।

**ତଦାରଖ ପ୍ରଣାଳୀ:-** ଅଭିଯାନ ଦିବସ ଶେଷରେ ଗାଁ କଲ୍ୟାଣ ସମିତି ଗୋଷ୍ଠୀରେ ସମସ୍ତ ସଦସ୍ୟ ଓ ସ୍ୱେଚ୍ଛାସେବୀ ମାନଙ୍କ ମଧ୍ୟରେ ଅଭିଯାନ ଦିବସ ଗୁଡ଼ିକର ଦାୟିତ୍ୱ ବଣ୍ଟନ କରିବେ । ଗାଁ କଲ୍ୟାଣ ସମିତି କାର୍ଯ୍ୟ ଯୋଜନାର ତଦାରଖ କରିବା ସଙ୍ଗେ ସଙ୍ଗେ ଆବଶ୍ୟକୀୟ ସହଯୋଗ ଯୋଗାଇ ଦେବେ ।

## ଦ୍ୱିତୀୟ ଅଭିଯାନ ଦିବସ-: ଗାଁ ସ୍ୱାସ୍ଥ୍ୟ ଓ ପରିମଳ ଦିବସ

ଉତ୍ତମ ସ୍ୱାସ୍ଥ୍ୟ କିପରି ଉତ୍ତମ ପରିମଳ ଓ ପରିଚ୍ଛନ୍ନତା ଉପରେ ନିର୍ଭର କରିଥାଏ ଏହି ଦିବସରେ ମୂଖ୍ୟ ବିଷୟ ରହିବ । ଏଥିରେ ପରିମଳ ଅଭିଯାନ ଅନ୍ତର୍ଗତ କିଛି ସମ୍ମିଳିତ ଗ୍ରାମ ସଫେଇ କାର୍ଯ୍ୟକ୍ରମ ଯେପରିକି ସ୍ୱଚ୍ଛ ବସ୍ତି ଅଭିଯାନ କିମ୍ବା ବିଦ୍ୟାଳୟ / ଅଙ୍ଗନଓ୍ୱାଡ଼ି କେନ୍ଦ୍ର /ପଞ୍ଚାୟତ ସଭା ଗୃହ ପରିସର ପରିଚ୍ଛନ୍ନତା ଅଭିଯାନ ଇତ୍ୟାଦି ହାତକୁ ନିଆଯିବ ।

**ଅଭିଯାନ ଦିବସ ପାଳନର ଉଦ୍ଦେଶ୍ୟ:-**

୧. ପରିମଳ ଓ ପରିଚ୍ଛନ୍ନତାର ଆବଶ୍ୟକତା ସମ୍ପର୍କରେ ଗୋଷ୍ଠୀରେ ସଚେତନତା ସୃଷ୍ଟି କରିବା

୨. ଏକତ୍ରିତ ହୋଇ ଶ୍ରମଦାନ କରି ଗ୍ରାମ ସଫେଇ କାର୍ଯ୍ୟକ୍ରମ ଜରିଆରେ ସମ୍ମିଳିତ କାମ କରିବାର ଗୁରୁତ୍ୱ ସମ୍ପର୍କରେ ଗୋଷ୍ଠୀକୁ ସଚେତନ କରାଇବା

୩. ଗାଁ ପରିସର ସଫା ରଖିବା ପାଇଁ ଯୋଜନା ପ୍ରସ୍ତୁତ କରିବା

**ପ୍ରସ୍ତୁତି କାର୍ଯ୍ୟକ୍ରମ:-**

୧. ଗ୍ରାମର ସ୍ୱେଚ୍ଛାସେବୀମାନଙ୍କ ମାଧ୍ୟମରେ ଏହି ଦିବସ ପାଳନ କରାଯିବ । ସେଥିପାଇଁ ଏହି ସ୍ୱେଚ୍ଛାସେବୀମାନେ ସେହି ଗ୍ରାମର ସ୍ୱୟଂ ସହାୟିକା ଗୋଷ୍ଠୀ, ଯୁବ ଗୋଷ୍ଠୀ ଆଦିମାନଙ୍କ ମାଧ୍ୟମରେ ଏହି ଦିବସଟିକୁ ପାଳନ କରିବେ ।

୨. ଏହି ଦିବସ ପାଳନର ୧୦-୧୫ ଦିନ ପୂର୍ବରୁ ସ୍କୁଲ ଛାତ୍ରଛାତ୍ରୀ ଏବଂ ଗୋଷ୍ଠୀ ସଦସ୍ୟଙ୍କୁ ନେଇ ଏକ ପୋଷ୍ଟର ଅଭିଯାନ ଆୟୋଜନ କରାଯିବ ଯେଉଁଥିରେ ଲୋକମାନଙ୍କୁ ଏହି ଦିବସର ପ୍ରାକ ଧାରଣା ଦିଆଯିବ ।

୩. ଏହି ଦିବସରେ ଗାଁ କଲ୍ୟାଣ ସମିତି, ଏକ ବିଶେଷ ବ୍ୟକ୍ତିଙ୍କୁ ଚିହ୍ନଟ କରିବେ ଯିଏ କି ଉକ୍ତ ଦିବସରେ ଲୋକମାନଙ୍କୁ ଏହି ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟରେ ବିଷୟରେ କହିବେ ।

୪. ଉକ୍ତ ଗ୍ରାମର ତିନି ଜଣ ସମ୍ମାନନୀୟ ବ୍ୟକ୍ତିବିଶେଷ ଚିହ୍ନଟ କରାଯିବେ ଯିଏକି ଗ୍ରାମର କିଛି ଘର ଚିହ୍ନଟ କରିବେ ଯେଉଁ ଘରେ ପରିମଳ ବ୍ୟବସ୍ଥା ଅତି ଉନ୍ନତତର ହୋଇଥିବ ଏବଂ ସେହି ଆଦର୍ଶ ପରିମଳ ବ୍ୟବସ୍ଥାକୁ ସମସ୍ତଙ୍କୁ ଅନୁକରଣ କରିବା ପାଇଁ ବୁଝାଇବେ ।

୫. ଏଥି ସହିତ ସର୍ବସାଧାରଣ ବ୍ୟବହାର ସ୍ଥାନ ଗୁଡ଼ିକରେ ପରିମଳ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ନିମନ୍ତେ ଦରକାର ହେଉଥିବା ସାମଗ୍ରୀ ଯଥା ଫାଉଡ଼ା, ଝୁଡ଼ି, ଚାପଡ଼ ଇତ୍ୟାଦିକୁ ରଖିବାରେ ବ୍ୟବସ୍ଥା କରିବେ ।

**ଅଭିଯାନ ଦିବସର କାଯ୍ୟପନ୍ଥା:-**

ନିମ୍ନ ଲିଖିତ କାର୍ଯ୍ୟକ୍ରମ ଗୁଡିକୁ ଏହି ଦିବସରେ ପାଳନ କରାଯିବ ।

୧. ଏକ ପୋଷ୍ଟର ଅଭିଯାନର ଆୟୋଜନ

୨. ପରିମଳ ଓ ପରିଚ୍ଛନ୍ନତାର ଗୁରୁତ୍ୱ ସମ୍ପର୍କରେ ଗୋଷ୍ଠୀରେ ସଚେତନତା ସଭା

୩. ସ୍ୱଚ୍ଛତା ପ୍ରତିଯୋଗିତା ମାଧମରେ ଗ୍ରାମର ସ୍ୱଚ୍ଛ ଗୃହ ଚୟନ

୪. ଏକତ୍ରିତ ହୋଇ ଶ୍ରମଦାନ ମାଧମରେ ଗ୍ରାମର ସମୁହ ସ୍ଥାନର ସଫେଇ ଯେପରିକି ବିଦ୍ୟାଳୟ / ଅଙ୍ଗନଓ୍ୱାଡ଼ି କେନ୍ଦ୍ର /ପଞ୍ଚାୟତ ସଭା ଗୃହ ପରିସର ବା ଏହିପରି ଅନ୍ୟାନ୍ୟ ସମୁହ ।

ଏଥିସହିତ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଯାହା ଗୋଷ୍ଠୀ ସ୍ତରରେ ନିଷ୍ପତ୍ତି ନିଆଯିବ ।

ଅଭିଯାନ ଦିବସଟି ଏକ ପୋଷ୍ଟର ପ୍ରଦର୍ଶନରୁ ଆରମ୍ଭ ହେବ । ଏହି ପୋଷ୍ଟର ଗୁଡ଼ିକ ମାଧମରେ ବିଭିନ୍ନ ପରିମଳ ଓ ପରିଚ୍ଛନ୍ନତା ଜନିତ ସମସ୍ୟା ଗୁଡ଼ିକ ଆଲୋଚନା ହେବ । ଏହି ପୋଷ୍ଟର ଅଭିଯାନ ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀ, ଯୁବକ ସଂଘ ଓ ଅନ୍ୟାନ୍ୟ ଗୋଷ୍ଠୀ ସ୍ତରୀୟ ଦଳଗୁଡ଼ିକର ସହଯୋଗରେ ଆୟୋଜନ କରାଯିବ । ପୋଷ୍ଟର ଗୁଡ଼ିକ ସୁସ୍ଥ ଓ ସୁନ୍ଦର ଗ୍ରାମର ଗୁରୁତ୍ୱ

ତଥା ସୁସ୍ଥତାର ବିଭିନ୍ନ ଉପାଦାନ ଗୁଡ଼ିକୁ ଉପରେ ଗୁରୁତ୍ୱ କେନ୍ଦ୍ରିତ କରିଥିବ । ପୋଷ୍ଟରଗୁଡ଼ିକ ଗୋଷ୍ଠୀ ସଦସ୍ୟଙ୍କ ଦ୍ୱାରା ପ୍ରତିଯୋଗିତା ମାଧ୍ୟମରେ ତିଆରି କରାଯାଇପାରେ ଅଥବା ବ୍ଲକ୍ ଓ ଜିଲ୍ଲା ସ୍ତରୀୟ କାର୍ଯ୍ୟାଳୟରୁ ସଂଗୃହିତ କରାଯାଇ ପାରିବ ।

ପୋଷ୍ଟର ପ୍ରଦର୍ଶନ ସହ ପରିମଳ ଓ ପରିଚ୍ଛନ୍ନତା ର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରାଯିବ । ଉକ୍ତ ଆଲୋଚନା ପାଇଁ ଗାଁ କଲ୍ୟାଣ ସମିତି କୌଣସି ବେସରକାରୀ ସଂସ୍ଥା କିମ୍ବା ସରକାରୀ ଅନୁଷ୍ଠାନରୁ ଅଭିଜ୍ଞ ବ୍ୟକ୍ତିଙ୍କୁ ନିମନ୍ତ୍ରିତ କରିବେ । ଏ.ଏନ୍.ଏମ୍., ଅଙ୍ଗନୱାଡ଼ି କର୍ମୀ ଓ ଆଶା ମଧ୍ୟ ଉକ୍ତ ଆଲୋଚନା କରିପାରିବେ ।

**କେତୋଟି ମୁଖ୍ୟ ବିଷୟବସ୍ତୁ ଯାହାକି ଅଭିଯାନ ଦିବସରେ ସୁନିଶ୍ଚିତ କରାଯିବ:-**

ଗୋଷ୍ଠୀସ୍ତରର ଲୋକଙ୍କ ଜୀବନଶୈଳୀ ଓ ସ୍ୱାସ୍ଥ୍ୟ, କେବେବି ଏକ ଅସ୍ୱାସ୍ଥ୍ୟକର ପରିବେଶ, ଅନୁପଯୁକ୍ତ ପାନୀୟଜଳ ଓ ପରିମଳ ଏବଂ ପର୍ଯ୍ୟାପ୍ତ ପରିମାଣର ପୁଷ୍ଟିବିନା ଉନ୍ନତ ହୋଇପାରିବ ନାହିଁ । ଦୁଷିତ ପାନୀୟ ଜଳ, ମନୁଷ୍ୟକୃତ ଆବର୍ଜନା, ମନୁଷ୍ୟର ଦୈନନ୍ଦିନ ଓ ଖାଦ୍ୟ ପଦାର୍ଥର ଅସ୍ୱଚ୍ଛତା, ତରଳ ଓ କଠିନ ବର୍ଜ୍ୟବସ୍ତୁ ଆଦିର ଠିକ ରୂପେ ପରିଚାଳନା ନ ହେବା ଏକ ଅସ୍ୱାସ୍ଥ୍ୟକର ଓ ଅସ୍ୱଚ୍ଛତା ପରିବେଶ ସୃଷ୍ଟିକରି ବିଭିନ୍ନ ପ୍ରକାରର ରୋଗ ସୃଷ୍ଟି କରାଇଥାଏ । ଏକ ହିସାବରୁ ଜଣାପଡିଛି ଯେ ଆମ ଦେଶରେ ଏକ ବର୍ଷରେ ପାଖାପାଖି ତିନି କୋଟି ଲୋକ ଦୁଷିତ ଜଳ କାରଣରୁ ବିଭିନ୍ନ ରୋଗରେ ପଡ଼ିଥାନ୍ତି ଏବଂ ଏଥି ମଧ୍ୟରୁ ଛୋଟପିଲା ଓ ମହିଳାଙ୍କ ସଂଖ୍ୟା ଅଧିକ ଅଟେ ।

**ସ୍ୱାସ୍ଥ୍ୟ ଉପକାରୀ ଜଳ, ପରିମଳ ଓ ସ୍ୱଚ୍ଛତାର କେତୋଟି ଉପାଦାନ:-**

- ❖ ସମସ୍ତ ପରିବାରରେ ପରିମଳ ବ୍ୟବସ୍ଥାକୁ ସଜାଡ଼ିବା ଓ ତାହାର ବ୍ୟବହାର ଏବଂ ଖୋଲା ସ୍ଥାନରେ ମଳତ୍ୟାଗ ବନ୍ଦ କରିବା ।
- ❖ ଗାଁର ସର୍ବସାଧାରଣ ବ୍ୟବହାର ସ୍ଥାନ ଗୁଡ଼ିକୁ ସଫା ରଖିବା ।
- ❖ ନିଜର ତଥା ନିଜ ପରିବାରରେ ପରିଚ୍ଛନ୍ନତା ରକ୍ଷା କରିବା ।
- ❖ ବିଶୁଦ୍ଧ ଜଳ, ଉଭୟ ପାନୀୟ ଓ ଅନ୍ୟାନ୍ୟ କାର୍ଯ୍ୟ ନିମନ୍ତେ ବ୍ୟବହାର କରିବା ।
- ❖ ଦରକାର ସମୟରେ ସାବୁନରେ ନିୟମିତ ହାତ ଧୋଇବା ।
- ❖ ତରଳ ଓ କଠିନ ବର୍ଯ୍ୟବସ୍ତୁର ପରିଚାଳନା ।
- ❖ ରୋଗବାହକ ଗୁଡ଼ିକର ବଂଶବୃଦ୍ଧି କରିପାରୁଥିବା ସ୍ଥାନଗୁଡ଼ିକୁ ସଫା ରଖିବା ଇତ୍ୟାଦି ।

ଉପରିସ୍ଥ ଉପାଦାନ ଗୁଡ଼ିକୁ, ଯେଉଁ ଗୋଷ୍ଠୀ ନିଜ ଅଂଚଳରେ ସୁନିଶ୍ଚିତ କରାଇପାରୁଛି ଏବଂ ନିଜ ଅଂଚଳର ସମସ୍ତ ପରିବାର ଏବଂ ପ୍ରତ୍ୟେକ ବ୍ୟକ୍ତିବିଶେଷଙ୍କ ବ୍ୟବହାରରେ ପରିବର୍ତ୍ତନ ଆଣିପାରୁଛି ତାହାକୁ ଆମେ ସ୍ୱଚ୍ଛ ଗୋଷ୍ଠୀ ରୂପେ ଗ୍ରହଣ କରିଥାଉ ।

ଏହି ଦିବସଟିକୁ ଅଧିକ ଲୋକାଭିମୁଖୀ କରିବା ନିମନ୍ତେ ଗ୍ରାମର ପ୍ରତ୍ୟେକ ଘରମାନଙ୍କମଧ୍ୟରେ ସ୍ୱଚ୍ଛତାକୁ ଆଧାରକରି ପ୍ରତିଯୋଗିତା କରାଯିବ । ଗ୍ରାମର ତିନିଜଣ ସମ୍ମାନସ୍ପଦ ବ୍ୟକ୍ତିଙ୍କ ଦ୍ୱାରା ଉକ୍ତ ଗ୍ରାମର ସମସ୍ତ ସ୍ୱଚ୍ଛ ପରିବାରର ତାଲିକା ପ୍ରସ୍ତୁତ କରାଯିବ ଏବଂ ସେଥିମଧ୍ୟରୁ ଅତି ସ୍ୱଚ୍ଛ ପରିବାରକୁ ଗୋଷ୍ଠୀର ଲୋକଙ୍କ ଦ୍ୱାରା ବଛାଯାଇ ଗାଁ କଲ୍ୟାଣ ସମିତିରେ ପୁରସ୍କୃତ କରାଯିବ ।

**ତଦାରଖ କାର୍ଯ୍ୟକ୍ରମ:-**

**୧.** ସ୍ୱୟଂ ସହାୟିକା ଗୋଷ୍ଠୀ, ଯୁବକ ସଂଘ ଓ ଅନ୍ୟାନ୍ୟ ଗୋଷ୍ଠୀ ସ୍ତରୀୟ ସଂଗଠନ ଗୁଡ଼ିକ ନିୟମିତ ଅନ୍ତରାଳରେ ଗ୍ରାମର ସର୍ବସାଧାରଣ ବ୍ୟବହୃତ ସ୍ଥାନ ଗୁଡ଼ିକ ସଫା କରିବେ ।

**୨.** ଏହି ଦଳ ଗୁଡ଼ିକ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ ସମ୍ପାଦନ କରିବା ପାଇଁ ଗାଁ କଲ୍ୟାଣ ସମିତି ଗୋଷ୍ଠୀ ସଦସ୍ୟଙ୍କୁ ଦାୟିତ୍ୱ ଦେବେ ।

**୩.** ଗାଁ କଲ୍ୟାଣ ସମିତି କାର୍ଯ୍ୟକ୍ରମ ଗୁଡ଼ିକ ତଦାରଖ କରି ଏହି ଦିବସରେ ଯୋଜନା ହୋଇଥିବା କାର୍ଯ୍ୟଗୁଡ଼ିକୁ ସମ୍ପୂର୍ଣ୍ଣ କରିବେ ।

## ତୃତୀୟ ଅଭିଯାନ ଦିବସ-ଖୋଲା ମଳତ୍ୟାଗ ମୁକ୍ତ ଗାଁ ଦିବସ

**ଏହ ଦିବସ ପାଳନ କରିବାର ଉଦ୍ଦେଶ୍ୟ:-**

୧. ଖୋଲା ମଳତ୍ୟାଗ ମୁକ୍ତ ଗାଁର ଗୁରୁତ୍ୱ ବିଷୟରେ ସଚେତନ କରିବା ଓ ତାର ସ୍ୱାସ୍ଥ୍ୟ ସହିତ ସମ୍ପର୍କ ବିଷୟରେ ଆଲୋଚନା କରିବା ।

୨. ପାଇଖାନା ତିଆରି କରିବାର ଜ୍ଞାନ କୌଶଳ, ଏଥିରେ ବିନିଯୋଗ ହେବାକୁ ଥିବା ଅର୍ଥର ପରିମାଣ ଓ କାର୍ଯ୍ୟକ୍ରମ ବିଷୟରେ ସୂଚନା ପ୍ରଦାନ କରିବା ।

୩. ପାଇଖାନା ତିଆରି କରିବା ପାଇଁ ଯୋଜନା ପ୍ରସ୍ତୁତି କରିବା ସହିତ ଜନସାଧାରଣଙ୍କ ବ୍ୟବହାରରେ ପରିବର୍ତ୍ତନ ଆଣିବା ପାଇଁ ତଦାରଖ କରିବା

**ଅଭିଯାନ ଦିବସ ପାଇଁ ପ୍ରସ୍ତୁତିର ପୃଷ୍ଠଭୂମି:-**

୧. ଗାଁ ସ୍ତରୀୟ ପଥପ୍ରାନ୍ତ ସଭା ବିଭିନ୍ନ ସ୍ଥାନରେ କରିବା ସହିତ ଖୋଲା ମଳତ୍ୟାଗ ମୁକ୍ତ ଗାଁ ଦିବସ ବିଷୟରେ ଆଲୋଚନା କରିବା ସଂଗେ ସଂଗେ ସମସ୍ତ ଜନସାଧାରଣଙ୍କୁ ସଂଗଠିତ କରିବା । ନିଜସ୍ୱ ଘରୋଇ ପାଇଖାନା ସହିତ ଗୋଷ୍ଠୀ ସ୍ତରୀୟ ପାଇଖାନା ତିଆରି କରିବା ପାଇଁ ସ୍ଥାନ ଚିହ୍ନଟ କରିବା ସଂଗେ ସଂଗେ ବାହାରେ ମଳତ୍ୟାଗ ପାଇଁ ବ୍ୟବହୃତ ହେଉଥିବା ସ୍ଥାନ ନିରୂପଣ କରିବା ।

୨. ପଥପ୍ରାନ୍ତ ସଭା ସମୟରେ ପାଇଖାନା ଥିବା ଘର ଓ ପାଇଖାନା ନ ଥିବା ଘରର ତାଲିକା ପ୍ରସ୍ତୁତ କରିବା । ଏହି ଯୋଜନାରେ ଦୂରରେ ଥିବା ସମସ୍ତ ପଡା ଏବଂ ସାହି ଓ ଦୁର୍ବଳ ଶ୍ରେଣୀର ଜନସାଧାରଣଙ୍କ ଅଗ୍ରାଧିକାର ଭିତ୍ତିରେ ସାମିଲ କରିବା । ଏହି କାର୍ଯ୍ୟକ୍ରମକୁ ଆଶା ଓ ଅଂଗନବାଡ଼ି କର୍ମୀ ସାହାଯ୍ୟ କରିବେ ।

୩. ଏହି କାର୍ଯ୍ୟକ୍ରମ ପାଇଁ ପ୍ରାସଂଗିକ ରଖୁଥିବା ନାଚ, ଗୀତ, ଚଳଚିତ୍ର, ଛବି ଇତ୍ୟାଦିକୁ ସଂଗ୍ରହ କରିବା ସହିତ ଅଭିଯାନ ନିମନ୍ତେ ପ୍ରସ୍ତୁତି କରିବା ।

**ଅଭିଯାନ ଦିବସର ମୁଖ୍ୟ କାର୍ଯ୍ୟକ୍ରମ:-**

୧. ପୁର୍ବ ଅଭିଯାନ ଦିବସ ବିଷୟରେ ଆଲୋଚନା କରିବା ଓ ଯୋଜନା ଅନୁଯାୟୀ କାର୍ଯ୍ୟକ୍ରମ ଗୁଡ଼ିକର ସଫଳତାର ସମୀକ୍ଷା କରିବା ।


୨. ଗ୍ରାମ୍ୟ ପରିଭ୍ରମଣ ମାଧ୍ୟମରେ ସମସ୍ୟା ଚିହ୍ନଟୀକରଣ, ମୁଖ୍ୟତଃ ଖୋଲା ମଳତ୍ୟାଗ ଅଂଚଳ (ପୁରୁଷ, ମହିଳା ଓ ଶିଶୁ ମାନଙ୍କ ପାଇଁ) ଚିହ୍ନଟ କରିବା ଦରକାର । ଜନସାଧାରଣଙ୍କୁ ଖୋଲା ମଳତ୍ୟାଗର କୁପ୍ରଭାବ ଓ ଅସୁବିଧା ବିଷୟରେ ସଚେତନ କରିବା ସହିତ ଏହା କିପରି ପାଣି, ମାଟି, ମଣିଷ ଦ୍ୱାରା ସଂକ୍ରମିତ ହୋଇଥାଏ ସେ ବିଷୟ ଆଲୋଚନାର ମୂଖ୍ୟ ପରିସର ରହିବ ।

୩. ଖୋଲା ମଳତ୍ୟାଗ ଦ୍ୱାରା କିପରି ମଳ ଆମ ଖାଦ୍ୟ ଓ ପାଣି ଦ୍ୱାରା ଆମ ଶରୀରକୁ ସଂକ୍ରମିତ ହୋଇଥାଏ ସେ ବିଷୟରେ ଚିତ୍ର ଦ୍ୱାରା ସଚେତନ କରିବା । ଏହି ସଭାରେ ଖୋଲା ମଳମୁକ୍ତ ଅଂଚଳର ଆବଶ୍ୟକତା ବିଷୟରେ ଐକ୍ୟ ମତ ନେବା ସହିତ ଏହାର ସମାଧାନ ପାଇଁ ମିଳିତ ଉଦ୍ୟମ ଜାରି ରଖିବା ପାଇଁ ପ୍ରୋତ୍ସାହିତ କରିବେ ।

**କେତୋଟି ମୁଖ୍ୟ ବିଷୟ ଉପରେ ଧ୍ୟାନ ଦେବା:-**

❖ ମଳ ସଂକ୍ରମିତ ହେଉଛି ଏକ ମୁଖ୍ୟ କ୍ଷତିକାରକ ଜୀବାଣୁ ଓ ଏହା ସ୍ୱାସ୍ଥ୍ୟକୁ ପ୍ରଭାବିତ କରିଥାଏ । ଏକ ଛୋଟ ମଳ ଲକ୍ଷ ଲକ୍ଷ କ୍ଷତିକାରକ ଜୀବାଣୁ ଧରି ରଖିଥାଏ । ଛୋଟ ଶିଶୁର ମଳ ମଧ୍ୟ ସମାନ ଭାବରେ କ୍ଷତିକାରକ ।

- ସମସ୍ତେ ପାଇଖାନା ବ୍ୟବହାର ପାଇଁ ଧ୍ୟାନ ଦେବା କାରଣ ଏହା ଏକ କମ୍ ଖର୍ଚ୍ଚ ବହୁଳ ଓ ସାଧାରଣ ପ୍ରଣାଳୀ ଅଟେ ଓ ଏହା ଦ୍ୱାରା ସଂକ୍ରମଣ ହେବାରୁ ଆମେ ଆମ ସମାଜକୁ ରକ୍ଷା କରି ପାରିବା ।
- ମଳ ଦ୍ୱାରା ସଂକ୍ରମଣ ଓ ରୋଗ ତଥା ପରିଷ୍କାର ପରିଚ୍ଛନ୍ନତା ଓ ପରିମଳ ବିଷୟରେ ଆଲୋଚନା କରିବା ।
- ଡ଼ାଇରିଆ କିପରି ଶିଶୁ ସ୍ୱାସ୍ଥ୍ୟକୁ ଦୁର୍ବଳ କରିବାରେ ପ୍ରଭାବ ପକାଇଥାଏ ଓ ଏହା ଦ୍ୱାରା ପୁଷ୍ଟିହିନତା ତଥା ମୃତ୍ୟୁ ହେବାର ସମ୍ଭାବନା ବଢ଼ିଯାଏ ସେ ବିଷୟରେ ଆଲୋଚନା କରିବା । ଗାଁର ଜନସାଧାରଣଙ୍କୁ ଡ଼ାଇରିଆର ପ୍ରାସାଙ୍ଗିକ କଥା ଉପରେ ନିଜର ଅନୁଭୂତିକୁ କହିବା ପାଇଁ ପ୍ରର୍ବତ୍ତାଇବା ।




## ଯୋଜନା ପ୍ରସ୍ତୁତି-ପାଇଖାନା ନିର୍ମାଣ ଓ ତାର ବ୍ୟବହାର

ଉପଲବ୍ଧ ଘରୋଇ ପାଇଖାନା ସହିତ ଗୋଷ୍ଠୀ ସ୍ତରୀୟ ପାଇଖାନାର ବ୍ୟବହାରର ପ୍ରଚଳିତ ପ୍ରଥା ଉପରେ ଆଲୋଚନା କରିବା । ପାଇଖାନା ନିର୍ମାଣ କରିବା ପାଇଁ ଘର ଲୋକ ସହିତ ସାହି ତଥା ପଡ଼ା ଲୋକମାନଙ୍କ ସଂଗରେ କଥାବାର୍ତ୍ତା କରି ଜମି/ ସ୍ଥାନ ନିର୍ଦ୍ଧାରଣ କରିବା ସହିତ କିପରି ପାଇଖାନା ନିର୍ମାଣ କରିବା ପାଇଁ ସମ୍ବଳ ଯୋଗାଡ଼ ହୋଇପାରିବ ସେ ବିଷୟରେ ଆଲୋଚନା କରିବା । କୌଣସି ପରିବାର ପାଇଁ ସମ୍ବଳର ଆବଶ୍ୟକତା ଥିଲେ ଯୋଜନା ପ୍ରସ୍ତୁତ କରି ସମସ୍ତ ଘର ପାଇଁ ପାଇଖାନା ନିର୍ମାଣର ବ୍ୟବସ୍ଥା କରିବା ।

### ଉପଲବ୍ଧ ସମ୍ବଳ ଓ ସହଯୋଗ ବିଷୟରେ ଆଲୋଚନା କରିବା:-

ପାଇଖାନା ନିର୍ମାଣ ପାଇଁ ସ୍ୱଚ୍ଛ ଭାରତ ମିଶନ ଅଧିନରେ ଉପଲବ୍ଧ କାର୍ଯ୍ୟକ୍ରମ ଓ ବୈଷୟିକ ଜ୍ଞାନ କୌଶଳ ବିଷୟରେ ଆଲୋଚନା କରିବା । ସ୍ୱଚ୍ଛ ଭାରତ ମିଶନରୁ ପ୍ରତିନିଧିତ୍ୱ କରୁଥିବା କର୍ମକର୍ତ୍ତା ପାଇଖାନା ନିର୍ମାଣର ଜ୍ଞାନ କୌଶଳ ଓ ସମ୍ବଳ ବିଷୟରେ ସମ୍ପୂର୍ଣ୍ଣ ସୂଚନା ପ୍ରଦାନ କରିବେ । ଦରଖାସ୍ତ ପତ୍ର କିମ୍ବା ଆଗରୁ ପାଇଥିବା କୌଣସି ଅନୁଦାନ କିମ୍ବା ସହଯୋଗ ବିଷୟରେ ସମ୍ପୂର୍ଣ୍ଣ ସୂଚନା ପ୍ରଦାନ କରିବା ।

**କାର୍ଯ୍ୟକ୍ରମର ରୂପାୟନ ପାଇଁ ଯୋଜନା ପ୍ରସ୍ତୁତି ଓ ଦାୟିତ୍ୱ ପ୍ରଦାନ:-**

ଏହା ଏକ ସହଯୋଗ ଓ ତଦାରଖ ଯୋଜନା ଅଟେ । ଏହି ଯୋଜନାର ଦାୟିତ୍ୱରେ ଥିବା ବ୍ୟକ୍ତି ନିୟମିତ ପାଇଖାନା ବ୍ୟବହାର କରିବା ପାଇଁ ସମସ୍ତଙ୍କୁ କହିବା ସହିତ ଏହାର ଉପାୟ ବାହାର କରିବେ ।

**ଖୋଲା ମଳ ତ୍ୟାଗ ଅଂଚଳକୁ ଉଦ୍ୟାନ ଓ ଅନ୍ୟାନ୍ୟ ଗୋଷ୍ଠୀ ଉପଯୋଗୀ ସ୍ଥାନରେ ରୂପାନ୍ତରିତ କରିବା**

ଖୋଲା ମଳ ତ୍ୟାଗ ଅଂଚଳକୁ କିପରି ଉଦ୍ୟାନ ଓ ଅନ୍ୟାନ୍ୟ ଗୋଷ୍ଠୀ ଉପଯୋଗୀ ସ୍ଥାନରେ ରୂପାନ୍ତରିତ କରିବା ସେ ବିଷୟରେ ଯୋଜନା ପ୍ରସ୍ତୁତ କରିବା ।

ଆଗାମି ଅଭିଯାନର ଦିନ/ତାରିଖ ଓ ସ୍ଥାନ ନିର୍ଦ୍ଧାରଣ କରିବା ସହିତ କିଏ କେଉଁ ଦାୟିତ୍ୱରେ ରହିବେ ସେ ବିଷୟରେ ଆଲୋଚନା କରିବା ।

## ଚତୁର୍ଥ ଅଭିଯାନ ଦିବସ : ହାତଧୁଆ ଦିବସ

ଜୀବାଣୁ ବ୍ୟାପିବା କମ୍ କରିବା ଓ ଅସୁସ୍ଥତା ଦୂର କରିବା ଦିଗରେ ହାତସଫାର ଅଭ୍ୟାସ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସାବୁନ୍‌ରେ ଓ ସଫା ପାଣିରେ ହାତ ନଧୋଇବା ଦ୍ୱାରା ବିଭିନ୍ନ ରୋଗ ଜୀବାଣୁ ବ୍ୟାପିଥାଏ । ଏଣୁ ଏହି ଦିବସରେ ଆମେ ହାତ ସଫା ରଖିବାର ଗୁରୁତ୍ୱ, କିପରି ଓ କେତେବେଳେ ହାତ ଧୋଇବା ଆବଶ୍ୟକ ଆଦି ସମ୍ପର୍କରେ ଗୋଷ୍ଠୀକୁ ସଚେତନ କରାଇ ଗୋଷ୍ଠୀକୁ ଅନେକ ରୋଗ ସଂକ୍ରମଣରୁ ଦୂରେଇ ରଖିବା ।

**ଏହି ଦିବସ ପାଳନର ଉଦ୍ଦେଶ୍ୟ:-**

୧. ହାତଧୋଇବାର ଗୁରୁତ୍ୱ ସମ୍ପର୍କରେ ଅବଗତ କରାଇବା ସଙ୍ଗେ ସଙ୍ଗେ ହାତଧୁଆର ପ୍ରକୃଷ୍ଟ ସମୟ ଓ ସଠିକ୍ ସୋପାନ ଗୁଡ଼ିକ ସମ୍ପର୍କରେ ଗୋଷ୍ଠୀକୁ ଅବଗତ କରାଇବା

୨. ସାବୁନ୍‌ରେ ହାତସଫା କରିବା ଅଭ୍ୟାସକୁ ଉତ୍ସାହିତ କରିବାରେ ସହାୟତା କରିବା

୩. ହାତଧୁଆ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ପାଇଁ ସ୍କୁଲ ଛାତ୍ର ଛାତ୍ରୀ ଓ କିଶୋର/କିଶୋରୀ ମାନଙ୍କୁ ନେଇ ସ୍ୱଚ୍ଛତା ଅଧିନେତା ମାନଙ୍କର ଏକ ଦଳ ଗଠନ କରିବା

**ପୂର୍ବ ଦିବସ କାର୍ଯ୍ୟର ସମୀକ୍ଷା:-**

କାର୍ଯ୍ୟକ୍ରମ ଦିବସ ଏକ ପଥପ୍ରାନ୍ତ ନାଟକ କିମ୍ୱା ଶୋଭାଯାତ୍ରାରୁ ଆରମ୍ଭ ହେବ । ନିୟମିତ କାର୍ଯ୍ୟଭାବେ ପ୍ରଥମେ ପୁର୍ବ ଦିବସ କାର୍ଯ୍ୟର ସମୀକ୍ଷା କରାଯିବ ।

**ପ୍ରସ୍ତୁତି କାର୍ଯ୍ୟକ୍ରମ:-**

୧. ଅଭିଯାନ ଦିବସ ପାଳନର ସ୍ଥାନ, ତାରିଖ ଓ ସମୟ ସମ୍ପର୍କରେ ଅଙ୍ଗନୱାଡ଼ି କର୍ମୀ, ଆଶା ଓ ଏ.ଏନ୍.ଏମ୍ ଗୋଷ୍ଠୀକୁ ସୂଚନା ପ୍ରଦାନ କରିବେ ।

୨. ଅଭିଯାନ ଦିବସ ପାଇଁ ଆବଶ୍ୟକୀୟ ସ୍ୱାସ୍ଥ୍ୟ, ଶିକ୍ଷା ଓ ସୂଚନା ଉପକରଣ ଗୁଡ଼ିକ ପ୍ରସ୍ତୁତ ରଖିବେ ।

୩. ହାତଧୁଆ ସଠିକ୍ ସୋପାନ ପ୍ରଦର୍ଶନ ପାଇଁ ସାବୁନ ଓ ପାଣି ଯୋଗାଡ଼ କରିବେ ।

୪. ହାତଧୁଆ ସୋପାନ ପ୍ରଦର୍ଶନ ଓ ହାତଧୁଆର ଗୁରୁତ୍ୱ ସମ୍ପର୍କରେ ବୁଝାଇବା ପାଇଁ ପ୍ରଶିକ୍ଷିତ ତାଲିମ୍ ଦାତାଙ୍କୁ ଆମନ୍ତ୍ରିତ କରିବେ ।

**ଅଭିଯାନ ଦିବସର କାର୍ଯ୍ୟପନ୍ଥା:-**

୧. ହାତଧୁଆର ଗୁରୁତ୍ୱ ସମ୍ପର୍କରେ ଗୋଷ୍ଠୀରେ ସଚେତନତା ପାଇଁ ସ୍କୁଲ ଛାତ୍ର ଛାତ୍ରୀ ମାନଙ୍କୁ ନେଇ ପଥପ୍ରାନ୍ତ ନାଟକର / ଶୋଭାଯାତ୍ରା ଆୟୋଜନ କରିବା ।

୨. ହାତଧୁଆର ଗୁରୁତ୍ୱ ସମ୍ପର୍କରେ ଗ୍ରାମ୍ୟ ସ୍ତରରେ ସଚେତନତା ସଭାର ଆୟୋଜନ କରିବା ।

ପ୍ରଶିକ୍ଷିତ ତାଲିମ୍‌ଦାତା ନିମ୍ନ ଲିଖିତ ମୂଖ୍ୟ ସୂଚନା ଗୁଡ଼ିକ ଗୋଷ୍ଠୀକୁ ଅବଗତ କରାଇବେ

୧. **ହାତ କାହିଁକି ଧୋଇବା**

➢ ମଇଳା ହାତ ଦେଇ ଜୀବାଣୁ ଆମ ଖାଦ୍ୟ ଏବଂ ପାନୀୟରେ ମାଧ୍ୟମରେ ଶରୀର ମଧ୍ୟକୁ ପ୍ରବେଶ କରି ଶରୀରକୁ ରୋଗାକ୍ରାନ୍ତ କରିଥାଏ ।

➢ ହାତରେ ଥିବା ମଇଳା/ଜୀବାଣୁ ଯଦି ପରିଷ୍କାର କରା ନଯାଏ, ତେବେ ଏହା ଅନ୍ୟ ବସ୍ତୁ ଯେପରିକି ହାତପୋଛା, ତଉଲିଆ, ଚାମଚ, ଖେଳଣା ଇତ୍ୟାଦିକୁ ସ୍ଥାନାନ୍ତର ହୋଇଥାଏ ଏବଂ ସଂକ୍ରମଣ ବ୍ୟାପିଥାଏ ।

➢ ହାତସଫା ଦ୍ୱାରା ଡାଇରିଆ ଏବଂ ଶ୍ୱାସନଳୀ ସଂକ୍ରମଣକୁ ପ୍ରତିରୋଧ କରାଯାଇ ପାରିବ ଏବଂ ଆଖି ଓ ଚର୍ମ ସଂକ୍ରମଣକୁ ରୋକିବାରେ ମଧ୍ୟ ଏହା ସାହାଯ୍ୟ କରିଥାଏ ।

୨. **କେତେବେଳେ ହାତ ଧୋଇବା / ହାତ ଧୋଇବାର ସଠିକ୍ ସମୟ**

➢ ଖାଦ୍ୟ ପ୍ରସ୍ତୁତ କରିବା ପୂର୍ବରୁ ଏବଂ ପରେ

➢ ଖାଇବା ପୂର୍ବରୁ

➢ ଅସୁସ୍ଥ ବ୍ୟକ୍ତିଙ୍କ ଯତ୍ନ ନେବା ପୂର୍ବରୁ ଏବଂ ପରେ

➢ କୌଣସି କ୍ଷତ/ ଘା' ସଫା କରିବା ପୂର୍ବରୁ ଏବଂ ପରେ

➢ ପାଇଖାନା ବ୍ୟବହାର ପରେ

➢ ପିଲାଙ୍କ ଝାଡ଼ା ସଫା ପରେ

➢ କାଶ / ଛିଙ୍କ ଏବଂ ଶିଙ୍ଘାଣି ପୋଛିବା ପରେ

➢ ଗୃହପାଳିତ ପଶୁଙ୍କର ସେବା ଯତ୍ନ ପରେ

➢ ଅଳିଆ ସଫା କରିବା ପରେ

**ମନେ ରଖନ୍ତୁ :- ମାଟି ବା ପାଉଁଶରେ ହାତ ଧୋଇବା ଗ୍ରହଣୀୟ ନୁହେଁ କାରଣ ସେଗୁଡ଼ିକ ମଧ୍ୟ ସଂକ୍ରମିତ ଥାଇପାରେ ।**

୩. **କିପରି ହାତ ସଫା କରିବା / ହାତ ଧୋଇବାର ପ୍ରଣାଳୀ**

➢ ହାତକୁ ସଫା ପାଣିରେ ଓଦା କରନ୍ତୁ ଏବଂ ସାବୁନ ଲଗାଇ ଭଲଭାବରେ ହାତ ପାପୁଲି ଦୁଇଟିକୁ ପରସ୍ପର ସହିତ ଘସି ସଫା କରନ୍ତୁ

➢ ଡାହାଣ ହାତର ପାପୁଲିର ପଛଭାଗକୁ ଆର ହାତର ପାପୁଲିରେ ଘସି ସଫା କରନ୍ତୁ ଏବଂ ଅନ୍ୟ ହାତକୁ ମଧ୍ୟ ସେହିପରି ସଫା କରନ୍ତୁ

➢ ଆଙ୍ଗୁଠି ସନ୍ଧିକୁ ସଫା କରନ୍ତୁ

➢ ବୁଢା ଆଙ୍ଗୁଠି ସନ୍ଧିକୁ ସଫା କରନ୍ତୁ

➢ ଆଙ୍ଗୁଠି ନଖକୁ ଅନ୍ୟ ହାତ ପାପୁଲିରେ ଘସି ସଫା କରନ୍ତୁ

➢ ଶେଷରେ ହାତର କଚଟିକୁ ସଫା କରନ୍ତୁ ଓ ସଫା ପାଣିରେ ହାତକୁ ଭଲଭାବରେ ଧୋଇ ତଉଲିଆରେ ନ ପୋଛି ପବନରେ ଶୁଖାନ୍ତୁ ।



ତାଲିମ୍ ଦାତା ହାତ ସଫାର ୬ଟି ସୋପାନ ପ୍ରଦର୍ଶନ ପରେ ଗୋଷ୍ଠୀ ସଦସ୍ୟଙ୍କୁ ଅଭ୍ୟାସ କରିବା ପାଇଁ କହିବେ । ଭଲ ପ୍ରଦର୍ଶନ କରୁଥିବା ସଦସ୍ୟ ମାନଙ୍କର ଏକ ଦଳ ଗଠନ କରିବେ ଯିଏକି ଗୋଷ୍ଠୀ ସଦସ୍ୟ ଓ ସ୍କୁଲ ଛାତ୍ରଛାତ୍ରୀ ମାନଙ୍କୁ ହାତ ସଫା ଅଭ୍ୟାସର ପ୍ରଦର୍ଶନ ପାଇଁ ଶିକ୍ଷା ଦେବେ ।

ନିମ୍ନ ଲିଖିତ ବ୍ୟବହାର ଗୁଡ଼ିକୁ ଅଭ୍ୟାସରେ ଆଣିବା ପାଇଁ ଗୋଷ୍ଠୀ ଦାୟିତ୍ୱ ଗ୍ରହଣ କରିବେ

୧. ସ୍କୁଲ, ଅଙ୍ଗନୱାଡ଼ି ଏବଂ ଗ୍ରାମର ପ୍ରତ୍ୟେକ ଘରେ ହାତଧୁଆର ବ୍ୟବସ୍ଥା ଥିବା ନିଶ୍ଚିତ କରିବେ ।

୨. ସଠିକ୍ ସମୟରେ ସାବୁନ୍‌ରେ ହାତ ଧୋଇବାର ଅଭ୍ୟାସ ଦିଗରେ ଗୋଷ୍ଠୀର ବ୍ୟବହାର ପରିବର୍ତ୍ତନ କରିବେ ।

୩. ସ୍ୱଚ୍ଛତା ଚମ୍ପିୟନ ସୃଷ୍ଟି କରିବେ ଯେଉଁମାନେ ହାତସଫା ବିଷୟରେ ଗୋଷ୍ଠୀରେ ଅନ୍ୟମାନଙ୍କୁ ଶିକ୍ଷା ଦେବେ ।

ଗାଁ କଲ୍ୟାଣ ସମିତି ଦୁଇ ଜଣଙ୍କୁ ଗ୍ରାମର ପ୍ରତ୍ୟେକ ଘରର ହାତଧୋଇବା ପାଇଁ ନିର୍ଦ୍ଦିଷ୍ଟ ଥିବା ସ୍ଥାନର ତାଲିକା ପ୍ରସ୍ତୁତ କରିବା ପାଇଁ ଦାୟିତ୍ୱ ଦେବେ । ପରିଦର୍ଶନ ସମୟରେ ସେମାନେ ଆବଶ୍ୟକ ସ୍ଥଳେ ହାତ ଧୋଇବାର ବିଭିନ୍ନ ସୋପାନ ଗୁଡ଼ିକ ପ୍ରଦର୍ଶନ କରି ଦେଖାଇବେ ଏବଂ ଗୋଷ୍ଠୀର ଅଭ୍ୟାସର ପରିବର୍ତ୍ତନ ପାଇଁ ଅଭିଯାନ ମାସରେ ହାତଧୁଆ ସମ୍ବନ୍ଧିତ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରିବେ ।

## ପଞ୍ଚମ ଅଭିଯାନ ଦିବସ:- ସ୍କୁଲ ଓ ଅଙ୍ଗନୱାଡ଼ି ପରିଚ୍ଛନ୍ନତା ଦିବସ

ପିଲାମାନଙ୍କର ସର୍ବାଙ୍ଗୀନ ସୁସ୍ଥତା, ସୁରକ୍ଷା ଏବଂ ଉତ୍ତମ କାର୍ଯ୍ୟଦକ୍ଷତା ପାଇଁ ସ୍କୁଲ ଓ ଅଙ୍ଗନୱାଡ଼ି ପରିଚ୍ଛନ୍ନତା ଗୁରୁତ୍ୱପୂର୍ଣ୍ଣ । ଅକାମୀ ହୋଇ ପଡ଼ିଥିବା ପାଇଖାନା, ହାତଧୁଆ ପାଇଁ ଅନୁପଯୁକ୍ତ ବ୍ୟବସ୍ଥା, ବିଶୁଦ୍ଧ ପାନୀୟର ଜଳର ବ୍ୟବସ୍ଥା ନ ଥିବା ଏବଂ ସ୍କୁଲର ମଧ୍ୟାହ୍ନ ଭୋଜନ ଓ ଅଙ୍ଗନୱାଡ଼ି ଗରମ ଖାଦ୍ୟ ପ୍ରସ୍ତୁତିର ଅସ୍ୱାସ୍ଥ୍ୟକର ବ୍ୟବସ୍ଥା ବା ଅଭ୍ୟାସ ସ୍କୁଲ ଓ ଅଙ୍ଗନୱାଡ଼ି ପାଇଁ ଏକ ଆହ୍ୱାନ । ଏହି ସବୁ ବ୍ୟବସ୍ଥା ମଧ୍ୟ ପିଲା ମାନଙ୍କ ବ୍ୟବହାର ଉପରେ ଏକ ଦୀର୍ଘସ୍ଥାୟୀ ପ୍ରଭାବ ପକାଇଥାଏ । ସ୍କୁଲ ଓ ଅଙ୍ଗନୱାଡ଼ି ହିଁ ପ୍ରକୃଷ୍ଟ ଜାଗା ଯେଉଁ ଠାରୁ ପିଲାମାନେ ଏକ ଉନ୍ନତ ବ୍ୟବହାର ଆହରଣ କରିବେ ଏବଂ ଏହି ଅଭ୍ୟାସକୁ ଗୋଷ୍ଠୀର ପ୍ରତ୍ୟେକ ପରିବାରରେ ପହଂଚାଇ ପାରିବେ ଏବଂ ବ୍ୟବହାର ପରିବର୍ତ୍ତନର ମୁଖ୍ୟ ପରିଚାଳକ ହୋଇପାରିବେ ।

### ଏହି ଦିବସ ପାଳନର ଉଦ୍ଦେଶ୍ୟ:-

୧. ପରିଷ୍କାର ପରିଚ୍ଛନ୍ନତାର ଗୁରୁତ୍ୱ ସମ୍ପର୍କରେ ବୁଝାଇବା ଏବଂ ଏହି ଅଭ୍ୟାସକୁ ଗୋଷ୍ଠୀରେ ଗ୍ରହଣ କରିବା ସହ ପରିବର୍ତ୍ତନର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ।

୨. ପାନୀୟ ଜଳର ବ୍ୟବସ୍ଥା, ପରିମଳ ପରିଚ୍ଛନ୍ନତାରର ବ୍ୟବସ୍ଥା, ସ୍କୁଲର ଅସବାବପତ୍ରର ରକ୍ଷଣାବେକ୍ଷଣ ଏବଂ ଏ ସମ୍ପର୍କିତ ବ୍ୟବହାର ପରିବର୍ତ୍ତନ ପ୍ରକ୍ରିୟାର ଏକ ସୁବ୍ୟବସ୍ଥିତ ସମୀକ୍ଷା କରିବା ।

୩. ସ୍କୁଲର ମଧ୍ୟାହ୍ନ ଭୋଜନ ଓ ଅଙ୍ଗନୱାଡ଼ିର ଗରମ ଖାଦ୍ୟ ପ୍ରସ୍ତୁତି ପ୍ରକ୍ରିୟାରେ ପରିଷ୍କାର ପରିଚ୍ଛନ୍ନ ବ୍ୟବସ୍ଥାରେ ସୁଧାର ଆଣିବା ।

୪. ପିଲାମାନଙ୍କ ମଧ୍ୟରେ ସାବୁନ୍‌ରେ ହାତ ସଫା ଅଭ୍ୟାସ ଆଣିବା ଏବଂ ସ୍କୁଲ ପରିବେଶ ପରିଷ୍କାର ପରିଚ୍ଛନ୍ନ ପାଇଁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ସ୍ୱଚ୍ଛତା ଚମ୍ପିୟନ ସୃଷ୍ଟି କରିବା ।

### ପୂର୍ବ ଅଭିଯାନ ଦିବସର କାର୍ଯ୍ୟକ୍ରମ ଗୁଡ଼ିକର ସମୀକ୍ଷା:-

ଏହି ଅଭିଯାନ ଦିବସଟି ସ୍କୁଲ ଓ ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନରୁ ଆରମ୍ଭ ହେବ । ନିୟମିତ କାର୍ଯ୍ୟଭାବେ ପ୍ରଥମେ ପୂର୍ବ ଅଭିଯାନ ଦିବସର କାର୍ଯ୍ୟକ୍ରମର ସମୀକ୍ଷା କରାଯିବା ସହ ବାକି ରହି ଯାଇଥିବା କାର୍ଯ୍ୟଗୁଡ଼ିକର ପାଇଁ ଯୋଜନା ପ୍ରସ୍ତୁତ କରାଯିବ ।

### ପ୍ରସ୍ତୁତି କାର୍ଯ୍ୟକ୍ରମ:-

୧. ଅଭିଯାନ ଦିବସର ୭ ଦିନ ପୂର୍ବରୁ ଆଶା, ଅଙ୍ଗନୱାଡ଼ି କର୍ମୀ ସମସ୍ତ ଗ୍ରାମବାସୀଙ୍କୁ ଦିବସ ପାଳନର ସ୍ଥାନ, ତାରିଖ ଓ ସମୟ ବିଷୟରେ ସୂଚନା ପ୍ରଦାନ କରିବେ ।

୨. ଅଭିଯାନ ଦିବସ ପାଇଁ ଆବଶ୍ୟକୀୟ ସ୍ୱାସ୍ଥ୍ୟ, ଶିକ୍ଷା ଓ ସୂଚନା ଉପକରଣ, କୁଇଜ୍ ହ୍ୟାଣ୍ଡଆଉଟ୍, ଛୋଟ ଉପହାର ଇତ୍ୟାଦି ପ୍ରସ୍ତୁତ ରଖିବେ।

### ଅଭିଯାନ ଦିବସର କାର୍ଯ୍ୟପନ୍ଥା:-

### ପ୍ରଥମ ସୋପାନ

ଅଭିଯାନ ଦିବସର ପ୍ରଥମ ଚରଣରେ ଗୋଷ୍ଠୀ ସଦସ୍ୟଙ୍କର ଏକ ଦଳ ସ୍କୁଲ ଓ ଅଙ୍ଗନୱାଡ଼ି ପରିଦର୍ଶନ କରିବେ ଏବଂ ନିମ୍ନଲିଖିତ ବ୍ୟବସ୍ଥାର ତଦାରଖ କରିବେ

**୧. ସ୍କୁଲ ଓ ଅଙ୍ଗନୱାଡ଼ି କେନ୍ଦ୍ରର ସାମଗ୍ରୀକ ରକ୍ଷଣାବେକ୍ଷଣ ଓ ଆଭ୍ୟନ୍ତରିଣ ବ୍ୟବସ୍ଥା**

(କ) କୋଠରୀରେ ଧୂଳି ଜମି ନ ଥିବା ଓ ଭଲଭାବରେ ପବନ ଚଳାଚଳ ହେଉଥିବା ଏବଂ କୋଠରି ନିୟମିତ ସଫା ହେଉଥିବା, କୋଠରୀର କାନ୍ଥ ଓ ଛାତରେ ଫାଟ ନ ଥିବା ।

(ଖ) ସ୍କୁଲ ଓ ଅଙ୍ଗନୱାଡ଼ି କେନ୍ଦ୍ରରେ ଅଦରକାରୀ ଜିନିଷ ଏଣେତେଣେ ଗଦା ହୋଇ ନ ଥିବା ।

(ଗ) ସ୍କୁଲ ପରିସରରେ ଆବର୍ଜନା ଓ ଅନ୍ୟାନ୍ୟ ଅନାବଶ୍ୟକ ପଦାର୍ଥ ଗଦା ହୋଇ ନ ଥିବା ଓ ଆବର୍ଜନା ପକାଇବା ପାଇଁ ନିର୍ଦ୍ଦିଷ୍ଟ ସ୍ଥାନ ରହିଥିବା ।

(ଘ) ସ୍କୁଲ ଓ ଅଙ୍ଗନୱାଡ଼ି ପରିସରରେ ପାଣି ଜମୁ ନ ଥିବା ଏବଂ ଜଳ ନିଷ୍କାସନର ବ୍ୟବସ୍ଥା ଥିବା ।

(ଙ) ପାଇଖାନା ଏବଂ ରୋଷେଇଶାଳର ଭିତର ସଫା ଥିବା ଓ ପାଇଖାନା ଓ ରୋଷେଇଶାଳର ଡ୍ରେନେଜ ବ୍ୟବସ୍ଥା ।

(ଚ) ସ୍କୁଲର ଡ଼େସ୍କ/ ବେଂଚ୍ ଓ ଷ୍ଟୋର ଘର ସଫା ଥିବା ଏବଂ ସ୍କୁଲର ଚଟାଣ ଫଟା/ଭଙ୍ଗା ନ ଥିବା ।

(ଛ) ପାଣି ଟ୍ୟାପ୍ ବା ସ୍ୱରେଜ ପାଇପ୍ ଲିକ୍ ବା ଜମାଟ ହୋଇ ନ ଥିବା

(ଜ) ସ୍କୁଲ ପରିସରକୁ ମଶା, ମାଛି, ମୂଷା ଆଦି କୀଟ ପତଙ୍ଗ ମୁକ୍ତ କରାଯିବାର ବ୍ୟବସ୍ଥା ଥିବା ।

**୨. ସ୍କୁଲ ଓ ଅଙ୍ଗନୱାଡ଼ି କେନ୍ଦ୍ରର ପରିମଳ ବ୍ୟବସ୍ଥା**

(କ) ପୁଅ ଓ ଝିଅମାନଙ୍କ ପାଇଁ ଅଲଗା ପାଇଖାନା ବ୍ୟବସ୍ଥା, ନିରାପଦ ଓ ଗୋପନୀୟତା ରକ୍ଷା କରୁଥିବ,ପାଇଖାନାର ଦରଜା ଭଲଭାବରେ ବନ୍ଦ କରି ହେଉଥିବ ଏବଂ ପାଇଖାନା ନିୟମିତ ବ୍ୟବହାର ହେଉଥିବ ।

(ଖ) ପାଇଖାନାର ପରିଚ୍ଛନ୍ନତା:- ପାଇଖାନାର ପ୍ୟାନ୍ ଓ ଚଟାଣ ଭାଙ୍ଗ୍ ନ ଥିବ, ଭଲଭାବରେ ଜଳ ନିଷ୍କାସନ ହେଉଥିବ, ଫ୍ଲସ୍ କାମ କରୁଥିବ ଏବଂ ନିୟମିତ ସଫା ସୁତରାର ବ୍ୟବସ୍ଥା ଥିବ ।

(ଗ) ପାଇଖାନା ବ୍ୟବହାର ଓ ଫ୍ଲସ୍ ପାଇଁ ପାଣିର ବ୍ୟବସ୍ଥା ଥିବ ।

(ଘ) ପାଇଖାନା ପିଲାମାନଙ୍କର ବ୍ୟବହାର ଯୋଗ୍ୟ ଏବଂ ସୁରକ୍ଷିତ ସ୍ଥାନରେ ଥିବ ।

(ଙ) ପାଇଖାନା ପ୍ୟାନ୍‌ରୁ ମଳ ସୁରକ୍ଷିତ ଟାଙ୍କିକୁ ଯିବା ପାଇପ୍‌ରେ କୌଣସି ଲିକ୍ ନ ଥିବ ।

(ଚ) ପାଇଖାନା ଘର ପାଖରେ ହାତଧୋଇବା ପାଇଁ ବ୍ୟବସ୍ଥା ଥିବ ଓ ବେସିନ୍, ସାବୁନ୍ ଓ ଚଳନ୍ତା ପାଣି ଓ ମଗ୍ର ବ୍ୟବସ୍ଥା ଥିବ ।

(ଛ) ପାଇଖାନା ପାଖରେ ଡ଼ଷ୍ଟବିନ୍ ବିଶେଷ ଭାବେ ଝିଅ ମାନଙ୍କ ପାଇଖାନାରେ ସାନିଟାରି ପ୍ୟାଡ୍ ଫିଙ୍ଗିବା ପାଇଁ ବ୍ୟବସ୍ଥା ଥିବ ।

**୩. ସ୍କୁଲ ଓ ଅଙ୍ଗନୱାଡ଼ି କେନ୍ଦ୍ରରେ ପାନୀୟ ଜଳର ବ୍ୟବସ୍ଥା**

(କ) ପାଣିଟ୍ୟାପ୍ ଓ ଟାଙ୍କି ନିୟମିତ ସଫା ହେବାର ବ୍ୟବସ୍ଥା ।

(ଖ) ପାଣିର ମାନ ପରୀକ୍ଷା କରିବା, ପାଣିର ରଙ୍ଗ ଓ ସ୍ୱାଦ ଇତ୍ୟାଦିର ପରୀକ୍ଷା କରାଇବା ।

(ଗ) ପାଣି ପିଇବା ସ୍ଥାନରେ ଗ୍ଲାସ୍ କିମ୍ବା ମଗ୍ ଥିବା ନିଶ୍ଚିତ କରିବା

**୪. ସ୍କୁଲର ମଧ୍ୟାହ୍ନ ଭୋଜନ ଓ ଅଙ୍ଗନୱାଡ଼ି ଗରମ ଖାଦ୍ୟ ପ୍ରସ୍ତୁତି ପାଇଁ ଥିବା ବ୍ୟବସ୍ଥା**

(କ) ରୋଷେଇ ଶାଳ ସଫାସୂତରା ଓ ଖାଦ୍ୟ ରନ୍ଧା ସମୟରେ ସମ୍ପୂର୍ଣ୍ଣ ପରିଷ୍କାର ପରିଚ୍ଛନ୍ନତା ରକ୍ଷା କରିବା ।

(ଖ) ରୋଷେଇ ଶାଳ ପରିଷ୍କାର ଥିବା, ରୋଷେଇ ଶାଳର ଚଟାଣ, କାନ୍ଥ, ବାସନ କୁସନ ସଫା ଥିବା ।

(ଗ) ବାସନ ମାଜିବା ପାଇଁ ସ୍ୱତନ୍ତ୍ର ସ୍ଥାନର ବ୍ୟବସ୍ଥା ଥିବା, ରୋଷେଇ ଏବଂ ଖାଇବା ବାସନ ଭଲଭାବରେ ସଫା ହୋଇଥିବା

(ଘ) ଖାଦ୍ୟ ପ୍ରସ୍ତୁତି ଓ ପରସିବା ପୂର୍ବରୁ ସାବୁନ୍‌ରେ ହାତ ଧୋଇବା ବ୍ୟବସ୍ଥା ।

(ଙ) ଖାଦ୍ୟ ପ୍ରସ୍ତୁତି ପାଇଁ ବିଶୁଦ୍ଧ ପାଣିର ବ୍ୟବହାର

(ଚ) ବଳକା ଖାଦ୍ୟ ଓ ରୋଷେଇ ଶାଳରୁ ବାହାରୁଥିବା ଆବର୍ଜନାର ସଠିକ୍ ପରିଚାଳନା ବ୍ୟବସ୍ଥା

(ଛ) ଖାଦ୍ୟ ପ୍ରସ୍ତୁତ କର୍ତ୍ତା / ପାଚିକାଙ୍କର ବ୍ୟକ୍ତିଗତ ପରିଚ୍ଛନ୍ନତା ଯେପରିକି ଖାଦ୍ୟ ପ୍ରସ୍ତୁତି ସମୟରେ ପାନ, ଖଇନି, ଗୁଟଖା ବା ଅନ୍ୟାନ୍ୟ କୌଣସି ନିଶାଦ୍ରବ୍ୟ ସେବନ କରୁ ନ ଥିବେ ।

**ଦ୍ୱିତୀୟ ସୋପାନ**

ସ୍କୁଲ ଓ ଅଙ୍ଗନୱାଡ଼ି ତଦାରଖ ଦଳ ପରିଦର୍ଶନରୁ ଅବଲୋକନ କରିଥିବା ମୁଖ୍ୟ ବିଷୟଗୁଡ଼ିକ ଗୋଷ୍ଠୀର ଅନ୍ୟ ସଦସ୍ୟ ଓ ସ୍କୁଲ ଶିକ୍ଷକଙ୍କ ସହ ଆଲୋଚନା କରିବେ । ସମସ୍ତଙ୍କର ସହମତି କ୍ରମେ ଚିହ୍ନିତ ହୋଇଥିବା ସମସ୍ୟା ଗୁଡ଼ିକର ସମାଧାନ ପାଇଁ ଯୋଜନା ପ୍ରସ୍ତୁତ କରିବେ ଏବଂ ଏହାର ତଦାରଖ କରିବେ ।

**ତୃତୀୟ ସୋପାନ**

**ଯୋଜନା ପ୍ରସ୍ତୁତି ପାଇଁ ଫର୍ମାଟ**

| ତଦାରଖ ର ବିଷୟ | ଅବଲୋକନ କରିଥିବା ମୂଖ୍ୟ ବିଷୟ | ଅବଲୋକନ କରିଥିବା ଭଲ ଅଭ୍ୟାସ ଗୁଡ଼ିକ | ଉନ୍ନତି/ ସୁଧାର ଆଣିବାକୁ ଥିବା ବିଷୟ | ଆବଶ୍ୟକୀୟ ସମ୍ବଳ | ଆବଶ୍ୟକ ଥିବା ବାହ୍ୟ ସହଯୋଗ /ସମ୍ବଳ | ଦାୟିତ୍ୱରେ ଥିବା ବ୍ୟକ୍ତି | ସମୟସୀମା | ମନ୍ତବ୍ୟ |
|---|---|---|---|---|---|---|---|---|
| ସ୍କୁଲ ଓ ଅଙ୍ଗନୱାଡ଼ି କେନ୍ଦ୍ରର ପରିମଳ ବ୍ୟବସ୍ଥା | | | | | | | | |
| ପାନୀୟ ଜଳର ବ୍ୟବସ୍ଥା | | | | | | | | |
| ପାଇଖାନା ବ୍ୟବସ୍ଥା | | | | | | | | |
| ଖାଦ୍ୟ ପ୍ରସ୍ତୁତି ଓ ପରଷିବା ବ୍ୟବସ୍ଥା | | | | | | | | |

**କାର୍ଯ୍ୟ ତଦାରଖ ଯୋଜନା ଫର୍ମାଟ:-**

| ଯୋଜନା ହୋଇଥିବା କାର୍ଯ୍ୟ | କେଉଁ ସ୍ତରରେ/ ସ୍ଥାନରେ | କେଉଁମାନେ ସାମିଲ୍ ହେବେ (ନମ୍ବରରେ)-ଛାତ୍ର ଛାତ୍ରୀ,ଗୋଷ୍ଠୀ ସଦସ୍ୟ | ଆବଶ୍ୟକୀୟ ସମ୍ବଳ (ଆର୍ଥିକ,ସାମଗ୍ରୀ) | ପ୍ରସ୍ତାବିତ ସମୟସୀମା |
|---|---|---|---|---|
| | | | | |
| | | | | |
| | | | | |

**ଚତୁର୍ଥ ସୋପାନ**

ଯୋଜନା ପ୍ରସ୍ତୁତ ପରେ ସ୍କୁଲ ଛାତ୍ରଛାତ୍ରୀ ଓ ଗୋଷ୍ଠୀ ସଦସ୍ୟଙ୍କ ଉପସ୍ଥିତିରେ ଗତ ଅଭିଯାନ ଦିବସରେ ଆଲୋଚନା ହୋଇଥିବା ହାତଧୁଆର ସୋପାନ ଗୁଡ଼ିକ ପ୍ରଦର୍ଶନ କରି ଦେଖାଇବେ ଏବଂ ଛାତ୍ରଛାତ୍ରୀ ମାନଙ୍କୁ ଖାଇବା ପୁର୍ବରୁ ଓ ପାଇଖାନା ଯିବା ପରେ ହାତ ଧୋଇବାର ଗୁରୁତ୍ୱ ସମ୍ପର୍କରେ ବୁଝାଇବେ ।

**ପଞ୍ଚମ ସୋପାନ**

ଶେଷରେ ପିଲାମାନଙ୍କୁ ଏକାଠି କରି ସ୍କୁଲ ଓ ଅଙ୍ଗନୱାଡ଼ି ପରିଷ୍କାର ପରିଚ୍ଛନ୍ନତା ଉପରେ ଏକ ସଚେତନତା ସଭାର ଆୟୋଜନ କରାଯିବ ଏବଂ ତତ୍ ସମ୍ପର୍କିତ କୁଇଜ୍ ପ୍ରତିଯୋଗିତା ମାଧ୍ୟମରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ ୧୦-୧୨ ଜଣ ଅଧିନେତା

ବଛାଯିବ ଯେଉଁମାନେ ସ୍କୁଲ ପରିଚ୍ଛନ୍ନତା ଯେପରିକି ଖାଇବା ପୁର୍ବରୁ ଓ ପାଇଖାନା ଯିବା ପରେ ହାତ ଧୋଇବା ଅଭ୍ୟାସର ତଦାରଖ କରିବେ । ସ୍କୁଲ ଶିକ୍ଷକ  ଅଧିନେତା ମାନଙ୍କର କାର୍ଯ୍ୟକ୍ରମକୁ ତଦାରଖ କରି ଆବଶ୍ୟକ ସ୍ଥଳେ ପରାମର୍ଶ ଦେବେ ।

**ମୂଖ୍ୟ ବାର୍ତ୍ତା**

- ଖାଇବା ପୂର୍ବରୁ ଓ ପାଇଖାନା ବ୍ୟବହାର ପରେ ହାତକୁ ସାବୁନ୍‌ରେ ଭଲଭାବରେ ଧୁଅନ୍ତୁ
- ପିଇବା ପାଇଁ ବିଶୁଦ୍ଧ ପାନୀୟ ଜଳ ବ୍ୟବହାର କରନ୍ତୁ
- ପାଇଖାନା ଓ ମୁତ୍ରାଳୟ ବ୍ୟବହାର କରନ୍ତୁ ଏବଂ ଏହାକୁ ସଫା ରଖନ୍ତୁ
- ସ୍କୁଲ ଶିକ୍ଷକ ଓ ଗାଁ କଲ୍ୟାଣ ସମିତିର ସଦସ୍ୟମାନେ ନିୟମିତ ଭାବେ ସ୍କୁଲ ଓ ଅଙ୍ଗନୱାଡ଼ିର ପରିମଳ ବ୍ୟବସ୍ଥାକୁ ତଦାରଖ କରିବେ ଏବଂ ସମସ୍ତ ବ୍ୟବସ୍ଥାର ବ୍ୟବହାରକୁ ନିଶ୍ଚିତ କରିବେ ।

**ଷଷ୍ଠ ସୋପାନ**

**ତଦାରଖ  କାର୍ଯ୍ୟକ୍ରମ:-**

ଗାଁ କଲ୍ୟାଣ ସମିତି, କାର୍ଯ୍ୟକ୍ରମର ତଦାରଖ ପାଇଁ ଗୋଷ୍ଠୀ ସଦସ୍ୟ ମାନଙ୍କୁ ନେଇ ଦୁଇଟି ଦଳ ଗଠନ କରିବେ । ଏହି ଦୁଇ ଦଳ ମଧ୍ୟରୁ ଗୋଟିଏ ଦଳ ସ୍କୁଲ ଓ ଅନ୍ୟ ଦଳଟି ଅଙ୍ଗନୱାଡ଼ି କେନ୍ଦ୍ରକୁ ପ୍ରତ୍ୟେକ ମାସ ପରିଦର୍ଶନ କରିବେ । ସ୍ୱଚ୍ଛତା ଚମ୍ପିୟନ ମାନଙ୍କ ସହ ନିୟମିତ ହାତଧୋଇବା ଦିଗରେ ଛାତ୍ରଛାତ୍ରୀ ମାନଙ୍କର ବ୍ୟବହାର ପରିବର୍ତ୍ତନ ସମ୍ପର୍କରେ ଥିବା ସେମାନଙ୍କର ଅଭିଜ୍ଞତା ବିଷୟରେ ଆଲୋଚନା କରିବେ ।  ଯୋଜନା ମୁତାବକ କାର୍ଯ୍ୟ ପ୍ରଗତିର ସ୍ଥିତି ଓ ଆବଶ୍ୟକୀୟ ସହଯୋଗ ସମ୍ପର୍କରେ ଗାଁ କଲ୍ୟାଣ ସମିତିକୁ ଅବଗତ କରାଇବେ ।

ଶେଷରେ ଗାଁ କଲ୍ୟାଣ ସମିତି ଆଗାମୀ ମାସର ଅଭିଯାନ ଦିବସର ଯୋଜନା ସମ୍ପର୍କରେ ଗୋଷ୍ଠୀ ସଦସ୍ୟଙ୍କ ସହ ଆଲୋଚନା କରି ଅଭିଯାନ ଦିବସକୁ ଶେଷ କରିବେ ।

## ଷଷ୍ଠ ଅଭିଯାନ ଦିବସ:- ବ୍ୟକ୍ତିଗତ ଓ ଗୃହ ପରିଚ୍ଛନ୍ନତା ଦିବସ

ପରିଷ୍କାର ଓ ପରିଚ୍ଛନ୍ନତାର ଅଭ୍ୟାସ ଆମକୁ ବିଭିନ୍ନ ରୋଗ ସଂକ୍ରମଣରୁ ରକ୍ଷା କରିଥାଏ । ସେଥିପାଇଁ ଯେଉଁସବୁ କାର୍ଯ୍ୟରେ ବା ମାଧ୍ୟମରେ ରୋଗ ଜୀବାଣୁ ଆମ ଶରୀର ମଧ୍ୟକୁ ପ୍ରବେଶ କରିଥାଏ ସେ ସବୁ ଦିଗ ପ୍ରତି ଧ୍ୟାନ ଦେବାକୁ ପଡ଼ିଥାଏ । ପରିଚ୍ଛନ୍ନତା ଅର୍ଥ ଏହା ନୁହେଁ ଯେ ଥରେ ଅଧେ ଅତି ଭଲଭାବରେ ସଫା କରି ଦେବା ବରଂ ଏହା ଏକ ନିୟମିତ ପ୍ରକ୍ରିୟା ଯାହାକୁ ଆମର ଦୈନନ୍ଦିନ କାର୍ଯ୍ୟରେ ସବୁବେଳେ ଅଭ୍ୟାସ କରିବାକୁ ପଡ଼ିଥାଏ ।

### ଏହି ଦିବସ ପାଳନର ଉଦ୍ଦେଶ୍ୟ:-

୧. ବ୍ୟକ୍ତିଗତ ଓ ଘରୋଇ ସ୍ତରରେ ପରିଷ୍କାର ପରିଚ୍ଛନ୍ନତା ସମ୍ପର୍କରେ ଗୋଷ୍ଠୀକୁ ଅବଗତ କରାଇବା

୨. ଖାଦ୍ୟ ଓ ପାନୀୟ ପ୍ରସ୍ତୁତି ସମୟରେ ପରିଷ୍କାର ପରିଚ୍ଛନ୍ନତାର ପ୍ରଦର୍ଶନ କରାଇବା

୩. ବ୍ୟକ୍ତିଗତ ଓ ଗୃହ ପରିଷ୍କାର ପରିଚ୍ଛନ୍ନତାର ଉନ୍ନତ ଅଭ୍ୟାସ ପାଇଁ ଗୋଷ୍ଠୀ ସଦସ୍ୟ ଦ୍ୱାରା ଯୋଜନା ପ୍ରସ୍ତୁତ କରିବା

### ପ୍ରସ୍ତୁତି କାର୍ଯ୍ୟକ୍ରମ:-

ବ୍ୟକ୍ତିଗତ ଓ ଗୃହ ପରିଚ୍ଛନ୍ନତା ଦିବସଟି ଚତୁର୍ଥ ଅଭିଯାନ ଦିବସ (ହାତଧୁଆ ଦିବସ) ର ନିୟାମକ ଦିବସ ଭାବେ ଅନୁଭବ ହେବା ଆବଶ୍ୟକ । ଏଥିରେ ହାତ ସଫା ସମ୍ପର୍କିତ ସୂଚନା ଗୁଡିକୁ ପୁନଃ ଦୋହରାଯିବ । ଏହି ଦିବସର କାର୍ଯ୍ୟକ୍ରମ ମୂଖ୍ୟତଃ ଶିଶୁ ଓ ମହିଳା ମାନଙ୍କୁ କେନ୍ଦ୍ରିତ କରି ପାଳନ କରାଯିବ ।

୧. ଆଶା ଏବଂ ଅଙ୍ଗନଓ୍ୱାଡ଼ି କର୍ମୀ ଗାଁ କଲ୍ୟାଣ ସମିତି ସଦସ୍ୟଙ୍କ ସହାୟତାରେ ସର୍ବସାଧାରଣ ସ୍ଥାନରେ ଖାଦ୍ୟ ରନ୍ଧା ପ୍ରକ୍ରିୟା ପ୍ରଦର୍ଶନ ପାଇଁ ଉପଯୁକ୍ତ ସ୍ଥାନ ବାଛିବେ । ଏହି ଅଭିଯାନ ଦିବସରେ ସ୍କୁଲ ଓ ଅଙ୍ଗନଓ୍ୱାଡ଼ିର ପାଚିକା ଓ ସହାୟିକାଙ୍କର ଗୁରୁତ୍ୱପୁର୍ଣ୍ଣ ଭୂମିକା ରହିଛି ।

୨. ମହିଳା ମାନଙ୍କୁ ଖାଦ୍ୟ ରନ୍ଧା ପାଇଁ ଆବଶ୍ୟକ ଥିବା ସାମଗ୍ରୀ ଯେପରି ପନିପରିବା, ବାସନକୁସନ ଇତ୍ୟାଦି ସାଙ୍ଗରେ ଆଣିବା ପାଇଁ ସୂଚନା ଦେବେ ଏବଂ ଖାଦ୍ୟ ରନ୍ଧା ପାଇଁ ସମସ୍ତ ଆୟୋଜନ କରିବେ ।

୩. ଆଶା ଏବଂ ଅଙ୍ଗନଓ୍ୱାଡ଼ି କର୍ମୀଙ୍କ ଜରିଆରେ ସମସ୍ତ ଗ୍ରାମବାସୀଙ୍କୁ ଦିବସ ପାଳନର ସ୍ଥାନ, ତାରିଖ ଓ ସମୟ ସମ୍ପର୍କରେ ପ୍ରାକ୍ ସୂଚନା ପ୍ରଦାନ କରାଯିବ ।

### ଅଭିଯାନ ଦିବସର କାର୍ଯ୍ୟପନ୍ଥା:-

ଖାଦ୍ୟ ରନ୍ଧା ପ୍ରଦର୍ଶନ ସହିତ ଖାଦ୍ୟ ପ୍ରସ୍ତୁତି ଓ ପରଷିବା ସମୟରେ ଜଳ ଓ ପରିମଳ ସମସ୍ୟା ସମ୍ପର୍କରେ ଆଲୋଚନା ଅଭିଯାନ ଦିବସର ମୂଖ୍ୟ କାର୍ଯ୍ୟପନ୍ଥା ହେବ (ଋତୁସ୍ରାବ ସମୟରେ ପରିଷ୍କାର ଓ ପରିଚ୍ଛନ୍ନତା ମଧ୍ୟ ଆଲୋଚନାର ପରିସରଭୁକ୍ତ ହେବ) ।

୧. ପୂର୍ବ ନିର୍ଦ୍ଧାରିତ ସ୍ଥାନରେ ସମସ୍ତ ମହିଳା ଉପସ୍ଥିତ ହେବେ ଏବଂ ପୁରୁଷମାନଙ୍କୁ ମଧ୍ୟ ସେଠାରେ ଉପସ୍ଥିତ ରହିବା ପାଇଁ ନିମନ୍ତ୍ରଣ କରାଯିବ ।

୨. ବ୍ୟକ୍ତିଗତ ଓ ଗୃହ ପରିଚ୍ଛନ୍ନତା ସମ୍ପର୍କରେ ଆଶା ଏବଂ ଅଙ୍ଗନଓ୍ୱାଡ଼ି କର୍ମୀ ଗୋଷ୍ଠୀ ସଦସ୍ୟଙ୍କ ସହ ଆଲୋଚନା କରିବେ । ସଠିକ୍ ହାତସଫା ପ୍ରଣାଳୀ ପ୍ରଦର୍ଶନ, ଋତୁସ୍ରାବ ଜନିତ ବ୍ୟକ୍ତିଗତ ଏବଂ ଘରୋଇ ପରିଚ୍ଛନ୍ନତା ଆଦି ଆଲୋଚନା ଅନ୍ତର୍ଭୂକ୍ତ ହେବ ।

୩. ଆଲୋଚନା ପରେ ଦଳଗତ ଭାବରେ ରନ୍ଧା ଖାଦ୍ୟ ପ୍ରସ୍ତୁତ କରାଯିବ ଏବଂ ସମସ୍ତ ଭାଗୀଦାରୀ ମାନଙ୍କୁ ପରିବେଷଣ କରାଯିବ ।

## ନିମ୍ନଲିଖିତ ମୂଖ୍ୟ ବିଷୟମାନ ଆଲୋଚନା କରାଯିବ

ଶୈଶବ ଓ କୈଶୋର ଅବସ୍ଥାରେ ସାଧାରଣତଃ ପିଲାମାନେ ଏଣେତେଣେ ଖେଳକୁଦ କରିଥା'ନ୍ତି ଏବଂ ସେହି ମଇଳା ହାତକୁ ପାଟି, ଆଖିରେ ହାତ ମାରିବା, ଦେହ କୁଣ୍ଡାଇବା, ନାକ ପୋଛିବା ଇତ୍ୟାଦି କରିଥା'ନ୍ତି । ତେଣୁ ଏମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ଏବଂ ପରିଷ୍କାର ପରିଚ୍ଛନ୍ନତା ସମ୍ପର୍କରେ ଶିକ୍ଷା ଦେବାର ଆବଶ୍ୟକତା ରହିଛି ।

### କ) ବ୍ୟକ୍ତିଗତ ପରିଚ୍ଛନ୍ନତା

**ହାତ ଧୋଇବା :-** ଆବଶ୍ୟକ ସମୟରେ ଯଥା ଖାଦ୍ୟ ପ୍ରସ୍ତୁତି ଓ ପରିବେଷଣ ସମୟରେ, ଖାଇବା ପୂର୍ବରୁ, ପାଇଖାନା ବ୍ୟବହାର ପରେ, ବାହାରେ ଖେଳାଖେଳି କରିବା ପରେ ଏବଂ ନାକରୁ ଶିଙ୍ଘାଣି ପୋଛିବା ପରେ ସାବୁନ୍‌ରେ ହାତଧୋଇବା ଏକ ଗୁରୁତ୍ୱପୁର୍ଣ୍ଣ ଅଭ୍ୟାସ ଯାହା ପିଲାମାନଙ୍କୁ ବିଭିନ୍ନ ରୋଗ ସଂକ୍ରମଣରୁ ରକ୍ଷା କରିଥାଏ । ହାତସଫା କରିବାର ୬ ଗୋଟି ସୋପାନକୁ ପିଲା ମାନଙ୍କୁ ଭଲଭାବରେ ଶିକ୍ଷାଦେବା ଆବଶ୍ୟକ ।

**ଗାଧୋଇବା:-** ଦୈନନ୍ଦିନ ଭଲଭାବରେ ଗାଧୋଇବା ପରିଚ୍ଛନ୍ନତାର ଏକ ଭଲ ଅଭ୍ୟାସ । ପ୍ରତ୍ୟେକ ଦିନ ସାବୁନ ଲଗାଇ ଗାଧୋଇବା ପାଇଁ ପିଲା ମାନଙ୍କୁ ଶିକ୍ଷା ଦେବା ସଙ୍ଗେ ସଙ୍ଗେ ଗୋଷ୍ଠୀରେ ସମସ୍ତେ ଏହି ଅଭ୍ୟାସକୁ ଗ୍ରହଣ କରିବା ଆବଶ୍ୟକ । ନିୟମିତ ବାଳ ଓ ନଖ କାଟିବା, ନିଶ/ଦାଢି କାଟିବା ଓ ସଫାରଖିବା ମଧ୍ୟ ଗୂରୁତ୍ୱପୂର୍ଣ୍ଣ ।

**କାଶ ଏବଂ ଛିଙ୍କ:-** କାଶିବା ଓ ଛିଙ୍କିବା ସମୟରେ ସୁରକ୍ଷିତ ପଦକ୍ଷେପ ବିଷୟରେ ସୂଚନା ଦେବା ଓ ପ୍ରଦର୍ଶନ କରି ଦେଖାଇବା ଯେପରିକି କାଶିବା ବା ଛିଙ୍କିବା ସମୟରେ ମୁହଁ ଏବଂ ନାକରେ ରୁମାଲ/କପଡ଼ା ଦେବା ଯାହାଦ୍ୱାରା ଜୀବାଣୁ ସଂକ୍ରମଣ ହୋଇ ନ ଥାଏ ।

**ଦାନ୍ତ ସଫା କରିବା**:- ଆଠ ବର୍ଷ ପର୍ଯ୍ୟନ୍ତ ପିଲା ମାନେ ଦାନ୍ତ ସଫା କରିବା ପାଇଁ ସହାୟତା ଆବଶ୍ୟକ କରିଥାନ୍ତି । ଦାନ୍ତସଫା କରିବାର ସଠିକ୍ ପ୍ରଣାଳୀ ସମ୍ପର୍କରେ ପିଲା ମାନଙ୍କୁ ଶିକ୍ଷା ଦେବା ସହ ନିୟମିତ ଦିନକୁ ଦୁଇଥର ଦାନ୍ତ ଘସିବା ପାଇଁ ପରାମର୍ଶ ଦେବେ ।

**ଚର୍ମର ଯତ୍ନ:-** ଶୈଶବ ଅବସ୍ଥାରେ ଚର୍ମର ଯତ୍ନ ପାଇଁ ପଲା ମାନେ ପିତାମାତାଙ୍କର ସହାୟତା ଅବଶ୍ୟକ କରିଥାନ୍ତି । ଏହି ଅବସ୍ଥାରେ ଚର୍ମରେ ବିଭିନ୍ନ ସଂକ୍ରମଣ ଯଥା:- ଘା', କୁଣ୍ଡିଆ, ଫୋଟକା ଆଦି ଏକ ସାଧାରଣ ସମସ୍ୟା । ଭଲଭାବରେ ଗାଧୋଇବା ସହ ଓ ଦେହରେ ତେଲ ଲଗାଇ ଚର୍ମକୁ ନରମ ରଖିବା ଆବଶ୍ୟକ । ଏହି ଅଭ୍ୟାସ ଗୋଷ୍ଠୀରେ ସମସ୍ତେ ଆପଣେଇବା ଉଚିତ୍ ।

**ନଖ ସଫା**:- ହାତ ନଖ ରୋଗ ଜୀବାଣୁର ଘର । ନଖରେ ଥିବା ରୋଗ ଜୀବାଣୁ ଆଖି, ପାଟି, ନାକ ଇତ୍ୟାଦିକୁ ସହଜରେ ସଂକ୍ରମିତ ହୋଇଥାଏ । ତେଣୁ ପିଲାମାନଙ୍କୁ ସେମାନଙ୍କ ନଖ କାଟିବା ଓ ସଫା ରଖିବା ପାଇଁ ଶିକ୍ଷା ଦିଅନ୍ତୁ ।

### ପିଲାମାନଙ୍କୁ ପାଇଖାନା ବ୍ୟବହାର ପାଇଁ ଶିକ୍ଷା ଦେବା :-

ନିୟମିତ ପାଇଖାନା ବ୍ୟବହାର କରିବା, ମଳ ତ୍ୟାଗ ପରେ ଭଲଭାବରେ ଶୌଚ ହେବା ଏବଂ ଭଲଭାବରେ ହାତ ସଫା କରିବା ଆଦି ସ୍ୱାସ୍ଥ୍ୟକର ଅଭ୍ୟାସ ସମ୍ପର୍କରେ ନିଜ ପିଲାମାନଙ୍କୁ ଶିକ୍ଷା ଦିଅନ୍ତୁ । ।

### ଋତୁସ୍ରାବ ଜନିତ ପରିଚ୍ଛନ୍ନତା:-

ଋତୁସ୍ରାବ ଜନିତ ପରିଚ୍ଛନ୍ନତା ଆମ ବ୍ୟକ୍ତିଗତ ପରିଚ୍ଛନ୍ନତାର ପ୍ରମୁଖ ଅଂଶ । ବାଳିକା ମାନେ ଋତୁସ୍ରାବ ସମୟରେ ସାନିଟାରି ନାପ୍‌କିନ୍ କିମ୍ୱା ସଫା କପଡା ବ୍ୟବହାର କରିବା ଗୁରୁତ୍ୱପୂର୍ଣ୍ଣ । କପଡାକୁ ଭଲଭାବରେ ସଫା କରି ଖରାରେ ଶୁଖାଇବା ଆବଶ୍ୟକ । ଯଦି ପ୍ୟାଡ୍ ବ୍ୟବହାର କରୁଥାଅ ତାହାକୁ ମାଟିରେ ପୋତିଦେବା ଆବଶ୍ୟକ ।

**ଖ) ସୁସ୍ଥ ଘର ପାଇଁ ନିୟମିତ ଗୃହ ପରିଚ୍ଛନ୍ନତାର ଅଭ୍ୟାସ**

ଆମେ ଆମର ଘରକୁ ରୋଗ ସଂକ୍ରମଣରୁ ରକ୍ଷା କରିବା ପାଇଁ ନିୟମିତ ସଫା ରଖୁଥାଉ । ସାଧାରଣତଃ ଘର ସଫା ନିମ୍ନଲିଖିତ ନିୟମାନୁସାରେ କରିବା ଆବଶ୍ୟକ ।

**ଦିନକୁ ଅନେକ ଥର:-** ରୋଷେଇ ସାରିବା ପରେ ରୋଷେଇ ହେଉଥିବା ଜାଗାକୁ ଭଲଭାବରେ ପୋଛିବା, ଖାଇବା ପରେ ବାସନକୁସନ ଭଲଭାବରେ ସଫା କରିବା

**ଦିନକୁ ଥରେ:-** ଘର ଝାଡୁ କରିବା, ରୋଷେଇ ଘର ଅଳିଆ ସଫା କରିବା, ଘରର ଆସବାବପତ୍ର ସଜାଡ଼ିବା ଇତ୍ୟାଦି

**ସପ୍ତାହକୁ ଥରେ:-** ଘରର ଚଟାଣ ସଫା, ପାଇଖାନା ଘର ସଫା, ଗାଧୁଆ ଓ ଲୁଗାସଫା ବାଲ୍‌ଟି, ବକେଟ୍, ମଗ୍ , ସାୱାର ଓ ବେସିନ୍ ସଫା କରିବା ।

**ମାସକୁ ଥରେ:-** ଫ୍ରିଜ୍/ ଷ୍ଟୋଭ ସଫା କରିବା, ଆଲ୍‌ମିରା, ଥାକ, ଝରକା, ଘରର କାନ୍ଥ, କବାଟ ଓ ଝରକାର ସ୍କ୍ରିନ୍ ଏବଂ ଘରର ଅଳନ୍ଦି ସଫା ରଖିବା ଇତ୍ୟାଦି

କେତେକ ସ୍ୱତନ୍ତ୍ର ସମୟରେ ବାରମ୍ବାର ଘର ସଫା କରିବା ଆବଶ୍ୟକ ହୋଇଥାଏ । କାରଣ ଏହି ସମୟରେ ଘରଟି ଅନ୍ୟ ଦିନ ଅପେକ୍ଷା ଶିଘ୍ର ଅପରିଷ୍କାର ହୋଇଥାଏ । ଯେପରିକି ଯଦି ଘରକୁ କେହି ଅତିଥି ଆସିଗଲେ ବା ଘରେ ଯଦି କାହାକୁ ତରଳ ଝାଡ଼ା ହେଲେ, ଏହି ସମୟରେ ପାଇଖାନା, ଗାଧୁଆ ଘର ଓ ଘରର ଚଟାଣକୁ ବାରମ୍ବାର ସଫା କରିବାକୁ ପଡ଼ିଥାଏ । କିଛି ଲୋକ ଘରକୁ ସଫା ରଖିବାର ଗୁରୁତ୍ୱ ସମ୍ପର୍କରେ ଅବଗତ ନଥାନ୍ତି ସେମାନଙ୍କୁ ଆଶା ଓ ଅଙ୍ଗନୱାଡ଼ି କର୍ମୀ ବୁଝାଇବାରେ ସାହାଯ୍ୟ କରିବେ ।

**ଗ) ରୋଷେଇ ଘର ପରିଚ୍ଛନ୍ନତା**

୧. ରୋଷେଇ ଘର ଏବଂ ଖାଦ୍ୟ ସାମଗ୍ରୀକୁ କୀଟପତଙ୍ଗ ବା ପୋକଜୋକ ଓ ଅନ୍ୟାନ୍ୟ ପଶୁ ଠାରୁ ସୁରକ୍ଷା ଦେବା ଏବଂ ଖାଦ୍ୟକୁ ଘୋଡ଼ାଇ ରଖିବା

୨. **ରନ୍ଧା ହୋଇଥିବା ଖାଦ୍ୟକୁ  କଞ୍ଚା ପନିପରିବା ବା ରନ୍ଧା ହୋଇ ନଥିବା ଖାଦ୍ୟ ଦ୍ରବ୍ୟ ଠାରୁ ଦୂରରେ ରଖବା ।**

୩. **ଖାଦ୍ୟକୁ ଭଲଭାବରେ ରାନ୍ଧିବା**

୪. **ରନ୍ଧା ହୋଇଥିବା ଖାଦ୍ୟକୁ ଉଚିତ୍ ତାପମାନରେ ରଖିବା:-** ରନ୍ଧା ହୋଇସାରିବା ପରେ ଖାଦ୍ୟକୁ ୨ ଘଣ୍ଟାରୁ ଅଧିକ ସମୟ ବାହାର ତାପମାନରେ ରଖନ୍ତୁ ନାହିଁ ଅଧିକ ସମୟ ରଖୁଥିଲେ ଖାଦ୍ୟକୁ ଥଣ୍ଡା ବା ଶୁଖିଲା ଜାଗାରେ ରଖନ୍ତୁ ।

୫. **ଖାଦ୍ୟ ରନ୍ଧା ପାଇଁ ବିଶୁଦ୍ଧ ପାଣି ଓ ସଫା ଖାଦ୍ୟ ସାମଗ୍ରୀର ବ୍ୟବହାର କରନ୍ତୁ ।**

୬. **ଲମ୍ବା ହ୍ୟାଣ୍ଡେଲ ଥିବା ଡ଼ଙ୍କିର ବ୍ୟବହାର କରିବା:-** ପାଣି ରଖା ହୋଇଥିବା ଜାଗାରୁ ପାଣି କାଢ଼ିବା ପାଇଁ ଲମ୍ବା ହ୍ୟାଣ୍ଡେଲ ଥିବା ଡ଼ଙ୍କି ବ୍ୟବହାର କରିବା ଆବଶ୍ୟକ । ପାଣି ରଖିବା ଜାଗାଟି ସାଧାରଣତଃ ସଫା, ଶୁଖିଲା ଓ ଉଚ୍ଚ ଜାଗାରେ ହେବା ଆବଶ୍ୟକ ।

## ସପ୍ତମ ଅଭିଯାନ ଦିବସ – ତରଳ ଓ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଦିବସ

ଏହି ଦିବସ ପାଳନର ଲକ୍ଷ ଓ ଉଦ୍ଦେଶ୍ୟ ହେଉଛି, ଗୋଷ୍ଠୀ ସ୍ତରରେ ଏଥି ଯୋଗୁଁ ଦେଖାଯାଉଥିବା ସମସ୍ୟାକୁ ଚିହ୍ନଟ କରି ଏହାର ସମାଧାନକୁ ଏକ ସୁସ୍ଥ ବାତାବରଣରେ ପରିଚାଳନା ଓ ଦୂର କରିବା ।

### ଅଭିଯାନ ଦିବସର ଉଦ୍ଦେଶ୍ୟ

- ଲୋକମାନଙ୍କ ମଧ୍ୟରେ, ତରଳ ଓ କଠିନ ବର୍ଜ୍ୟବସ୍ତୁ ପରିଚାଳନାର ସଚେତନତା ଓ ଉତ୍ତମ ବୁଝାମଣା ସ୍ଥାପନ କରିବା ।
- ବର୍ଜ୍ୟବସ୍ତୁର ପୃଥକୀକରଣ ତଥା ପୁନଃ ବ୍ୟବହାର ଯୋଗ୍ୟ କରିବା ନିମନ୍ତେ ଉତ୍ସାହିତ କରିବା ।
- ଗୋଷ୍ଠୀସ୍ତରର ଲୋକଙ୍କୁ, ସୋକ୍ ପିଟ୍ ଓ କମ୍ପୋଷ୍ଟ ପିଟ୍ ତିଆରି ଏବଂ ତାହାର ବ୍ୟବହାର ବିଷୟରେ ଅବଗତ କରିବା ।

ଆମେ ଜାଣୁ ଆମର ପ୍ରମୁଖ ବର୍ଜ୍ୟବସ୍ତୁ ଯାହାକି ଆଉ ବ୍ୟବହାର ଯୋଗ୍ୟ ନ ଥାଏ ସେଥିରୁ ଦରକାରୀ ସାର ପ୍ରସ୍ତୁତ ହୋଇ ପାରେ କିନ୍ତୁ ଏଥି ପାଇଁ ଆମକୁ ସମସ୍ତ ବର୍ଜ୍ୟବସ୍ତୁର ଉପଯୁକ୍ତ ପୃଥକୀକରଣ କରିବାକୁ ପଡ଼ିବ । ଯଦି ଏହା ନ କରାଯାଏ ତେବେ ଏହାକୁ ପୁନଃ ବ୍ୟବହାର ଯୋଗ୍ୟ କରାଯାଇ ପାରିବ ନାହିଁ । ଏହା ସହିତ ଆମକୁ ଦୈନନ୍ଦିନ ବ୍ୟବହୃତ ଜଳକୁ ମଧ୍ୟ ସୁଚାରୁ ରୂପେ ପରିଚାଳନା କରିବାକୁ ପଡ଼ିବ । ଯଦି ନିଷ୍କାଷିତ ଜଳକୁ ଏକ ଗର୍ତ୍ତରେ ଛଡ଼ାଯାଏ ତେବେ ତାହା ଦ୍ୱାରା ଆମ ଭୂପୃଷ୍ଠ ଜଳସ୍ତରରେ ଏକ ସନ୍ତୁଳନ ଆସିଥାଏ ।

### ପ୍ରସ୍ତୁତିକରଣ

୧. ଏହି ଦିବସ ପାଳନ ପୂର୍ବରୁ, ଆଶା ଦିଦି ନିଜ ଗ୍ରାମରୁ କେତେଜଣ ସ୍ୱେଚ୍ଛାସେବୀଙ୍କୁ ଚିହ୍ନଟ କରିବେ ଏବଂ ସେମାନଙ୍କୁ ଏହାର ଉଦ୍ଦେଶ୍ୟ ବିଷୟରେ ବୁଝାଇବା ସହିତ ସମ୍ୟକ ତାଲିମ ଦେବେ ।

୨. ସ୍ୱେଚ୍ଛାସେବୀମାନେ ଏହି ବର୍ଜ୍ୟବସ୍ତୁର ପରିଚାଳନା ଓ ତାହାର ପୁନଃ ବ୍ୟବହାର ଯଥା ଗର୍ତ୍ତ ମାଧ୍ୟମରେ ନିଷ୍କାଷିତ ଜଳ ସଂଗ୍ରହ ଓ ଅନ୍ୟାନ୍ୟ ବର୍ଜ୍ୟବସ୍ତୁରୁ ପ୍ରସ୍ତୁତ ହେଉଥିବା ସାର ବିଷୟରେ ଗୋଷ୍ଠୀସ୍ତରର ଲୋକଙ୍କୁ ନମୁନା ପ୍ରଦର୍ଶନ ମାଧ୍ୟମରେ ବୁଝାଇବେ ।

### କାର୍ଯ୍ୟପନ୍ଥା

୧. ଗୋଷ୍ଠୀସ୍ତରର ଲୋକଙ୍କୁ ବର୍ଜ୍ୟବସ୍ତୁ ଓ ନିଷ୍କାଷିତ ଜଳରୁ ହେଉଥିବା ସଂକଟ ବିଷୟରେ ବୁଝାଯିବ ।

୨. ଗ୍ରାମରେ ଥିବା ଏହିପରି ଏକ ସ୍ଥାନ ଚିହ୍ନଟ କରି ଲୋକମାନଙ୍କୁ ସେମାନେ ନିଜେ ହୃଦୟଙ୍ଗମ କରିବା ନିମନ୍ତେ ଦେଖାଯିବ ।

୩. ନିଷ୍କାଷିତ ଜଳର ପୁନଃ ବ୍ୟବହାରକୁ ଏକ ନମୁନା ପ୍ରଦର୍ଶନ ମାଧ୍ୟମରେ ବୁଝାନ୍ତୁ ।

୪. ବର୍ଜ୍ୟବସ୍ତୁର ପୃଥକୀକରଣ, ଏହାଦ୍ୱାରା ପ୍ରସ୍ତୁତ ସାର ତଥା ପୁନଃ ବ୍ୟବହାର ଯୋଗ୍ୟ ବିଷୟରେ ଆଲୋଚନା କରାଯିବ ।

୫. ନିଷ୍କାଷିତ ଜଳକୁ କିପରି ଏକ ଗର୍ତ୍ତରେ ସଂଗ୍ରହ, ବର୍ଜ୍ୟବସ୍ତୁରୁ କିପରି ସାର ପ୍ରସ୍ତୁତ, ଏଥିପାଇଁ ଉପଯୁକ୍ତ ସ୍ଥାନ ତଥା ନିର୍ଦ୍ଦିଷ୍ଟ କିଛି ଲୋକଙ୍କ ମଧ୍ୟରେ ଦାୟିତ୍ୱ ବଣ୍ଟନର ଏକ ଯୋଜନା ପ୍ରସ୍ତୁତ କରାଯାଇ ଗ୍ରାମପଂଚାୟତରେ ଆଲୋଚନା କରାଯିବ ।

## ବର୍ଜ୍ୟବସ୍ତୁ କାହିଁକି ଓ କିପରି ପୃଥକୀକରଣ କରାଯିବ

ବର୍ଜ୍ୟବସ୍ତୁ ପୃଥକୀକରଣ କରିବା ଦ୍ୱାରା ଅଦରକାରୀ ପଦାର୍ଥକୁ ଠିକ୍ ରୂପେ ନଷ୍ଟ କାରାଯାଇ ପାରିବ ଏବଂ କିଛିଟାକୁ ପୁନଃ ବ୍ୟବହାର ଯୋଗ୍ୟ କରିହୁଏ । ଏହାକୁ କରିବା ଅତି ସହଜ ହୋଇଥାଏ ଯାହାକୁକି ତିନୋଟି ସୋପାନରେ କରାଯାଇଥାଏ ।

ପ୍ରଥମ ସୋପାନରେ ଓଦାଳିଆ ବର୍ଜ୍ୟବସ୍ତୁ ଯେମିତିକି ଖାଦ୍ୟ ପଦାର୍ଥ ରଖାଯିବ ।

ଦ୍ୱିତୀୟ ସୋପାନରେ ଶୁଖିଲା ବର୍ଜ୍ୟବସ୍ତୁ ଯଥା ପତ୍ର, ଲଟା, ରୋଷେଇ ଘରରୁ ବାହାରୁଥିବା ବର୍ଜ୍ୟବସ୍ତୁ ଯାହାକି ପୁନଃ କାର୍ଯ୍ୟରେ ଲାଗିପାରିବ ସେଗୁଡ଼ିକୁ ରଖାଯିବ ।

ତୃତୀୟ ସୋପାନରେ ଶୁଖିଲା ବର୍ଜ୍ୟବସ୍ତୁ ଯଥା ପ୍ଲାଷ୍ଟିକ, ପଲିଥିନ, କାଚ ଇତ୍ୟାଦି ଯାହାକି ପୁନଃ କାର୍ଯ୍ୟରେ ଲାଗିପାରିବ ନାହିଁ ତାହା ରଖାଯିବ ।

## ନିଷ୍କାଷିତ ଜଳର ପରିଚାଳନା

ଆମର ଦୈନନ୍ଦିନ କାର୍ଯ୍ୟରେ ଜଳର ବ୍ୟବହାର ଯଥା ଗାଧୋଇବା, ଲୁଗା ସଫା କରିବା ଓ ଅନ୍ୟାନ୍ୟ ସଫା ଦ୍ୱାରା ଦୂଷିତ ଜଳ ବାହାରି ଥାଏ ଯାହାକି ଘରର ଚାରିପଟେ, ଗାଧୋଇବା ସ୍ଥାନରେ, ରାସ୍ତା ଉପରେ ଜମା ହୋଇରହେ ତଥା ନିଷ୍କାଷନ ପଥକୁ ବନ୍ଦ କରି ସ୍ୱାସ୍ଥ୍ୟ ପ୍ରତି ବିପଦ ଆଣିଥାଏ । ଏହି ଜଳକୁ ଆମେ ଆମ ବଗିଚାରେ ବ୍ୟବହାର କରିପାରିବା ଯଦି କୌଣସି ପରିବାରର ବଗିଚା ନ ଥାଏ ତେବେ ସେ ଏକ ଗର୍ତ୍ତ ମାଧ୍ୟମରେ ଉକ୍ତ ଜଳକୁ ରଖି ଭୂପୃଷ୍ଠଜଳସ୍ତରରେ ଏକ ସନ୍ତୁଳନ ଆଣିପାରିବେ ।

## କଠିନ ବର୍ଯ୍ୟବସ୍ତୁର ପରିଚାଳନା

କଠିନ ବର୍ଯ୍ୟବସ୍ତୁକୁ, ପ୍ରାକୃତିକ ପବନ ଓ ଜଳର ମିଶ୍ରଣରେ ଏକ ଉନ୍ନତ ଧରଣର ଖତ ପ୍ରସ୍ତୁତ କରାଯାଇ ପାରିବ । ଯାହାକି ଏକ ସୁସ୍ଥ ମୃତ୍ତିକା ପ୍ରସ୍ତୁତ କରି ଗଛ ଲତା ଆଦିକୁ ଭଲ ଭାବରେ ବଢ଼ିବାରେ ସାହାଯ୍ୟ କରିବ ।

## ପ୍ରସ୍ତୁତିକରଣ :

ପ୍ରଥମେ ଦୁଇଟି ଗର୍ତ୍ତ ପ୍ରସ୍ତୁତ କରି ଗୋଟିକରେ ପରିବା ଚୋପା, ଫଳର ଚୋପା ଏବଂ ବଳିପଡୁଥିବା ଖାଦ୍ୟ ପଦାର୍ଥ ଇତ୍ୟାଦି ଜମା କରନ୍ତୁ ଏବଂ ଅନ୍ୟ ଗର୍ତ୍ତରେ ଶୁଖିଲା ପଦାର୍ଥ ଯେମିତିକି ଲତା ପତ୍ର, ଧୂଳିଗୁଂଡ଼ ଇତ୍ୟାଦି ରଖନ୍ତୁ । ବର୍ତ୍ତମାନ ଏହି ଦୁଇଟି ଆବର୍ଜନା ଗଛିତ ଜାଗା ନିକଟରେ ଆଉ ଏକ ଗର୍ତ୍ତ ପ୍ରସ୍ତୁତ କରନ୍ତୁ ଓ ଦୁଇ ପ୍ରକାରର ଆବର୍ଜନାକୁ ସ୍ତର ସ୍ତର କରି ଉକ୍ତ ଗର୍ତ୍ତରେ ପକାନ୍ତୁ । ଏହା ପରେ ତାହାକୁ ଏକ ଶୁଡୁଳି ଅଖା ଦ୍ୱାରା ଘୋଡ଼ାଇ ଦିଅନ୍ତୁ । ଯଦି ତାହା ଅତ୍ୟନ୍ତ ଶୁଖିଲା ଥିବ ତେବେ ସେଥିରେ ଜଳ ସିଞ୍ଚନ କରିବା ଦ୍ୱାରା ତାହା ୨ ରୁ ୩ ମାସ ମଧ୍ୟରେ ଏକ ଉନ୍ନତ ଖତରେ ପରିଣତ ହୋଇଯିବ ଯାହାକି ଚାଷ କାମରେ ବ୍ୟବହାର କରାଯାଇପାରିବ ।

# ଅଷ୍ଟମ ଅଭିଯାନ ଦିବସ- ଉତ୍ତମ ସ୍ୱାସ୍ଥ୍ୟ ଓ ଜୀବନଶୈଳୀ ଉତ୍ସାହିତ ଦିବସ

ଏହି ଦିବସର ଲକ୍ଷ୍ୟ ଗୋଷ୍ଠୀସ୍ତରର ଲୋକଙ୍କ ମଧ୍ୟରେ ଉତ୍ତମ ସ୍ୱାସ୍ଥ୍ୟ ଜୀବନଶୈଳୀର ମୁଖ୍ୟ ଉପାଦାନ ଗୁଡ଼ିକ ବିଷୟରେ ଅବଗତ କରାଇବା ଏବଂ ଏହାକୁ ଠିକ୍ ରୂପେ ବୁଝିବା ।

## ନିଷ୍କର୍ଷ

- ସୁସ୍ଥ ଜୀବନ ଶୈଳୀ ଏବଂ ତାହାର ମୁଖ୍ୟ ଉପାଦାନ ବିଷୟରେ ଅବଗତ କରାଇବା; ଯେମିତିକି ଉତ୍ତମ ପୁଷ୍ଟିକର ଖାଦ୍ୟ ଓ ନିୟମିତ ଶାରୀରିକ ପରିଶ୍ରମ ଇତ୍ୟାଦି ।
- ଗୁଟଖା ଓ ମଦ ଆଦି କିପରି ଆମ ସ୍ୱାସ୍ଥ୍ୟରେ ଖରାପ ପ୍ରଭାବ ପକାଇଥାଏ ସେଥିପାଇଁ ତାହାକୁ କିପରି ଦୂରେଇ ରଖାଯାଇ ପାରିବ ସେ ବିଷୟରେ ଅବଗତ କରାଇବା ।
- ସ୍ୱାସ୍ଥ୍ୟ ବିରୋଧି ଜୀବନଶୈଳୀ କିପରି ବିଭିନ୍ନ ପ୍ରକାରର ଅଣସଂକ୍ରାମକ ରୋଗ ଆମ ଶରୀରକୁ ଆଣିଥାଏ ସେ ସମ୍ପର୍କରେ ଅବଗତ କରାଇବା ।

## ପ୍ରସ୍ତୁତିକରଣ

୧. ଏହି ଦିବସ ପାଳନ ନିମନ୍ତେ ସମସ୍ତ ପ୍ରକାରର ଛାତ୍ର ସଂଗଠନ ଯଥା ଏନ୍.ଏସ୍.ଏସ୍, ସ୍କାଉଟ ଓ ଗାଇଡ୍ସ କିମ୍ବା ଏନ୍.ସି.ସି ମୁଖ୍ୟ କର୍ଣ୍ଣଧାର ଅଟନ୍ତି । ଯଦି ଏପରି ସଂଗଠନ ନଥାନ୍ତି ତେବେ ଗାଁ କଲ୍ୟାଣ ସମିତି ନିଜ ଅଂଚଳରେ ଥିବା ବିଦ୍ୟାଳୟର ଶିକ୍ଷକଙ୍କ ମାଧ୍ୟମରେ ସେହି ବିଦ୍ୟାଳୟର ଛାତ୍ରର ସଂଗଠନ କରାଇ ସେମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ଓ ଜୀବନଶୈଳୀ ବିଷୟରେ ବୁଝାଯିବ ।

୨. ଯଦି ଉକ୍ତ ଦିନଟି ବିଦ୍ୟାଳୟ ଚାଲିବାଦିନ ପଡ଼େ ତେବେ ଗାଁ କଲ୍ୟାଣ ସମିତି, ଛାତ୍ରମାନଙ୍କ ଅଂଶଗ୍ରହଣ ନିମନ୍ତେ ଉକ୍ତ ବିଦ୍ୟାଳୟକୁ ଅନୁରୋଧ କରିବେ ।

୩. ଏହି ଦିବସରେ ଅଣସଂକ୍ରାମକ ରୋଗ ଯଥା ଡ଼ାଇବେଟିସ, ହାଇପର ଟେନ୍ସନ୍ ଇତ୍ୟାଦିକୁ ଚିହ୍ନଟ କରିବା ନିମନ୍ତେ ଏକ କାର୍ଯ୍ୟକ୍ରମ କରାଯିବ ।

## କାର୍ଯ୍ୟପନ୍ଥା

୧. ଗୋଷ୍ଠୀସ୍ତରର ଲୋକମାନଙ୍କୁ ବିଦ୍ୟାଳୟର ଶିକ୍ଷକ କିମ୍ବା ଆଗଧାଡ଼ିର ସ୍ୱାସ୍ଥ୍ୟ ସେବକ/ସେବିକାଙ୍କ ମାଧ୍ୟମରେ ଉତ୍ତମ ସ୍ୱାସ୍ଥ୍ୟ ଓ ଜୀବନଶୈଳୀ ବିଷୟରେ ବୁଝାଯିବ । ଆଶା କିମ୍ବା ଏ.ଏନ୍.ଏମ୍, ବିଦ୍ୟାଳୟ ଶିକ୍ଷକ କିମ୍ବା ଅନ୍ୟଙ୍କୁ ଏହା ବିଷୟରେ ସବିଶେଷ ଆଲୋଚନା କରିବେ ।

୨. ଏହା ପରେ ଛାତ୍ରମାନେ ଉକ୍ତ ବିଷୟ ଉପରେ ଆଧାରିତ ପଥପ୍ରାନ୍ତ ନାଟକ ମାଧ୍ୟମରେ ଗୋଷ୍ଠୀସ୍ତରର ଲୋକମାନଙ୍କୁ ବୁଝାଇବେ ।

୩. ଏହି ନାଟକ ସରିବା ପରେ, ମୁଖ୍ୟ ବାର୍ତ୍ତା ଗୁଡ଼ିକୁ ଲୋକମାନଙ୍କୁ ବୁଝାଯିବା ସହିତ ଅଣସଂକ୍ରାମକ ରୋଗର ଚିହ୍ନଟିକରଣ ନିମନ୍ତେ କାର୍ଯ୍ୟକ୍ରମର ଆୟୋଜନ କରାଯିବ ।

୪. ଗାଁରେ ଥିବା ଦୋକାନ ଯାହା ଗୁଟଖା ତଥା ସେହି ପ୍ରକାରର ସାମଗ୍ରୀ ବିକୁଥିବେ ତଥା ଗାଁରେ ଥିବା ମଦ ଦୋକାନ କିପରି ଗାଁର ଯୁବଗୋଷ୍ଠୀ ତଥା ନାବାଳକ/ନାବାଳିକା ସେହିସବୁ ପଦାର୍ଥଠାରୁ ଦୂରରେ ରହିବେ ସେଥିନିମନ୍ତେ କାର୍ଯ୍ୟମାନ କରାଯିବାକୁ ସୁନିଶ୍ଚିତ କରିବେ ।

୫. ଏହି ଉତ୍ତମ ସ୍ୱାସ୍ଥ୍ୟ ଓ ଜୀବନଶୈଳୀ କାର୍ଯ୍ୟକ୍ରମ କିପରି ସଫଳ ରୂପେ ଅନୁଷ୍ଠିତ କରାଯାଇପାରିବ ସେଥିନିମନ୍ତେ ଏକ ଯୋଜନା ପ୍ରସ୍ତୁତ କରାଯାଇ ସ୍ୱେଚ୍ଛାସେବୀମାନଙ୍କ ମାଧ୍ୟମରେ ଏହାକୁ କିପରି ଅନୁଶୀଳନ ତଥା ସହଯୋଗ କରାଯିବ ସେଥିପ୍ରତି ଦୃଷ୍ଟି ଦିଆଯିବ ।

**ଉତ୍ତମ ସ୍ୱାସ୍ଥ୍ୟ ଓ ଜୀବନଶୈଳୀର କେତୋଟି ଉପାଦାନ**

**୧. ସ୍ୱାସ୍ଥ୍ୟୋପଯୋଗୀ ପୋଷଣ-**

ଆମେ ଗ୍ରହଣ କରୁଥିବା ଖାଦ୍ୟର ପରିମାଣ ଆମ ଶରୀରର ଗଠନ, ବୟସ, ଲିଙ୍ଗ ଏବଂ ଶାରୀରିକ ପରିଶ୍ରମ ଉପରେ ନିର୍ଭର କରିଥାଏ । ଯେପରିକି ଅଧିକ ଶାରୀରିକ ପରିଶ୍ରମ କରୁଥିବା ବ୍ୟକ୍ତି ଅଧିକ ପରିମାଣର ଖାଦ୍ୟ ଖାଇବା ଉଚିତ୍ ଏବଂ କମ୍ ଶାରୀରିକ ପରିଶ୍ରମ କରୁଥିବା ବ୍ୟକ୍ତି କମ ପରିମାଣର ଖାଦ୍ୟ ଖାଇବା ଉଚିତ । ଏହା ସହିତ ଆମକୁ ଏକ ସନ୍ତୁଳିତ ଖାଦ୍ୟ ଗ୍ରହଣ କରିବା ଉଚିତ୍ ଯେଉଁଥିରେ କି ସମସ୍ତ ପ୍ରକାରର ପୁଷ୍ଟି ଥିବ ।

**୨. ନିୟମିତ ଶାରୀରିକ ପରିଶ୍ରମ-**

କୈଶୋର ଅବସ୍ଥାରେ ଆମେ, ସପ୍ତାହକୁ ଅତି କମ୍‌ରେ ୨ଘଣ୍ଟା୩୦ ମିନିଟ୍ ମଧ୍ୟମ ଧରଣର ଶାରୀରିକ ବ୍ୟାୟାମ୍ କରିବା ଉଚିତ୍ ଯେମିତିକି-ଦ୍ରୁତଗତିରେ ଚାଲିବା, ପାହାଚ ଚଢ଼ିବା, ସାଇକେଲ ଚଲାଇବା, ନାଚିବା, ବିଭିନ୍ନ ପ୍ରକାରର ଖେଳ ଖେଳିବା, ଯୋଗ କରିବା ଇତ୍ୟାଦି ।

**୩. ଗୁଟଖା ଆଦି ପଦାର୍ଥଠାରୁ ଦୂରେଇ ରହିବା-**

ସମସ୍ତ ପ୍ରକାରର ଗୁଟ୍‌ଖା ଆଦି ପଦାର୍ଥର ସେବନଠାରୁ ଦୂରେଇ ରହିବା ଏକ ପ୍ରକାରର ସୁସ୍ଥ ଜୀବନଶୈଳୀର ମୁଖ୍ୟ ପଦକ୍ଷେପ । ସମସ୍ତ ପ୍ରକାରର ନିଶା ସେବନ ଯାହାକି ଧୂମ୍ର ମାଧ୍ୟମରେ ହେଉ କିମ୍ବା ଧୂମ୍ର ବିହିନ ହେଉ ଉଭୟେ ଆମ ଶରୀରରେ ନକାରାତ୍ମକ ପ୍ରଭାବ ପକାଇଥାଏ ଯାହାକି ଦୀର୍ଘସ୍ଥାୟୀ ହୋଇଥାଏ ଯେମିତିକି ଉଚ୍ଚ ରକ୍ତଚାପ, ହୃଦଘାତ ଏବଂ କର୍କଟ ରୋଗ ଇତ୍ୟାଦି ଏବଂ କିଛି ସ୍ୱଳ୍ପ ସମୟ ପାଇଁ ହୋଇଥାଏ ଯେପରିକି ଶ୍ୱାସ, ନିଶ୍ୱାସ ପ୍ରଶ୍ୱାସରେ କଷ୍ଟ ଏବଂ ଦନ୍ତ ଆଦିରେ ଯନ୍ତ୍ରଣା ଇତ୍ୟାଦି ।

**୪. ମଦ୍ୟପାନଠାରୁ ଦୂରେଇ ରହିବା-**

ଆମ ଭାରତରେ ବହୁ କାଳରୁ ଲୋକମାନେ ମଦ୍ୟପାନ କରିଆସୁଛନ୍ତି, କିନ୍ତୁ ଗତ କିଛି ବର୍ଷ ହେବ ଏହାର କୁପ୍ରଭାବ ଅତି ମାତ୍ରାରେ ବଢ଼ିଯାଇଛି । ଏହାର କୁପ୍ରଭାବରେ ମଧୁମେହ ହୃଦଘାତ, ଉଚ୍ଚ ରକ୍ତଚାପ, ବିଭିନ୍ନ ପ୍ରକାରର କର୍କଟ ରୋଗ ଯେମିତିକି ପାଟି ଭିତରେ, ଗଳାରେ, ସ୍ତନ କର୍କଟ ଇତ୍ୟାଦି ହୋଇଥାଏ । ତେଣୁ ଯଦି ଆମେ ସୁସ୍ଥ ଜୀବନଶୈଳୀ ଚାହୁଁ ତେବେ ଆମକୁ ମଦ୍ୟପାନ ଠାରୁ ଦୂରରେ ରହିବାକୁ ପଡ଼ିବ ।

**ଅଣ-ସଂକ୍ରାମକ ରୋଗ ଓ ଏହାର ତଥ୍ୟ**

**ମଧୁମେହ (ଡ଼ାଇବେଟିସ୍)**

ଆମେ ଶ୍ୱେତସାର ଭାବେ ଯେଉଁ ଖାଦ୍ୟ କିମ୍ବା ପାନୀୟ ଗ୍ରହଣ କରୁ ସେ ସବୁ ପରବର୍ତ୍ତୀ ପର୍ଯ୍ୟାୟରେ ଆମ ଶରୀରରେ ପରିବର୍ତ୍ତିତ ହୋଇ ଗ୍ଲୁକୋଜରେ ପରିଣତ ହୋଇଥାଏ । ଆମ ଶରୀରକୁ ଶକ୍ତି ଯୋଗାଇ ଥାଏ । ଏହି ଗ୍ଲୁକୋଜକୁ ଶରୀରର ପ୍ରତ୍ୟେକଟି କୋଷ ପାଖରେ ପହଞ୍ଚାଇବା ପାଇଁ ଇନ୍‌ସୁଲିଇନ୍ ସାହାଯ୍ୟ କରିଥାଏ । ମଧୁମେହ ରୋଗୀଙ୍କ ଠାରେ କେତେ ଜଣଙ୍କ କ୍ଷେତ୍ରରେ ଇନ୍‌ସୁଲିନ୍ ତିଆରି ହୋଇପାରେନି ଓ ଅନ୍ୟ କେତେକଙ୍କ କ୍ଷେତ୍ରରେ ଇନ୍‌ସୁଲିନ୍ ତିଆରି ହେଲେ ମଧ ତାହା ଶରୀର କୋଷ ଦ୍ୱାରା ବ୍ୟବହାର ହୋଇ ନଥାଏ । ଯାହାକି ରକ୍ତରେ ଅତିମାତ୍ରାରେ ସର୍କରା ପ୍ରବାହିତ ହୋଇଥାଏ ।

ନିୟମିତ ଭାବେ ଶର୍କରା ସ୍ତର ଅଧକ ରହିଲେ ଏହା ଆମ ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଗୁଡ଼ିକର କାର୍ଯ୍ୟଧାରାକୁ ପ୍ରଭାବିତ କରିଥାଏ । ଯେପରିକି କିଡ଼ିନ୍, ବୃକକ୍, ହୃତ୍‌ପିଣ୍ଡ, ଲିଭର ଇତ୍ୟାଦି । ଏଣୁ ରକ୍ତରେ ସର୍କରାର ସ୍ତରକୁ ନିୟନ୍ତ୍ରିତ ରଖିବା ପାଇଁ ନିୟମିତ ରକ୍ତ ଯାଞ୍ଚ କରିବା, ଔଷଧ ସେବନ ଓ ଜୀବନ ଶୈଳୀରେ ପରିବର୍ତ୍ତନ ଆଣି ନିୟମିତ ବ୍ୟାୟାମ ଓ ଖାଦ୍ୟରେ ନିୟନ୍ତ୍ରଣ ରଖିବାର ଆବଶ୍ୟକତା ରହିଛି ।

**ଉଚ୍ଚ ରକ୍ତଚାପ**

ଉଚ୍ଚ ରକ୍ତଚାପକୁ ନୀରବ ଘାତକ କୁହାଯାଏ । ଏହି ପ୍ରକାରର ରୋଗ ଆମକୁ କୌଣସି ସତର୍କ ସୂଚନା କିମ୍ଵା ଲକ୍ଷଣ ନଦେଖାଇ ହୋଇଥାଏ । ଏହାକୁ ଯଦି ଠିକ୍ ସମୟରେ ନିୟନ୍ତ୍ରଣ କରା ନ ଯାଏ ତେବେ ଏହା ଆମ ରକ୍ତ ନଳୀକୁ କ୍ଷତି କରିବା ସଙ୍ଗେ ସଙ୍ଗେ ଆମର ଶରୀରର ବିଭିନ୍ନ ଅଙ୍ଗ ଯଥା ମସ୍ତିଷ୍କ, ବୃକକ୍, ଆଖି ଇତ୍ୟାଦିକୁ କ୍ଷତି କରିଥାଏ । ନିୟମିତ ଭାବେ ରକ୍ତଚାପ ଯାଂଚ କଲେ ଏହାର ସଅଳ ଚିହ୍ନଟୀକରଣ କରିହେବ ଏବଂ ଏହା ଦ୍ୱାରା ଉଚ୍ଚ ରକ୍ତଚାପ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ନ୍ରିଯାଇ ଏହାକୁ ନିୟନ୍ତ୍ରଣ କରାଯାଇ ପାରିବ ।

**କର୍କଟ**

କର୍କଟ ଏକ ଏପରି ରୋଗ ଯାହା ଆମ ଶରୀରର କୌଣସି ସ୍ଥାନରେ କୋଷିକାର ଅନିୟନ୍ତ୍ରିତ ବିଭାଜନ କାରଣରୁ ହୋଇଥାଏ । ଏହାଫଳରେ ସେହି ସ୍ଥାନରେ ଅତ୍ୟଧିକ ମାଂସବୃଦ୍ଧି ହୋଇଥାଏ । କର୍କଟ ରକ୍ତ ମାଧ୍ୟମରେ ଶରୀରର ଅନ୍ୟ ସ୍ଥାନକୁ ପ୍ରସାରିତ ହୋଇଥାଏ । ଆମ ଦେଶରେ ବିଭିନ୍ନ ପ୍ରକାରର କର୍କଟ ରୋଗ ହୋଇଥାଏ । ସେଥିମଧ୍ୟରୁ ବିଷେଶ ଭାବେ ୩ ପ୍ରକାର କର୍କଟ ଦେଖାଦିଏ । ଯେପରିକି ଜରାୟୁ କର୍କଟ, ସ୍ତନ କର୍କଟ ମହିଳାମାନଙ୍କ କ୍ଷେତ୍ରରେ ଏବଂ ମୁଖ ଗହ୍ୱର କର୍କଟ ଉଭୟ ମହିଳା ଓ ପୁରୁଷ ମାନଙ୍କ କ୍ଷେତ୍ରରେ ଦେଖା ଦେଇଥାଏ ।

ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ଅନ୍ତର୍ଗତ ପ୍ରଶିକ୍ଷିତ ଆଗଧାଡ଼ିର କର୍ମଚାରୀ ମାନଙ୍କ ଦ୍ୱାରା ଗୋଷ୍ଠୀ ସ୍ତରରେ ଅଣସଂକ୍ରମକ ରୋଗର ଚିହ୍ନଟ କରାଯାଉଅଛି । ଉକ୍ତ ଅଭିଯାନ ଦିବସରେ ଏକ ଯାଞ୍ଚ ଶିବିରର ଆୟୋଜନ କରାଯାଇ ରୋଗୀ ଚିହ୍ନଟ କରାଯିବ ।

# ନବମ ଅଭିଯାନ ଦିବସ - ରୋଗ ବାହକ ନିୟନ୍ତ୍ରଣ ଦିବସ

ଏହି ରୋଗ ବାହକ ଏକ ପ୍ରକାରର ଅତି କ୍ଷୁଦ୍ର ଅଣୁ ଏବଂ ପରଜୀବୀ ହୋଇଥାଆନ୍ତି ଯାହାକି ଏକ ସଂକ୍ରମିତ ମଣିଷ କିମ୍ବା ପଶୁ ଠାରୁ ଅନ୍ୟ ମଣିଷ କିମ୍ବା ପଶୁକୁ ପରିବାହିତ ହୋଇ ବିଭିନ୍ନ ରୋଗ କରାଇଥାଏ । ଏହି ରୋଗ ଗୁଡ଼ିକ ସେହି ସ୍ଥାନରେ ହେବାର ସଂଭାବନା ଅଧିକ ଥାଏ ଯେଉଁଠାରେ ଶୁଦ୍ଧ ପାନୀୟ ଜଳ ନ ଥାଏ କିମ୍ବା ପରିମଳ ବ୍ୟବସ୍ଥା ଖରାପ ଥାଏ । ଏହି ପ୍ରକାରର ରୋଗ ବାହକର ବ୍ୟାପକତାଠାରୁ ମୁକ୍ତ ରହିବା ନିମନ୍ତେ ଆମକୁ ପରିବେଶ ପରିଷ୍କାର ରଖିବା ଉଚିତ୍ ।

**ଅଭିଯାନ ଦିବସର ଉଦ୍ଦେଶ୍ୟ**

- ଗ୍ରାମସ୍ତରରେ ଲୋକଙ୍କଠାରେ, ଏହି ରୋଗ ବାହକର ନିୟନ୍ତ୍ରଣ ଓ ଉପାୟଗୁଡ଼ିକ ସମ୍ପର୍କରେ ଉତ୍ତମ ବୁଝାମଣା ସୃଷ୍ଟି କରିବା ।
- ଗୋଷ୍ଠୀସ୍ତରରେ, ଏହି ରୋଗ ବାହକର ନିୟନ୍ତ୍ରଣର ଉପାୟଗୁଡ଼ିକୁ କାର୍ଯ୍ୟମାଧ୍ୟମରେ ଲୋକଙ୍କୁ ବୁଝାଇ ଗ୍ରାମକୁ ରୋଗ ବାହକମୁକ୍ତ କରିବା ।
- ଗ୍ରାମକୁ ସର୍ବଦା ରୋଗ ବାହକମୁକ୍ତ କରି ରଖିବା ନିମନ୍ତେ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିବା ।

**ପ୍ରସ୍ତୁତିକରଣ**

୧. ଏହି ଦିବସ ପାଳନ ନିମନ୍ତେ ଗାଁ କଲ୍ୟାଣ ସମିତି ନିଜ ଅଞ୍ଚଳରେ ଥିବା ଛାତ୍ର ସଂଗଠନ ଯଥା ଏନ୍.ଏସ୍.ଏସ୍, ସ୍କାଉଟ ଓ ଗାଇଡ଼ସ କିମ୍ବା ଏନ୍.ସି.ସି ଆଦିକୁ ପରିଚାଳିତ କରିପାରିବେ । ଯଦି ଏପରି ସଂଗଠନ ନଥାନ୍ତି ତେବେ ଗାଁ କଲ୍ୟାଣ ସମିତି ଛାତ୍ର କିମ୍ବା ଯୁବଗୋଷ୍ଠୀଙ୍କୁ ନେଇ ଏପରି ସଂଗଠନ କରି ତାହାକୁ ପରିଚାଳିତ କରିପାରିବେ ।

୨. ଏପରି ସଂଗଠନ ଚିହ୍ନଟିକରଣ ପରେ ସେମାନଙ୍କୁ ଉପଯୁକ୍ତ ଧାରଣା ପ୍ରଦାନ କରି ଦିବସଟିକୁ ପାଳନ କରିବେ ।

**କାର୍ଯ୍ୟପନ୍ଥା**

୧. ଛାତ୍ର କିମ୍ବା ଯୁବଗୋଷ୍ଠୀଙ୍କ ନିମନ୍ତେ ଏକ ଛୋଟ ତାଲିମ କାର୍ଯ୍ୟକ୍ରମ କରାଯିବ ଯାହାକି କୌଣସି ବିଦ୍ୟାଳୟ ଶିକ୍ଷକ କିମ୍ବା ଅନ୍ୟ କେହି ବ୍ୟକ୍ତି ଯାହାଙ୍କର ଉକ୍ତ ବିଷୟରେ ଧାରଣା ଥିବ ତାହାଙ୍କ ଦ୍ୱାରା ପ୍ରଦାନ କରାଯିବ ।

୨. ତାଲିମ କାର୍ଯ୍ୟକ୍ରମ ପରେ ଛାତ୍ର କିମ୍ବା ଯୁବଗୋଷ୍ଠୀ ନିଜ ଗ୍ରାମର ପ୍ରତ୍ୟେକଟି ଘରକୁ ପରିଦର୍ଶନ କରି ନିମ୍ନଲିଖିତ ବିଷୟ ପରିବାର ଲୋକଙ୍କୁ ବୁଝାଇବେ ।

କ. ରୋଗ ବାହକ ବିଷୟରେ ତଥ୍ୟ ପ୍ରଦାନ କରିବେ ।

ଖ. ଗ୍ରାମରେ ମଇଳାପାଣି ଜମୁଥିବା ସମସ୍ତ ସ୍ଥାନ ଚିହ୍ନଟ କରିବେ ।

ଗ. ନାଟକ ମାଧ୍ୟମରେ ପାଣି ଜମୁଥିବା ସ୍ଥାନର ପରିଚାଳନା ଓ ତଦ୍‌ଜନିତ ରୋଗରୁ କିପରି ମୁକ୍ତ ରହିହୁଏ ତାହା ଗାଁର ଲୋକଙ୍କୁ ବୁଝାଇବେ ।

୩. ଯେଉଁ ସ୍ଥାନରେ ପାଣି ଅଧିକ ଦିନ ଜମି ରୁହେ ସେଠାରେ ମଶା ତାଙ୍କ ବଂଶବୃଦ୍ଧି କରାଇ ବିଭିନ୍ନ ରୋଗର କାରଣ ହୋଇଥାନ୍ତି ବୋଲି ଗାଁ ଲୋକଙ୍କୁ ବୁଝାଇ ଏହାକୁ କିପରି ସର୍ବଦା ସଫା ରଖିବା ସେ ବିଷୟରେ ବୁଝାଇବେ ।

୪. ଛାତ୍ରମାନେ ଗ୍ରାମକୁ ରୋଗ ବାହକ ମୁକ୍ତ ରଖିବାର ଉପାୟ, ଏକ କାର୍ଯ୍ୟଖସଡ଼ା ମାଧ୍ୟମରେ ପ୍ରସ୍ତୁତ କରି ଉପଯୁକ୍ତ ପଦକ୍ଷେପ ନିମନ୍ତେ ସଂପୃକ୍ତ ଗ୍ରାମ ପଂଚାୟତରେ ପେଶ କରିବେ ।

**ରୋଗ ବାହକ କିମ୍ବା ମଶା ଦ୍ୱାରା ପରିବାହିତ ରୋଗକୁ ପ୍ରତିହତ କରିବା ନିମନ୍ତେ ପଦକ୍ଷେପ ଏବଂ ଉପାୟ**

୧. **ପାରିବେଶିକ ପରିବର୍ତ୍ତନ**

ନିଷ୍କାଷିତ ଜଳ ପ୍ରବାହିତ ନିମନ୍ତେ ଉନ୍ନତ ଧରଣର ନଳ ବ୍ୟବହାର କରନ୍ତୁ ଯାହାରକି ଫାଟିବାର ସମ୍ଭାବନା କମ ରହିବ ଏବଂ ନିଷ୍କାଷିତ ଜଳ ଅନ୍ୟତ୍ର ଜମା ହୋଇ ରହିବ ନାହିଁ ଯାହାକି ମଶାଙ୍କ ବଂଶ ବୃଦ୍ଧି କରିବାକୁ ଦେବ ନାହିଁ । ଛାତ ଉପର ପାଣିଟାଙ୍କି କିମ୍ବା ଭୂମିରେ ଗଛିତ ଜଳକୁ ମଶାରୀ ଦ୍ୱାରା ଘୋଡ଼ାଇ ରଖିବା ଉଚିତ କାରଣ ତାହାମଧ୍ୟ ମଶା ବୃଦ୍ଧି କରାଇବାରେ ସାହାଯ୍ୟ କରେ ।

ଆମ୍ଭେମାନେ ବାସ କରୁଥିବା ସ୍ଥାନର ଚତୁର୍ପାଶ୍ୱରେ କୌଣସି ଏପରି ସ୍ଥାନ ବା ପଦାର୍ଥକୁ ଅଧିକ ଦିନ ପକାଇ ରଖିବା ଉଚିତ୍ ନୁହେଁ କାରଣ ଏହି ସବୁ ସ୍ଥାନରେ ପାଣି ଜମି ମଶାଙ୍କ ବଂଶବୃଦ୍ଧି କରାଇଥାନ୍ତି ଯାହାଦ୍ୱାରାକି ରୋଗ ବ୍ୟାପିଥାଏ ।

୨. **ବାସସ୍ଥାନସ୍ତରରେ ପରିବର୍ତ୍ତନ**

ଆମ୍ଭେ ଯେଉଁ ଘରେ ବସବାସକରୁ ସେହି ଘରର କବାଟ ଏବଂ ଝରକାକୁ ମଶାଜାଲ ଦ୍ୱାରା ଆବଦ୍ଧ କରି ରଖିଲେ ମଶା ଗୃହ ମଧ୍ୟକୁ ପ୍ରବେଶ କରିପାରି ନଥାନ୍ତି ଏବଂ ରୋଗ ବ୍ୟାପିବାର ସମ୍ଭାବନା କମ୍ ହୋଇଥାଏ ।

୩. **ମଶାଙ୍କ ବଂଶ ବୃଦ୍ଧିକୁ ପ୍ରତିହତ କରିବା ନିମନ୍ତେ ଜୈବିକ ପଦକ୍ଷେପ**

ଆମର ବ୍ୟବହାରିକ ଜଳ ଯେଉଁଠାରେ ଜମାରୁହେ ସେଠାରେ ଯଦି ଆମେ ଗାମ୍ବୁଶିଆ ମାଛ ଛାଡୁ ତେବେ ସେଠାରେ ମଶାଙ୍କର ବଂଶବୃଦ୍ଧି ସମ୍ଭବ ହୋଇନଥାଏ ।

୪. **ମଶାଙ୍କ ବଂଶ ବୃଦ୍ଧିକୁ ପ୍ରତିହତ କରିବା ନିମନ୍ତେ ରାସାୟନିକ ପଦକ୍ଷେପ**

ଏହି ପଦକ୍ଷେପରେ ଆମେ ଏକ ରାସାୟନିକ ତୈଳ ଘରର ଆବର୍ଜନା ଜମା ହେଉଥିବା ସ୍ଥାନରେ ସିଞ୍ଚନ କରିଥାଉ ଯାହାକି ମଶାଙ୍କୁ ମାରିବା ପାଇଁ ସକ୍ଷମ ଅଟେ ।

୫. **ନିଜସ୍ୱ ସୁରକ୍ଷିତ ପଦକ୍ଷେପ**

ଏହି ପଦକ୍ଷେପଟି ଅତି ସହଜ ଓ ଫଳପ୍ରଦ । ଏଥିପାଇଁ ଆମକୁ ମଶାରୀ, ମଶାବତୀ ବିଭିନ୍ନ ସିଞ୍ଚନ ଆଦି ବ୍ୟବହାର କରିବାକୁ ପଡିଥାଏ ।

**ବାହକ ଜନ୍ମିତ ରୋଗ ଗୁଡ଼ିକର ଲକ୍ଷଣ ଓ ନିରାକରଣ**

| ରୋଗ | ବାହକ | ଲକ୍ଷଣ | ନିରାକରଣ | ଚିକିତ୍ସା |
|---|---|---|---|---|
| ମ୍ୟାଲେରିଆ | ଏହା ମାଈ ଆନୋଫିଲିସ୍ ମଶା କାମୁଡ଼ିବା ଦ୍ୱାରା ବ୍ୟାପିଥାଏ । ଏହା ସାଧାରଣତଃ ରାତି ଓ ଭୋର୍ ସମୟରେ କାମୁଡ଼ିଥାନ୍ତି । | ଜ୍ୱର ହେବା, ଝାଳ ବାହାରିବା, ମୁଣ୍ଡ ବ୍ୟଥା ହେବା ଏବଂ ବାନ୍ତି ହେବା ଯାହାକି ମଶା କାମୁଡ଼ିବାର ୧୦ ରୁ ୧୫ ମଧ୍ୟରେ ଆରମ୍ଭ ହୋଇଥାଏ । | ଘରବାଡ଼ି ସଫା ରଖିବା, ମଶାରୀ ଟାଙ୍ଗି ଶୋଇବା, ମଶା ମାରି ପାରୁଥିବା ପଦାର୍ଥ ବ୍ୟବହାର କରିବା ଯେପରି ଆଇ.ଆର୍.ଏସ୍, LLIN ଇତ୍ୟାଦି । | ଲକ୍ଷଣ ଦେଖାଯିବା ସଙ୍ଗେ ସଙ୍ଗେ ଡ଼ାକ୍ତରଙ୍କୁ ପରାମର୍ଶ କରନ୍ତୁ । ଆଶା ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ଯୋଗାଯୋଗ କଲେ ସେମାନେ ମଧ ସହଯୋଗ କରି ପାରିବେ । |
| ଡ଼େଂଗୁ | ମାଈ ଏଡ଼ିସ୍ ମଶା କାମୁଡ଼ିବା ଦ୍ୱାରା ବ୍ୟାପେ।ଏହା ସାଧାରଣତଃ ଦିନବେଳା କାମୁଡ଼ିଥାନ୍ତି । | ଅଧିକ ମାତ୍ରାରେ ଜ୍ୱର ହେବା, ଗଣ୍ଠି ବ୍ୟଥା, ମୁଣ୍ଡ ବ୍ୟଥା, ଭୋକ ନ ଲାଗିବା, ବାନ୍ତି ହେବା, ଚର୍ମ କୁଣ୍ଡାଇ ହେବା ଇତ୍ୟାଦି । | | |
| ଚିକୁନ୍‌ଗୁନିଆ | | | | |
| କାଲା ଆଜାର (ବ୍ଲାକ୍‌ଫିବର) | ଏହା ଏକ ପ୍ରକାରର ମାଛି ସ୍ୟାଣ୍ଡଫ୍ଲାଇ କାମୁଡ଼ିବା ଦ୍ୱାରା ହୋଇଥାଏ । ଏହା ମଶାର ୪ ଭାଗରୁ ଭାଗେ । | ଜ୍ୱର, ଭୋକ ନ ଲାଗିବା, ଅଧିକ ମାତ୍ରାରେ ଦୁର୍ବଳ ଲାଗିବା, କେଶ ଝଡ଼ିବା, ଚର୍ମ ଶୁଖିଯିବା । ଆନେମିଆ ହେବାର ସମ୍ଭାବନା ଅଧିକ ଥାଏ । | ଆଇଆରଏସ ଏବଂ ଡ଼ିଡ଼ିଟି ମିଶାଇ ଅତି କମ୍‌ରେ ୬ ଫୁଟ୍ ଉଚ୍ଚତା ପର୍ଯ୍ୟନ୍ତ ସିଞ୍ଚନ କରାନ୍ତୁ । | |
| ଜେ.ଇ. | କ୍ୟୁଲେକ୍ସ ମଶା କାମୁଡ଼ିବା ଦ୍ୱାରା | ଜ୍ୱର, ଫୋଟୋକୋବିଆ, ମୁଣ୍ଡ ବ୍ୟଥା ହେବା ଇତ୍ୟାଦି । | ଘରବାଡ଼ି ସଫା ରଖିବା, ମଶାରୀ ଟାଙ୍ଗି ସୋଇବା, ମଶାମାରିପାରୁଥିବା ପଦାର୍ଥ ବ୍ୟବହାର କରିବା । | |
| ଫାଇଲେରିଆସିସ୍ (ବାତଜ୍ୱର) | ମାଇ କ୍ୟୁଲେକ୍ସ ଓ କାନ୍‌ସୋନିଆ ମଶା କାମୁଡ଼ିବା ଦ୍ୱାରା | ପ୍ରାଥମିକ ଅବସ୍ଥାରେ:- କମ୍ପ ହୋଇ ଜ୍ୱର ଆସିବା, ଗୋଡ଼ ହାତ ଘୋଳା ବିନ୍ଧା ହେବା,ଚର୍ମରେ ଠାଏ ଠାଏ ଲାଲ୍ ଦାଗ ହେବା ଇତ୍ୟାଦି ରୋଗ ପୁରୁଣା ହେଲେ:-ଗୋଡ଼ ପାଦ ଫୁଲି ଗୋଦର ହେବା, ହାଇଡ୍ରୋସିଲ୍, ମହିଳା ମାନଙ୍କ ସ୍ତନ ଫୁଲି ଦରଜ ହେବା ଇତ୍ୟାଦି | ଗୋଷ୍ଠୀରେ ସମସ୍ତଙ୍କ ଦେହରୁ କୀଟାଣୁ ନଷ୍ଟ କରିବା ପାଇଁ "ସାମୁହିକ ଔଷଧ ସେବନ" ଓ ମଶା ନିୟନ୍ତ୍ରଣ ଓ ମଶା କାମୁଡ଼ାରୁ ରକ୍ଷା ପାଇବା ପାଇଁ ଉପାୟ । | |

## ଦଶମ ଅଭିଯାନ ଦିବସ : ସ୍ୱଚ୍ଛତା ଚମ୍ପିୟାନ ଦିବସ

ଏହି ଅଭିଯାନ ଦିବସଟି ସ୍ଥାନୀୟ ଅଭିଯାନ ଦଳ (ଯେଉଁମାନେ ବିଭିନ୍ନ ଅଭିଯାନ ଦିବସ ଗୁଡ଼ିକୁ ସଫଳଭାବରେ ପରିଚାଳନା କରିବାରେ ସାହାଯ୍ୟ କରିଥିବେ) ଙ୍କ ଦ୍ୱାରା ଯୋଜନା ଓ ପରିଚାଳନା କରାଯିବ ।

### ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ:

- ଅଭିଯାନ ଦିବସ ଗୁଡ଼ିକର ମୁଖ୍ୟ ସଫଳତା, ନିଷ୍କର୍ଷ, ପରିଣାମକୁ ଚିହ୍ନଟୀକରଣ କରିବା ଏବଂ ସେଗୁଡ଼ିକୁ ପ୍ରତ୍ୟେକ ଅଭିଯାନ ଦିବସ ସହ ଯୋଡ଼ିବା ।
- ଅଭିଯାନ ଦିବସରେ ସମ୍ପୃକ୍ତ ଥିବା ସ୍ୱେଚ୍ଛାସେବୀ ମାନଙ୍କୁ  ଚିହ୍ନଟକରିବା ଓ ସେମାନଙ୍କୁ ସମ୍ବର୍ଦ୍ଧିତ କରିବା ।
- ମୂଖ୍ୟ ସମସ୍ୟା, ଆବଶ୍ୟକ ଥିବା କାର୍ଯ୍ୟକ୍ରମ ଓ ସମ୍ବଳ, ବିଭିନ୍ନ କାର୍ଯ୍ୟକ୍ରମ ବା ଯୋଜନା ଆଦିକୁ ଚିହ୍ନଟକରିବା ଏବଂ ଅଭିଯାନ ନିମନ୍ତେ ଥିବା ଆବଶ୍ୟକ ସଂଶାଧାନ ଏବଂ କାର୍ଯ୍ୟାବଳୀ ସହ ପଞ୍ଚାୟତ ତଥା ସରକାରୀ ସ୍ତରରେ ଥିବା ଯୋଜନା ଓ ପୁଞ୍ଜିର ବିନିଯୋଗକୁ ଲକ୍ଷ୍ୟ ରଖିବା ।

### ଅଭିଯାନ ଦିବସର କାର୍ଯ୍ୟପନ୍ଥା:

ଏହି ଦିବସଟି ମୁଖ୍ୟତଃ ଉତ୍ସବ ମୁଖରିତ ରହିବ ଏବଂ ଦଳର ମୁଖ୍ୟ ସଦସ୍ୟ, ଅଭିଯାନର ଅଧିନାୟକ ତଥା ଗୋଷ୍ଠୀର ସଦସ୍ୟ ଯେଉଁମାନେ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିବେ, ସେମାନଙ୍କୁ ସମ୍ମାନିତ କରିବା ଉପରେ କେନ୍ଦ୍ରିତ ହେବ । ଏହା ସହିତ ଆସନ୍ତା ବର୍ଷର ଅଭିଯାନ ଦିବସ ନିମନ୍ତେ ମୂଖ୍ୟ ବିଷୟବସ୍ତୁ ଗୁଡ଼ିକ କଣ ରହିବ ସେ ସମ୍ପର୍କରେ ଆଲୋଚନା କରାଯିବ ଏବଂ ଆସନ୍ତା ମାସ ଅଭିଯାନ ଦିବସ ଯଥା:-ଗ୍ରାମ ସଭା ଦିବସରେ ଉପସ୍ଥାପନା କରିବାକୁ ଥିବା ସମସ୍ୟା ସମ୍ପର୍କରେ ନିଷ୍ପତି ନିଆଯିବ ।

## ଏକାଦଶତମ ଅଭିଯାନ ଦିବସ : ଗ୍ରାମ ସଭା ଦିବସ

ଏହି ଦିନଟିର ସଂରଚନା, ଗୋଷ୍ଠୀର ସଦସ୍ୟ ଓ ଗ୍ରାମସଭା ସଦସ୍ୟ ମାନଙ୍କର ପରାମର୍ଶ କ୍ରମେ ସ୍ଥାନୀୟ ଅଭିଯାନ ଦଳ ଦ୍ୱାରା ପ୍ରସ୍ତୁତ ହେବ ।

**ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ:**

- ପ୍ରତ୍ୟେକ ଅଭିଯାନ ଦିବସର ମୁଖ୍ୟ ସଫଳତା, ନିଷ୍କର୍ସ ଏବଂ ପରିଣାମ ଗୁଡ଼ିକୁ ଗ୍ରାମ ସଭାରେ ଉପସ୍ଥାପନ କରାଯିବ ।
- ଗ୍ରାମ ସଭା ଦ୍ୱାରା ଅଭିଯାନ ଦିବସର ଅଧିନେତା ମାନଙ୍କୁ ମାନ୍ୟତା ପ୍ରଦାନ କରାଯିବ ।
- ଗ୍ରାମସଭାର ଅନୁମୋଦନ ଏବଂ ସମର୍ଥନ ନିମନ୍ତେ ଅଭିଯାନର ମୁଖ୍ୟ ସମସ୍ୟା, ଅଭିଳାସିତ କାର୍ଯ୍ୟ ଏବଂ ଆବଶ୍ୟକ ସଂଶାଧନକୁ ଗ୍ରାମସଭାରେ ଉପସ୍ଥାପନା କରାଯିବ ।

କ୍ଷେତ୍ର ସ୍ତରରେ ଏହି ଅଭିଯାନ ଦିବସ ଗୁଡ଼ିକର ତଦାରଖ ତଥା ସହଯୋଗ ନିମନ୍ତେ ଗ୍ରାମ ପଚଂାୟତର ମୁଖ୍ୟ ଭୂମିକା ରହିବ ।

ଅଭିଯାନର ପ୍ରଥମ ମାସରେ ପ୍ରସ୍ତୁତି ହୋଇଥିବା ଯୋଜନା, ଅଭିଯାନ ଦଳର ମୂଖ୍ୟ ସଦସ୍ୟ ମାନଙ୍କ ଦ୍ୱାରା ମାସିକ ଗ୍ରାମପଚଂାୟତ ସଭାରେ ଉପସ୍ଥାପନା କରାଯିବ ଏବଂ ଗ୍ରାମପଚଂାୟତର ପରାମର୍ଶ ପରେ ଯୋଜନାଟି ଚୂଡ଼ାନ୍ତ ହେବ । ଅଭିଯାନର କେତେଗୁଡ଼ିଏ ମୌଳିକ ପ୍ରସଙ୍ଗ ଉପରେ ଗ୍ରାମ ପଚଂାୟତର ଅନୁମୋଦନ ମଧ୍ୟ ନିଆଯିବ । ଯେପରିକି:

- ଅଭିଯାାନ ଦିବସ ପାଳନର ସମୟ, ତାରିଖ ଏବଂ ସ୍ଥାନ – ମାସିକ ଅଭିଯାନ ଦିବସର ଦିନ ବା ତାରିଖ ସେହି ଗ୍ରାମର ପ୍ରତିନିଧି ମାନଙ୍କ ଦ୍ୱାରା ନିର୍ଦ୍ଧାରିତ କରାଯିବା ଉଚିତ୍ । ଏହିକ୍ରମରେ ଅଭିଯାନ ଦିବସ ପାଳନର ଦିନ ବା ତାରିଖ ବିଭିନ୍ନ ଗାଁ କଲ୍ୟାଣ ସମିତିରେ ଭିନ୍ନ ଭିନ୍ନ ହୋଇପାରେ ।
- ପ୍ରତ୍ୟେକ ଅଭିଯାନ ଦିବସର କାଯ୍ୟପନ୍ଥା ଏବଂ କାର୍ଯ୍ୟପ୍ରଣାଳୀ ।
- ପ୍ରତ୍ୟେକ ଅଭିଯାନ ଦିବସର ତଦାରଖ ନିମିତ୍ତ ୨/୩ ଟି ମୁଖ୍ୟ ସୂଚକାଙ୍କ ଉପରେ ଆଲୋକପାତ କରାଯିବ ।

ପ୍ରତ୍ୟେକ ମାସର ଗ୍ରାମପଞ୍ଚାୟତ ସଭାରେ ଅଭିଯାନ ଦିବସର ସ୍ଥିତି ସମ୍ପର୍କରେ ବିବରଣୀ ଦଳର ମୁଖ୍ୟ ସଦସ୍ୟମାନେ ଉପସ୍ଥାପନା କରିବେ । ଯେଉଁ ସମସ୍ୟା ଗୁଡ଼ିକର ପରବର୍ତ୍ତୀ ସ୍ତରରେ ସମାଧାନ ହୋଇପାରିବ, ସେଗୁଡ଼ିକ ଆଲୋଚନା କରାଯିବ ଏବଂ ଏକାଭିମୁଖୀ ଓ ଶୃଙ୍ଖଳିତ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରାଯିବ । ଯେହେତୁ ସ୍ୱଚ୍ଛ ଭାରତ ମିଶନ୍‌ର କାର୍ଯ୍ୟକ୍ରମ ଗ୍ରାମପଂଚାୟତ ଜରିଆରେ କାଯ୍ୟକାରୀ ହୋଇଥାଏ, ତେଣୁ ଅଭିଯାନ ପାଇଁ ଆବଶ୍ୟକୀୟ ସହଯୋଗ ସ୍ୱଚ୍ଛଭାରତ ମିଶନ୍ ରୁ ଉପଲବ୍ଧ ଥିବା ବ୍ୟବସ୍ଥା ଗୁଡିକ ବିଷୟରେ ଆଲୋଚନା କରାଯାଇ ନିଷ୍ପତି ନିଆଯିବ ଏବଂ ମାସିକ ଗ୍ରାମ ପଂଚାୟତ ସଭାରେ ଏହାକୁ ତଦାରଖ କରାଯିବ ।

ରାଜ୍ୟ ତଥା ଜିଲ୍ଲାସ୍ତରରେ ଥିବା ଗୋଷ୍ଠୀ ପ୍ରକ୍ରିୟା ସହାୟକ କେନ୍ଦ୍ରର ସଦସ୍ୟମାନେ (ଆଶା କାର୍ଯ୍ୟକ୍ରମକୁ ସହଯୋଗ କରୁଥିବା ଦଳ) ବିଭିନ୍ନ ସ୍ତରରେ ନେତୃତ୍ୱ ନେବା ସହ ଏହାକୁ ସହଯୋଗ ଏବଂ ତଦାରଖ କରିବେ ।

ରାଜ୍ୟ ସ୍ତରରେ ଥିବା ଗୋଷ୍ଠୀ ପ୍ରକ୍ରିୟା ସହାୟକ କେନ୍ଦ୍ରର ସଦସ୍ୟ ମାନେ ରାଜ୍ୟ ସ୍ତରରେ ଅନ୍ୟ ବିଭାଗ ସହ ସଂପୃକ୍ତି ଏବଂ ସମନ୍ୱୟ ନିମନ୍ତେ କାର୍ଯ୍ୟ କରିବେ । ଉଭୟ ରାଜ୍ୟ ଏବଂ ଜିଲ୍ଲା ସ୍ତରରେ ସହଯୋଗୀ କାର୍ଯ୍ୟକାରୀ ଦଳ ଗଠନ ହେବ । ବିଭିନ୍ନ ବିଭାଗ ଯେପରିକି ସ୍ୱଚ୍ଛ ଭାରତ ମିଶନ୍, ସୂଚନା ଏବଂ କ୍ଷମତା ବିକାଶ ୟୁନିଟ୍, ମହିଳା ଶିଶୁ କଲ୍ୟାଣ ବିଭାଗ ତଥା ପଞ୍ଚାୟତରାଜ୍ ମନ୍ତ୍ରଣାଳୟର ପ୍ରତିନିଧିମାନଙ୍କୁ ମଧ୍ୟ ଏଥିରେ ସାମିଲ୍ କରାଯାଇ ପାରିବ ।

ଜିଲ୍ଲାସ୍ତରରେ ମଧ୍ୟ ସମାନରୂପେ ସହଯୋଗୀ କାର୍ଯ୍ୟକାରୀ ଦଳ ଯେଉଁଥିରେ ଜିଲ୍ଲା ସ୍ୱଚ୍ଛ ଭାରତ ମିଶନ୍ ସଂଚାଳନ ସମିତି, ମହିଳା ଏବଂ ଶିଶୁ ବିଭାଗ ଓ ପଚଂାୟତିରାଜ୍ ବିଭାଗର ପ୍ରତିନିଧି ଓ ଜିଲ୍ଲା ପରିଷଦ ସଦସ୍ୟଙ୍କୁ ନେଇ ଗଠିତ ହେବ ଏବଂ ଜିଲ୍ଲା ଗୋଷ୍ଠୀ ପ୍ରକ୍ରିୟା କାର୍ଯ୍ୟକ୍ରମ ପରିଚାଳକ ଏହାର ନେତୃତ୍ୱ ନେବେ ।

ଅଭିଯାନ ଦିବସ ପରିଚାଳନା ପାଇଁ ପ୍ରତ୍ୟେକ ଗାଁ କଲ୍ୟାଣ ସମିତି ସ୍ତରରେ ଗାଁ କଲ୍ୟାଣ ସମିତି ସଦସ୍ୟ ଓ ଗୋଷ୍ଠୀର ଅନ୍ୟ ମୁଖ୍ୟ ସଦସ୍ୟଙ୍କୁ ଚୟନ କରାଯାଇ ଏକ ଦଳ ଗଠନ କରାଯିବ ।

ପ୍ରତ୍ୟେକ ଅଭିଯାନ ଦିବସ ପାଇଁ ଅଭିଯାନ ଦିବସ ଶେଷରେ ୨-୩ ଟି ସୂଚକାଙ୍କ ସ୍ଥିର କରାଯିବ ଯାହା ସେହି ଅଭିଯାନ ସହ ସମ୍ପର୍କିତ ପରବର୍ତ୍ତୀ କାର୍ଯ୍ୟ ଯୋଜନା ସହ ସମ୍ବନ୍ଧିତ ଥିବ । ଉଦାହରଣ ସ୍ୱରୁପ ଖୋଲା ମଳତ୍ୟାଗ ମୁକ୍ତ ଗାଁ ଦିବସର ଏକ ମୌଳିକ ସୂଚକାଙ୍କ ଏହା ହୋଇପାରିବ ଯେ, ଗାଁରେ କେତେ ସଂଖ୍ୟା ଘରେ ଶୌଚାଳୟ ନାହିଁ ଏବଂ ସେମାନେ ଘରେ ଶୌଚାଳୟ ନିର୍ମାଣ କରିବାକୁ ଚାହୁଁଛନ୍ତି ।